# ଧରିତ୍ରୀ

DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, February 19/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 87 | ମୂଲ୍ୟ₹୭/-





ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୯/୨୦୨୪ Bhubaneswar, Monday, February 19/2024


DSPL-675

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



#ନୂଆ-ଓ ଛାତ୍ରବୃତ୍ତି

# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।

OIPR-11001/13/0078/2324



@DHE_Odisha
@hedodisha
www.fb.com/dheodisha

0674-2323401, 2323402, 2323403 2323404
https://scholarship.odisha.gov.in
scholarshiped@gmail.com

ଉଚ୍ଚ ଶିକ୍ଷା ବିଭାଗ

ଧରିତ୍ରୀ
DHARITRI
ଧରିତ୍ରୀ 50 Years






# ପିଓକେରେ ଚାଇନା ପ୍ରଯୁକ୍ତି, ପାକିସ୍ତାନୀ ଟାୱାର

## ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ସହଜ କରୁଛି

**ନୂଆଦିଲ୍ଲୀ,୧୮।୨(ପି.ଟି.)**

ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କୁ କଶ୍ମୀର ଭିତରକୁ ଅନୁପ୍ରବେଶ କରାଇବା ଉଦ୍ଦେଶ୍ୟରେ ପାକ୍-ଅଧିକୃତ କଶ୍ମୀର (ପିଓକେ) ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନ ଲଗାତର ଭାବେ ଟେଲିକମ୍ ଟାୱାର ବଢ଼ାଇଚାଲିଛି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଚାଇନା ଦ୍ୱାରା ବିକଶିତ ୱାଇଏସ୍ଏମ୍ଏସ୍ ସେବା ବ୍ୟବହାର କରିଆସୁଛନ୍ତି। ଏହି ଟେକ୍ନୋଲୋଜି ସ୍ମାର୍ଟଫୋନ୍ ଓ ରେଡିଓ ସେଟ୍‌ଗୁଡ଼ିକୁ ଯୋଗାଯୋଗ ଉଦ୍ଦେଶ୍ୟରେ ମର୍ଜ କରାଇଥାଏ। ନିକଟରେ ହୋଇଥିବା କେତେକ ଅନୁପ୍ରବେଶ ଉଦ୍ୟମ ଏବଂ ଜମ୍ମୁର ପୀର ପଞ୍ଜାଲ ରେଞ୍ଜ ଆତଙ୍କବାଦୀ ଆକ୍ରମଣ ଉପରେ ଅନୁଧ୍ୟାନ ପରେ ସେନା ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି।



ୱାଇଏସ୍ଏମ୍ଏସ୍‌ର ଫୁଲ୍ ଫର୍ମ ହେଉଛି ୟେଓୟୁ ଷ୍ଟକ୍ ମାର୍କେଟ ସିଷ୍ଟମ୍। ଏହି ଟେକ୍ନୋଲୋଜି ଜରିଆରେ ଅନୁପ୍ରବେଶକାରୀ ଆତଙ୍କବାଦୀ ଓ ଜମ୍ମୁ କ୍ଷେତ୍ରରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ସହଯୋଗୀଙ୍କ ମଧ୍ୟରେ ଜଣେ ହ୍ୟାଣ୍ଡଲର୍ ଯୋଗାଯୋଗ କରାଇଥାନ୍ତି। ନିୟନ୍ତ୍ରଣରେଖା ଅଞ୍ଚଳରେ ଏହି କାରିଗରିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି, ଯାହାକୁ ଧରିବା ଭାରତୀୟ ସେନା କିମ୍ବା ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପକ୍ଷରେ ଏକପ୍ରକାର ଅସମ୍ଭବ। ଭାରତ-ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ଟେଲିକମ୍ ସିଗ୍‌ନାଲକୁ ମଜଭୁତ କରିବା ଦାୟିତ୍ୱ ସ୍ପେଶାଲ କମ୍ୟୁନିକେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ) ନେଇଛି। ପୂର୍ବରୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ କାର୍ଯ୍ୟ କରିଥିବା ସେନାର ମେଜର ଜେନେରାଲ ଉମର ଅହମଦ୍ ଶାହ ଏହାର ନେତୃତ୍ୱ ନେଉଛନ୍ତି। ନୂଆ ଟାୱାରଗୁଡ଼ିକ କୋଡ୍ ଡିଭିଜନ୍ ମଲ୍ଟିପଲ ଆସେସ୍ (ସିଡିଏମ୍ଏ) ଟେକ୍ନୋଲୋଜି ଦ୍ୱାରା ପରିଚାଳିତ। ୱାଇଏସ୍ଏମ୍ଏସ୍ ଅପରେଶନ୍ ଅଧୀନରେ ଏହାକୁ ପ୍ରଭାବଶାଳୀ କରିବା ପାଇଁ ଚାଇନାର ଏକ ସଂସ୍ଥା କାର୍ଯ୍ୟ କରୁଛି। ପିଓକେରୁ ଏହି ଟେଲିକମ୍ ସିଗ୍‌ନାଲ ଜରିଆରେ ଭାରତୀୟ ଭୂଖଣ୍ଡକୁ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଦୁଇ ଦିନ ପୂର୍ବରୁ ଗୁପ୍ତଚର**

# ଚାଷୀନେତାଙ୍କ ସହ କେନ୍ଦ୍ରର ଆଲୋଚନା

**ଚଣ୍ଡିଗଡ଼,୧୮।୨**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବି ନେଇ ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ରାତିରେ କେନ୍ଦ୍ରମନ୍ତ୍ରୀମାନଙ୍କ ଏକ କମିଟି କୃଷକ ନେତାମାନଙ୍କ ସହ ଚଣ୍ଡିଗଡ଼ରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ଚଳାଇଛନ୍ତି। ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନଠାରେ ଅନୁଷ୍ଠିତ ଆଲୋଚନାରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗ ଦେଇଛନ୍ତି। ଗତ ୮, ୧୨ ଏବଂ ୧୫ ତାରିଖରେ କୃଷକ ନେତାମାନଙ୍କ ସହ କେନ୍ଦ୍ରର ୩ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା।




ଟ୍ରଫି ସହ ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ର ଟାଇଟଲ ବିଜେତା ଭାରତୀୟ ମହିଳା ଦଳ।

# ଭାରତୀୟ ମହିଳା ଦଳକୁ ଐତିହାସିକ ସ୍ୱର୍ଣ୍ଣ

## ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍

**ଶାହା ଆଲାମ (ମାଲେସିଆ), ୧୮।୨(ପି.ଟି)**

ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଛି। ରବିବାର ସ୍ଥାନୀୟ ସେଟିଆ ସିଟି କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ଫାଇନାଲରେ ଦଳ ଥାଇଲାଣ୍ଡକୁ ୩-୨ରେ ପରାସ୍ତ କରିଛି। ଦଳକୁ ଜିତାଇବାରେ ଉଦୀୟମାନ ପ୍ରତିଭା ଖେଳାଳି ଅନମୋଲ୍ ଖର୍ବ ପୁଣି ଥରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଅଭିଜ୍ଞ ପି.ଭି. ସିନ୍ଧୁଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସମସ୍ତ ☞ପୃଷ୍ଠା-୫






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫନ୍ ଏବଂ ଫିଟନେସ୍ ୱାର୍କର୍ସ କ୍ଲବ ପକ୍ଷରୁ ଜୟ ଅଫ ଗିଭିଙ୍ଗ, ସ୍ଥାନ: ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୭ଟା।
- ଓଡ଼ିଶା ମିଡ୍ ଡ଼େ ମିଲ୍ ୱାର୍କର୍ସ ୟୁନିୟନ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟର କ୍ୟାଣ୍ଟିନ, ସମୟ: ମଧ୍ୟାହ୍ନ ୧୨ଟା।
- ଅଙ୍ଗରାଗ ପକ୍ଷରୁ ତୃତୀୟ ନାୟିକା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ'ସମର୍ପଣ ୨୦୨୪', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ରଥିଜେମା, ବାଳକାଟୀ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ ଜିଲାସ୍ତରୀୟ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ସହ ପକ୍କାଘର ଯୋଗାଇବା ଦାବିରେ ବିକ୍ଷୋଭ, ସ୍ଥାନ: ସିଏମ୍‌ସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ଓ କୁଳସରିଚୁଆଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସଦର ବ୍ଲକସ୍ତରୀୟ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ, ସ୍ଥାନ: ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ, ସ୍ଥାନ: କଣ୍ଟାପଡା ବ୍ଲକ ଓଲଟପୁରସ୍ଥିତ ଆରୋଗ୍ୟ ଭବନ, ସମୟ: ଅପରାହ୍ନ ୩ଟା ୩୦।

## ପୁରୀ

- ଉତ୍କଳ ବିଦ୍ୱତ ପରିଷଦ ଓ ଆପଣଙ୍କ ସେବା ଆନୁକୂଲ୍ୟରେ ସାମୂହିକ ବ୍ରତୋପନୟନ, ସ୍ଥାନ: ଶ୍ରୀଗୁଣ୍ଡିଚା ଭକ୍ତ ନିବାସ, ସମୟ: ପୂର୍ବାହ୍ନ ୧୦ଟା।
- ଘୋଡ଼ାବଜାର ବସ୍ତି କମିଟି ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା'(ସହରୀ) ସଚେତନତା ଶିବିର, ସ୍ଥାନ: ଧୋବାସାହି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ନାଟକ 'ଡାହି', ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା।
- ୩୮ତମ କୋଣାର୍କ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ, ସ୍ଥାନ: କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ସାଇଁଶ ଶାସନ ପଞ୍ଚାୟତ, ଭଗବତୀପୁର ମଣ୍ଡି ପଡ଼ିଆ, ଗଡ଼ପଦନପୁର ପଞ୍ଚାୟତ, ଭାଣପୁର ହାଇସ୍କୁଲ ଖେଳପଡ଼ିଆ, ହରିପୁର ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- . ଶ୍ରୀ ଗଣେଶ ମହାପ୍ରଭୁଙ୍କ ନୂତନ ମନ୍ଦିର ଏବଂ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନିମାପଡ଼ା ଗୋଲେଇ ଛକ, ସମୟ: ପ୍ରାତଃ ୫ଟା।

## ଖୋର୍ଦ୍ଧା

- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଗହିରଗାଡିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ଜନଶୁଣାଣି ଶିବିର, ସ୍ଥାନ: ବାଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବନ୍ଦର ଓ ପେଟ୍ରୋକେମିକାଲ୍ ପ୍ଲାଣ୍ଟ ସହିତ ହସ୍କରାରୁ ଚଉମୁଖ ଯାଏ ୧୨୦୦ରୁ ୧୫୦୦ ମିଟର ଚଉଡ଼ାରେ ବନ୍ଦର ଭିତ୍ତିକ ଶିଳ୍ପ କରିଡର ନିର୍ମାଣକୁ ବିରୋଧ କରି ବାଲିଆପାଳ ତହସିଲ ଘେରାଉ. ସ୍ଥାନ: ବାଲିଆପାଳ ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଇରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ କଲ୍ୟାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପର ଶୁଭ ଉଦ୍‌ଘାଟନ, ସ୍ଥାନ: ବଉଳାଣି ଓ ଗରସଙ୍ଗ, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୨୫ ପାଲବଣି ଦୁର୍ଗାପୂଜା ପଡ଼ିଆ ଓ ଚପଲ ଫ୍ୟାକ୍ଟ୍ରି ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୁଦଡିହା, କପ୍ତିପଦା, ସମୟ: ସକାଳ ୯ଟା।
- ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର, ସ୍ଥାନ: ଖଳାପଦା, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁରେଇଡିହି, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁଳିଅଣା ବ୍ଲକ ହଳଦିଆ, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁଳିଅଣା ବ୍ଲକ ଆମ୍ବଡୁବି ସିନ୍ଦୂରଗୌରା, ସମୟ: ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କୁଳିଅଣା ବ୍ଲକ ଦରକାଣ୍ଟିଆ,ଦିଗି, ସମୟ:ପୂର୍ବାହ୍ନ ୧୧ଟା।
- ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ସାରସକଣା, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ବକେୟା ଦରମା ଦାବିରେ ବରପଦା ଇଞ୍ଜିନିୟରିଂ କଲେଜର ଛଟେଇ କର୍ମଚାରୀଙ୍କ ଆନ୍ଦୋଳନ, ସ୍ଥାନ: କଲେଜ ଫାଟକ ସାମ୍ନା, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) ସମୀକ୍ଷା ବୈଠକ, ସ୍ଥାନ: କଳ୍ପତରୁ ସେବା ଶିକ୍ଷାଶ୍ରମ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଯୋଜନା ସଚେତନତା ସଭା, ସ୍ଥାନ: ଖରିଦା ବିନାୟକପୁର, ବ୍ରାହ୍ମଣଗାଁ ଓ ଅରଣ୍ଡୁଆ ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଟିକରପଡ଼ାରେ ମହିଳା ଚାଷୀଙ୍କ ସହିତ ରାଜ୍ୟପାଳ ରଘୁବର ଦାସ ଆଲୋଚନା, ସ୍ଥାନ: ଟିକରପଡ଼ା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ରାଜ୍ୟପାଳଙ୍କ ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ଅଭିଭାବକଙ୍କ ସହ ଆଲୋଚନା, ସ୍ଥାନ: ହଳଦିଆଟାଙ୍ଗିରି, ସମୟ: ପୂର୍ବାହ୍ନ ୧୧ ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହିତ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଟାଙ୍ଗରପଳସା, ସମୟ: ପୂର୍ବାହ୍ନ ୧୧ ଟା ୪୦।
- ରାଜ୍ୟପାଳଙ୍କ ଟେଲର ଟ୍ରେନିଂ ସେଣ୍ଟର୍ ପରିଦର୍ଶନ, ସ୍ଥାନ: ନରଣପୁର, ସମୟ: ମଧ୍ୟାହ୍ନ ୧୨ଟା ୫।
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବକ୍ସିବାରିଗାଁ, ଡାକ୍ତର ଓ ଲୋକଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଘଟଗାଁ ବ୍ଲକର ବକ୍ସିବାରିଗାଁ, ସମୟ: ମଧ୍ୟାହ୍ନ ୧୨ ଟା ୫୫।
- ସଦର ବ୍ଲକ୍ ସନ୍ତୋଷୀମା' ରିଜିଓନାଲ କଲେଜ, ବେଲଦାରେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ରାଜ୍ୟପାଳଙ୍କ ସହ ଆଲୋଚନା, ସ୍ଥାନ: ବେଲଦା, ସମୟ: ଅପରାହ୍ନ ୩ ଟା ୧୫।
- ରାଜ୍ୟପାଳଙ୍କ ବଳଦେବଜୀଉ ମନ୍ଦିର ପରିଦର୍ଶନ, ସ୍ଥାନ: ପୁରୁଣା ସହର, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ଚାକୁଣ୍ଡା ପାଳ ଓ ଚେମେଣା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୦ଟା ୩୦।
- ଆମ ଓଡିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଘର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଢ଼େଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ହାଟ ଓ ବ୍ୟାଙ୍କିଙ୍ଗ ସେବା ଉଦ୍‌ଘାଟନ, ସ୍ଥାନ: ବିଷମକଟକ ବ୍ଲକର ଡୁକୁମ୍ ପଞ୍ଚାୟତ,ସମୟ: ସକାଳ ୮ଟା।
- ଆରଏମ୍‌ସିର ନୂତନ ବଜାର ଗୃହ ଉଦ୍‌ଘାଟନ, ସ୍ଥାନ: ବିଷମକଟକ ବ୍ଲକର ହାଟ ମୁନିଗୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆନ୍ଦୋଳନ, ସ୍ଥାନ : ନବରଙ୍ଗପୁର ଜିଲାର ସମସ୍ତ ତହସିଲ ଅଫିସ, ସମୟ : ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ : ଚନ୍ଦାହାଣ୍ଡି ହଳଦୀ, ସମୟ : ସକାଳ ୭ଟା।

## ମାଲକାନଗିରି

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରାଞ୍ଚଳ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆଜମିର ଓ ପୁଷ୍କର ଅଭିମୁଖେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: କ୍ଷେତରାଜପୁର ରେଳଷ୍ଟେଶନ, ସମ୍ବଲପୁର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲକ୍ଷ୍ମୀ ବସ୍‌ର ଲୋକାର୍ପଣ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଶ୍ଚିମ ଓଡିଶାସ୍ତରୀୟ ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ କର୍ଣ୍ଣେଲ ସି. କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ୨ୟ ଦିବସ ଖେଳ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗୋପାଳକାନ୍ତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସ, ସ୍ଥାନ: ମୁରିବାହାଲ ବ୍ଲକର ଧୂସରାମୁଣ୍ଡା, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ନିଖିଳ ଓଡ଼ିଶା ଗୃହ ମଜଦୁର ସଭାର ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୋଟର ସଚେତନତା ଶିବିର, ସ୍ଥାନ: ବେଦବ୍ୟାସ, ପୂର୍ବାହ୍ନ ୧୧ଟା।
- ପୁରୁଷ ପ୍ରୋ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା୩୦।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଚିନିକଲ କର୍ମଚାରୀଙ୍କ ସାଧାରଣ ସଭା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ୬ ଘଣ୍ଟିଆ ରାସ୍ତାରୋକୋ, ସ୍ଥାନ: ଜୟପାଟଣା ବ୍ଲକ ବାନେର, ସମୟ: ସକାଳ ୭ଟାରୁ।

## ନୂଆପଡ଼ା

- ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ୍, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମୁଣ୍ଡାପଲା ଓ ଢୋର୍ଲା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକର ବନ୍ଧାପଥର ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର କୁରୁକୁପା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୁରୁକୁପା ଉପରପଡ଼ା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ହରଭଙ୍ଗା ବ୍ଲକର ଲୁଣିବାହାଲଠାରେ କିଟ୍ ପକ୍ଷରୁ କିସ୍-ବୌଦ୍ଧ (ସିବିଏସଇ) ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଭୂମିପୂଜନ, ସ୍ଥାନ: ଲୁଣିବାହାଲ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼

- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଦେବଗଡ଼ ଚାଲ ଅଭିଯାନ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଶୁଳିଆପଦାଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକର କାଳିଆପାଳ ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଇଙ୍କଫେଷ୍ଟ ପଞ୍ଚମ ସନ୍ଧ୍ୟାରେ ବ୍ୟଙ୍ଗ କବିତା ଆସର, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ଜିଲାରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିବୃତ୍ତିଯୋର ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ ଆଡିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଘାଟକଇଁତରା ଗାଁ ପଡ଼ିଆ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭୂତିଆପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବିଧାନସଭା ନିର୍ବାଚନୀମଣ୍ଡଳୀସ୍ତରୀୟ ବନ୍ଧୁ ମିଳନ, ସ୍ଥାନ: ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ

- ସନ୍ଥକୃପା ହରିହର ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିହାଁ ବ୍ଲକ ବଇଣ୍ଡା ଗ୍ରାମ ସ୍ଥିତ ଆଶ୍ରମ, ସମୟ: ସକାଳ ୮ଟା।
- ଶନି ମନ୍ଦିରର ଭୂମିପୂଜନ ଉତ୍ସବ, ସ୍ଥାନ: ମଦନ ପଡା ସାହି (ଗାଁ ବଇଣ୍ଡା ) ସମୟ: ପୂର୍ବାହ୍ନ ୧୦ଟା।
- ରାମ ମନ୍ଦିର ପାଇଁ ଭୂମି ପୂଜା ଉତ୍ସବ, ସ୍ଥାନ: ଖାଲପାଳ, ନାକିଚି, ସମୟ: ପୂର୍ବାହ୍ନ ୧୦।
- ମା' ଫଟାକାଣ୍ଡିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ଆଇସିଡିଏସ୍ ସମୀକ୍ଷା, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଗଞ୍ଜାମ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶୋଭନୀୟ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡା, ସମୟ: ସନ୍ଧ୍ୟା ୬ଟା।
- ରାମ ଚରିତ ମାନସ ପ୍ରବଚନ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।
- ନାଟକ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଗୋଲାପଡ଼ା, ସମୟ : ଅପରାହ୍ନ ୧ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ ଉଦ୍‌ଯାପନ, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରାମମନ୍ଦିର, ସମୟ: ଅପରାହ୍ନ ୧ଟା।
- ବାଣିଜ୍ୟ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଜେଲ୍ ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

## ଗଜପତି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଆର.ଉଦୟଗିରି ବ୍ଲକ ସୁବଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବଣ୍ଟନ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ନାର୍କୋ କୋ-ଅର୍ଡିନେଶନ ସେଣ୍ଟର ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ଅପରାହ୍ନ ୧ଟା।
- ପୋଷଣ ଅଭିଯାନ ଏବଂ ଜିଲାର ପୁଷ୍ଟି ପଞ୍ଚାୟତ ଘୋଷଣା ସମ୍ପର୍କିତ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶିବାନନ୍ଦ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, ସମୟ: ସକାଳ ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ଦୁମୁକା ଓ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବେଡାରୀ ପଞ୍ଚାୟତ କାର୍ଯ୍ୟାଳୟ, ସୋଲପାଟ ଅଙ୍ଗନୱାଡି କେନ୍ଦ୍ର, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରଶାସନିକ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅଳାଇଲୋ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଗାଁକୁ ଚାଲ ଅଭିଯାନ, ସ୍ଥାନ: ୯ ନଂ. ୱାର୍ଡ, ନୂଆଗାଁ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଦାନପୁର ଓ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ବସୁପୁର ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ଉତ୍ସବ, ସ୍ଥାନ : ଯାଜପୁର ସଦର ଥାନା ପରିସର, ସମୟ : ପୂର୍ବାହ୍ନ ୧୦ଟା।
- କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଜମାକାରୀ ଗଣ ସତ୍ୟାଗ୍ରହ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍‌ର ନେଳିଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକର ଗଙ୍ଗାଧରପୁର ଠାକୁରାଣୀପୀଠ, ନେଉଳପୁର, କଣ୍ଟିଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, କ୍ଷେତ୍ରପାଳ ପଞ୍ଚାୟତର ଗୋପାଳପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା'ଅଙ୍ଗେଶ୍ୱରୀ ମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ରସୁଲପୁର ବ୍ଲକର ବାରବାଟୀ ଗ୍ରାମ, ସମୟ: ପ୍ରାତଃ ୫ଟା୧୫।
- ଦଶରଥପୁର ବ୍ଲକର ଥାଲକୁଡ଼ି ଓ କୟାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଭାଗବତ ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ : ସନ୍ଧ୍ୟା ୭ଟା।
- ନୟାଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଓଡ଼ଗାଁ ବ୍ଲକ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର,ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି, ସ୍ଥାନ ନୟାଗଡ଼ ବ୍ଲକ୍ କଳାହାଣ୍ଡି, ସମୟ:ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକ କାରପିଠା, ସମୟ:ପୂର୍ବାହ୍ନ ୧୧ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକର ସାକେରୀ, ସମୟ : ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକର ଭାଡିକିଳା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ବ୍ଲକ ରାବେରା, ସମୟ:ଅପରାହ୍ନ ୧ଟା।
- ପଠାଣି ସାମନ୍ତ କପ୍ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଉନୁଆଣି, କଦଳିଫେଣି,**
**ମୋ ନଣନ୍ଦର ଓଷା;**
**ଟାକୁଆ ଗାଲକୁ ବନ ହଳଦୀ**
**ଖୋଷି ଦେଇଥାଇ ଖୋଷା।**

ସୌନ୍ଦର୍ଯ୍ୟକୁ ନେଇ ନାରୀଙ୍କ ମନରେ ବିଶେଷ ଆଗ୍ରହ ବା ରୁଚି ରହିଥାଏ। ସଜେଇ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଝିଅର ଫେଶନ ହେବାର ଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିଆଁ ନାହିଁ ଧୂଆଁ ହେଉଛି;**
**ତିନିଦିନ ହେଲା ଚୁଲି ଜଳୁ ନାହିଁ,**
**ନିତି ଡବଡ ଖାଉଛି।**

ରନ୍ଧାବଢ଼ା ନାହିଁ କି ଏପରିକି ଖାଇବାକୁ ମୁଠେ ଦାନା ବି ନାହିଁ। କିଛି ଲୋକ ଅନ୍ୟକୁ ଜଣେଇବାକୁ ଖାଇପିଇ ବେଶ୍ ଆରାମରେ ରହୁଥିବାର ତୁଚ୍ଛା ବାହାନା ବା ଛଳନା କରିବସିଥାନ୍ତି। ନିଜର ଅଭାବ ଅନଟନକୁ ଲୁଚାଇବାକୁ ଯାଇ ଚେଷ୍ଟା ଚଳାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନ ଚନ୍ଦ୍ର ଦୃଷ୍ଟିରେ ଥିବାରୁ ଯାହା ବହୁତ ଦିନହେଲା ହୋଇପାରିନି ତାହା ଆଜି ଆକସ୍ମିକ ଭାବରେ ହୋଇଯିବ। ଆଜି ଉଚ୍ଚସ୍ଥ ମଙ୍ଗଳ ରାଶିକୁ ଅବଲୋକନ କରୁଥିବାରୁ ଆପଣଙ୍କୁ ଉନ୍ନତ ଚିନ୍ତା ପ୍ରଦାନ କରି କାମହାସଲ ସକାଶେ ଅନୁପ୍ରେରିତ କରିବେ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତାରେ ଆନନ୍ଦିତ ହେବେ।

**ବୃଷ** ମୁଖ ଭାବରେ ଚନ୍ଦ୍ର ମନକୁ ଖୁସିରେ ରଖିବେ ଏବଂ କଅଁଳ କଥା କହି କାମ ହାସଲ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟକ୍ଷେତ୍ରରେ ସୁଫଳ ମିଳିବ। ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନ ଉନ୍ନତୀକରଣ କରିପାରିବେ। ସଭା ସମିତିରୁ ଉପକୃତ ହେବେ। ଟେନ୍‌ସନ ଲାଗିରହିବ।

**ମିଥୁନ** ଶ୍ରୀଚନ୍ଦ୍ର ପ୍ରଭାବରେ ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ଘଟିବ। ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ବ୍ୟତିକ୍ରମ ଆଶଙ୍କା ରହିଛି। ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜିର କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିଯିବ।

**କର୍କଟ** ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ ବିବାଦୀୟ ଘଟଣାରେ ନ ପଶିବା ଭଲ ହେବ। ସମ୍ମୁଖରେ ଆପଣଙ୍କୁ କିଏ କିଛି ସିନା କହିବେ ନାହିଁ ପଛରେ ବହୁତ ସମାଲୋଚନା କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପରିବାରରେ ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିବେ।

**ସିଂହ** ଚନ୍ଦ୍ରଙ୍କ ଏକାଦଶସ୍ଥ ଗୁରୁ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଲାଭରେ ସହାୟକ ହେବ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ବ୍ୟବସାୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଲାଭ ପାଇବେ। ମନରେ ଦୁଃଖ ଭରି ରହିଥିଲେ ମଧ ଦାୟିତ୍ୱ ନେଇଥିବା କାମରେ ହେଳା କରିବେ ନାହିଁ।

**କନ୍ୟା** ଆଜି ଚତୁର୍ଥଭାବର ଶୁଭତ୍ୱ ପାରିବାରିକ ସ୍ଥିତିକୁ ସଜାଡ଼ିବାରେ ସାହାଯ୍ୟ କରିବ। ଆଲୋଚନା କ୍ଷେତ୍ରରେ କଡ଼ା ଭାଷାର ପରିଣାମ ଭୋଗିବାକୁ ପଡ଼ିପାରେ। ଶତ୍ରୁତା କରୁଥିବା ଲୋକେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ, ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇବେ।

**ତୁଳା** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ସମସ୍ୟା ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି। ଆଜି କେତେକ କ୍ଷେତ୍ରରେ ସମସ୍ୟା ସମାଧାନଜନିତ ଟେନ୍ସନ ଲାଗି ରହିବ। ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଶତ୍ରୁତା କାରଣରୁ ସୁଯୋଗ ହରାଇବେ।

**ବିଛା** ଶନି ଦୃଷ୍ଟରେ ରାଶି ଥିବାରୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ରହିବା ଭଲ। ଆଜି ଆପଣଙ୍କୁ ବିଭିନ୍ନ ସୂତ୍ରରୁ ଅର୍ଥଲାଭ ହେବ ଏବଂ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବଢ଼ିଯାଇପାରେ।

**ଧନୁ** ସପ୍ତମରେ ଅଷ୍ଟମସ୍ଥ ହେତୁ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହ ମତାନ୍ତର ଅଶାନ୍ତି ସୃଷ୍ଟି କରିପାରେ। ପୁରାତନ ରୋଗର ପୀଡା ସାମାନ୍ୟ ଅନୁଭବ କଲେ ମଧ ବିଶେଷ ଅସୁବିଧା ନ ହୋଇପାରେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପରିବାରରେ ଆର୍ଥିକ ପରିସ୍ଥିତି ପୂର୍ବପରି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ।

**ମକର** ଶୁକ୍ର ରାଶିସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁ କିମ୍ବା ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହୋଇପାରିବ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଧନିଷ୍ଠା ନକ୍ଷତ୍ର ପାଇଁ ବିପରୀତ ଫଳ ମିଳିବ।

**କୁମ୍ଭ** ଷଷ୍ଠାଧିପଙ୍କ ସ୍ଥିତି ସନ୍ତାନଙ୍କ ସମସ୍ୟାକୁ ବହୁଗୁଣିତ କରିପାରେ। ଆଜି ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇ ପଡ଼ିବ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ।

**ମୀନ** ରାହୁଙ୍କ କୁପ୍ରଭାବରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚ ଭାର ବଢ଼ି ଯିବା କାରଣରୁ ଆବଶ୍ୟକତା ପୂରଣ ସକାଶେ ଚିନ୍ତିତ ରହିବେ। ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ।

ଆଜି ଫେବୃଆରୀ ୧୯ ତାରିଖ, ସୋମବାର, ରାଶି ନକ୍ଷତ୍ର- ଦିବା ଘ.୧୦।୩୩ ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠାଦି ଶୁଭକାର୍ଯ୍ୟ କରଣୀୟ। ନାମକରଣ, ଦେବତା ଗଠନ ଓ ପ୍ରତିଷ୍ଠା, ଦୀକ୍ଷାଗ୍ରହଣ ଓ ଅଳଙ୍କାର ଧାରଣ ସକାଶେ ଶୁଭଦିନ ଦିବା ଘ.୦୬।୧୭ ଗତେ, ଘ.୦୭।୪୩ ମଧ୍ୟେ, ଘ.୧୦।୫୨ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୪୩ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।



GOVERNMENT OF UTTAR PRADESH
INVEST UP
THE
MAHAKUMBH
OF BUSINESS INVESTORS
₹10
ଲକ୍ଷ କୋଟି +
ର
ନିବେଶ ପ୍ରକଳ୍ପ
UP NEW INDIA'S GROWTH ENGINE
GROUND BREAKING
CEREMONY @4.0
— 19 FEB 2024 • LUCKNOW —
34
ଲକ୍ଷ +
ଚାକିରି ସୁଯୋଗ
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା
ଗରିମାମୟ ଉପସ୍ଥିତି
ଇଲେକ୍ଟ୍ରୋନିକ ମାନୁଫାକଚରିଙ୍ଗ ହବ୍
ଏମ୍.ଏସ୍.ଏମ୍.ଇ. ହବ୍
ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ ହବ୍
ଏୟାରପୋର୍ଟ ପ୍ରଦେଶ
ମେଟ୍ରୋ ପ୍ରଦେଶ
ଏକ୍ସପ୍ରେସ ପ୍ରଦେଶ
ଆନନ୍ଦୀବେନ ପଟେଲ
ରାଜ୍ୟପାଳ, ଉତ୍ତରପ୍ରଦେଶ
ରାଜନାଥ ସିଂହ
ପ୍ରତିରକ୍ଷା ମନ୍ତ୍ରୀ, ଭାରତ ସରକାର
ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
କେଶବ ପ୍ରସାଦ ମୌର୍ଯ୍ୟ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ବ୍ରଜେଶ ପାଠକ
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ
ନନ୍ଦ ଗୋପାଳ ଗୁପ୍ତା 'ନନ୍ଦୀ'
ମନ୍ତ୍ରୀ, ଔଦ୍ୟୋଗିକ ବିକାଶ, ରପ୍ତାନି ପ୍ରୋତ୍ସାହନ
ଏନଆରଆଇ ଏବଂ ନିବେଶ ପ୍ରୋତ୍ସାହନ, ଉତ୍ତରପ୍ରଦେଶ
ଯଶବନ୍ତ ସିଂହ ସୈନୀ
ରାଜ୍ୟ ମନ୍ତ୍ରୀ, ସଂସଦୀୟ କାର୍ଯ୍ୟ ତଥା
ଔଦ୍ୟୋଗିକ ବିକାଶ, ଉତ୍ତରପ୍ରଦେଶ
ଏବଂ ଅନ୍ୟ ମାନ୍ୟଗଣ୍ୟ ମହାନୁଭବ
ତାରିଖ : ୧୯ ଫେବୃଆରୀ, ୨୦୨୪, ସମୟ : ମଧ୍ୟାହ୍ନ ୧୨.୦୦ ଘଟିକା
ସ୍ଥାନ: ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନ, ଗୋମତୀନଗର, ଲକ୍ଷ୍ନୌ
ସିଧା ପ୍ରସାରଣ
DD NEWS ଓ Youtube.com/DDNEWS
Youtube.com/dduttarpradesh
ଏବଂ
UPGovtOfficial
CMOUttarpradesh
CMOfficeUP
ସୂଚନା ଏବଂ ଜନସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ

# ପୋଲିସକୁ ଧକ୍କା ଦେଇ କଏଦୀଙ୍କୁ ଛଡ଼ାଇନେଲେ ସହଯୋଗୀ

ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୧୮।୨

ପୋଲିସକୁ ଧକ୍କା ଦେଇ ଜଣେ ବିଚାରାଧୀନ କଏଦୀଙ୍କୁ ଛଡ଼ାଇ ନେଇଛନ୍ତି ତାଙ୍କର ୨ଜଣ ସହଯୋଗୀ। ଉକ୍ତ କଏଦୀ ଜଣକ ହେଲେ ଯାଜପୁର ରୋଡ୍ ଉପ କାରାଗାରର ରାଣାପ୍ରତାପ ସିଂ(୫୫)। ତାଙ୍କ ଘର ଜହ୍ନା ଗ୍ରାମରେ। ବାଇକ୍‌ରେ ଆସିଥିବା ରାଣାଙ୍କ ୨ ସହଯୋଗୀଙ୍କ ମଧ୍ୟରୁ ଜଣଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଛି। ଏହି ଘଟଣା ଶନିବାର ଅପରାହ୍ନ ୨ଟାରେ ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଏକ ହୋଟେଲ ସମ୍ମୁଖରେ ଘଟିଥିଲେ ହେଁ ପୋଲିସ ଚାପି ଦେବାକୁ ଉଦ୍ୟମ କରିଛି। ରବିବାର ଘଟଣା ଜଣାପଡ଼ିବା ପରେ ପୋଲିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ଜଣେ ଯୁବତୀଙ୍କୁ ବଳାତ୍କାର କରିବା ସହ ନଗ୍ନ ଫଟୋ ଭାଇରାଲ କରିବା ଅଭିଯୋଗରେ ରାଣାପ୍ରତାପଙ୍କୁ ପାଣିକୋଇଲି ଥାନା ପୋଲିସ ଗତ ୬ ତାରିଖରେ ଗିରଫ କରିଥିଲା। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ରାଣାପ୍ରତାପ ଯାଜପୁର ରୋଡ୍ ଉପ କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଶନିବାର ପୂର୍ବାହ୍ନରେ ରାଣାପ୍ରତାପ ଅସୁସ୍ଥ ଥିବା ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଜେଲ୍‌ର ଫାର୍ମାସିଷ୍ଟ ମନୋରଞ୍ଜନ ପ୍ରଧାନ ଏବଂ ଜିଲା ପୋଲିସ ହେଡ୍‌କ୍ୱାର୍ଟର୍ସର


ରାଣାପ୍ରତାପ ସିଂ

୨ ଜଣ କନଷ୍ଟେବଳ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫେରିବା ସମୟରେ ମେଡିସିନ କିଣିବାବେଳେ ସେ ଫେରାର ହୋଇଯାଇଥିଲେ ବୋଲି ଜେଲ କର୍ତ୍ତୃପକ୍ଷ କୋରେଇ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ହେଲେ ଅନ୍ୟ ସୂତ୍ରରୁ ଜଣାପଡ଼ିଛି ଯେ, ଡାକ୍ତରଖାନାରୁ ଅଭିଯୁକ୍ତ ରାଣାପ୍ରତାପଙ୍କୁ ଧରି ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲକୁ ନିଆଯାଇଥିଲା। ସେଠାରେ ସେମାନେ ମଧ୍ୟାହ୍ନ ଭୋଜନ କରିଥିଲେ। ସେଠାରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ରାଣାପ୍ରତାପଙ୍କୁ ଉଠାଇ ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହିତ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ସେତେବେଳେ ଜଣେ ଯୁବକ ରାଣାପ୍ରତାପଙ୍କୁ ଧରି ବାଇକ୍‌ରେ ଫେରାର ହେବାକୁ ସକ୍ଷମ ହୋଇଥିଲେ। ଅନ୍ୟ ଜଣେ ପୋଲିସ ହାବୁଡରେ ପଡ଼ିଥିଲେ। ତାଙ୍କୁ କୋରେଇ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ତେବେ ତଦନ୍ତରେ ବିଘ୍ନ ହେବା ଆଶଙ୍କାରେ ଅଟକ ଯୁବକଙ୍କ ନାମ ଗୋପନୀୟ ରଖାଯାଇଛି। ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ କୋରାଇ ଥାନାରେ ୯୨/୨୦୨୪ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ରାଣାପ୍ରତାପ ଏବଂ ତାଙ୍କ ସହଯୋଗୀଙ୍କୁ ଧରିବାକୁ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରହିଛି। ତୁରନ୍ତ ସେମାନଙ୍କୁ ଗିରଫ କରାଯିବ।

# ପୁରୀରେ ବିମାନବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ

ଭୁବନେଶ୍ୱର, ୧୮।୨(ଅସମାପିକା ସାହୁ)

ପୁରୀରେ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ବିମାନବନ୍ଦର ହେବ। ଏହି ବିମାନବନ୍ଦର ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ୨,୨୦୩ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଆବେଦନକାରୀ ଅନ୍‌ଲାଇନ ମାଧ୍ୟମରେ ଚଳିତ ମାସ ୨୧ ତାରିଖରୁ ଟେଣ୍ଡର ପକାଇପାରିବେ। ଏପ୍ରିଲ ୨୧ରେ ଟେଣ୍ଡର ଖୋଲାଯିବ। ୩ ବର୍ଷ ମଧ୍ୟରେ ପିପିପି ମୋଡ୍‌ରେ ବିମାନବନ୍ଦର କାର୍ଯ୍ୟ ଶେଷ କରାଯିବ। ଏହାପରେ ଆକାଶପଥରେ ଯୋଡ଼ି ହେବ ଶ୍ରୀକ୍ଷେତ୍ର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ମିଳିବ। ଏୟାରପୋର୍ଟ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ୧ ହଜାର ୧୬୪ ଏକର ପରିମିତ ଅଞ୍ଚଳରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେବ। ବିମାନ ଚଳାଚଳ ବିଭାଗର ସ୍ୱତନ୍ତ୍ର ଦଳ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିସାରିଛନ୍ତି। ପ୍ରସ୍ତାବିତ ବିମାନବନ୍ଦର ଶେଷ ହୋଇପାରିଲେ ପୁରୀ ଐତିହ୍ୟ ନଗରୀର ସ୍ୱପ୍ନ ସାକାର ହୋଇପାରିବ ବୋଲି ଆଶା କରାଯାଉଛି। ସେପଟେ ଏୟାରପୋର୍ଟ ଜମି ଅଧିଗ୍ରହଣ ପାଇଁ ପରିବେଶ ମଞ୍ଜୁରୀ ମିଳିଥିବା ବେଳେ ବିମାନ ଚଳାଚଳ ଲାଗି ଆବଶ୍ୟକ ପରିବେଶ ଆସେସ୍‌ମେଣ୍ଟ କ୍ଲିୟରାନ୍ସ ଓ ସିଆର୍‌ଜେଡ୍ ସହ ପ୍ରଦୂଷଣ କ୍ଲିୟରାନ୍ସ ସାର୍ଟିଫିକେଟର ଆବଶ୍ୟକତା ରହିଛି ବୋଲି ପରିବେଶବିତମାନେ କହୁଛନ୍ତି।

# ପତ୍ର ତୋଳିବାକୁ ଯାଇଥିବା ମହିଳାଙ୍କୁ ଗୁଳିମାଡ଼

ଭଞ୍ଜନଗର,୧୮।୨(ବାବୁଲା ପ୍ରଧାନ)

ପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ମହିଳାଙ୍କ ଦେହରେ ଗୁଳି ବାଜିଛି। ଗୁଳିଟି ତାଙ୍କର ପିଠିରେ ପଶିଯାଇଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘଟିଛି ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବେଡିଗୋବା ଗ୍ରାମରେ। ଗୁଳିମାଡ଼ରେ ଆହତ ହୋଇଥିବା ମହିଳା ହେଲେ ସ୍ୱପ୍ନା ସାହୁ(୩୫)।

ଶନିବାର ମହିଳା ଜଣକ ଖଲି ତିଆରି କରିବା ପାଇଁ ପତ୍ର ତୋଳିବାକୁ ତାଙ୍କ ମା'ଙ୍କ ସହ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଗୁଳି ତାଙ୍କ ଦେହରେ ବାଜିଥିଲା। ସେ ଚିତ୍କାର କରିବାରୁ ପାଖରେ ଥିବା ମା' ଆସି ତାଙ୍କୁ ଘରକୁ ନେଇ ଆସିଥିଲେ। ଅର୍ଥ ଅଭାବ ସାଙ୍ଗକୁ ଅଶିକ୍ଷିତ ଯୋଗୁ ଝିଅକୁ ଚିକିତ୍ସା ପାଇଁ ମେଡିକାଲ ଆଣି ନ ଥିଲେ। ରବିବାର ସ୍ୱପ୍ନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲ ଆଣିଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ

**ଶିକାରୀଙ୍କ ଗୁଳି ଫୁଟିଥିବା ଆଶଙ୍କା**


ଆହତ ମହିଳାଙ୍କ ଚିକିତ୍ସା ଚାଲିଛି।

ସ୍ଥାନାନ୍ତର କରାଯାଇଛି। ଗୁଳି ମାଡ଼ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଶିକାରୀ ବନ୍ଧୁକରୁ ଗୁଳି ମାଡ଼ ହୋଇଥିବା ଆଶଙ୍କା କରାଯାଉଛି। ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ।

## ଛାତ୍ରୀ ନିବାସରେ କାର୍ଯ୍ୟରତ ମାଟ୍ରନଙ୍କ ପାରିଶ୍ରମିକ ୧୫ ହଜାରକୁ ବୃଦ୍ଧି

ଭୁବନେଶ୍ୱର,୧୮।୨ (ସୁନିତ୍ ମିଶ୍ର)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସଗୁଡ଼ିକରେ କର୍ଯ୍ୟରତ ମହିଳା ମାଟ୍ରନମାନଙ୍କ ମାସିକ ପାରିଶ୍ରମିକ ୧୦,୦୦୦ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏତଦ୍‌ବ୍ୟତୀତ ଯଦି କୌଣସି କାର୍ଯ୍ୟରତ ମହିଳା ମାଟ୍ରନ ଦୁର୍ଭାଗ୍ୟବଶତଃ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ୬୦ ବର୍ଷରେ କାର୍ଯ୍ୟନିବୃତ୍ତ ହେବା ସମୟରେ ସେମାନଙ୍କୁ ଏକକାଳୀନ ଲକ୍ଷେ ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ରବିବାର ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ ବୋଲି ସୂଚନା ଦିଆଯାଇଛି।

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୮।୨(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ତେବେ କେହି ଭକ୍ତ ବାନ୍ତି କରିଦେବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଫଳରେ ନୀତି ବିଳମ୍ବ ଘଟିଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିଲା। ଏହି ସମୟରେ ଅର୍ଥାତ୍ ଅପରାହ୍ନ ପ୍ରାୟ ୪ଟା ୩୦ରେ ଜୟବିଜୟ ଦ୍ୱାର ଭିତର ପାହାଚ ନିକଟରେ କେହି ଜଣେ ଭକ୍ତ ବାନ୍ତି କରିଦେଇଥିବା ଦେଖିବାକୁ ମିଳିଥିଲା। ତେଣୁ ସଙ୍ଗେ ସଙ୍ଗେ ନୀତି ସମେତ ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ପାରିବାରିକ କଳହରୁ ସ୍ୱାମୀଙ୍କ ବେକ କାଟିଲେ ସ୍ତ୍ରୀ

ଧରାକୋଟ,୧୮।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତ ବରିଗୁଡା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରେ ଅତିଷ୍ଠ ହୋଇ ସ୍ତ୍ରୀ ଛୁରିରେ ସ୍ୱାମୀଙ୍କ ବେକ କାଟିଛନ୍ତି। ଗୁରୁତର ସ୍ୱାମୀ ରୋହିତ ପାତ୍ର(୪୫) ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବରିଗୁଡା ଗ୍ରାମର ରୋହିତ ଅଧିକାଂଶ ସମୟ ସ୍ତ୍ରୀଙ୍କ ସହ ଝଗଡ଼ା କରିବା ସହ ମାରପିଟ କରୁଥିଲେ। ଏଥିପାଇଁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ଶନିବାର ରାତିରେ କୌଣସି ଏକ କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସ୍ତ୍ରୀ ଛୁରିରେ ତାଙ୍କ ବେକ ଓ ହାତକୁ କାଟିଥିଲେ। ରୋହିତ ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ବେଳେ ଗାଁ ଲୋକେ ତାଙ୍କୁ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ସାପିଜେନ ବାୟୋଲଜିକ୍ସ ପରିଦର୍ଶନ କଲେ ପାଣ୍ଡିଆନ


ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କ ସାପିଜେନ ବାୟୋଲଜିକ୍ସ ପରିସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)

- ଆସନ୍ତା ମେ'ରୁ ବ୍ୟବସାୟିକ ଭାବେ ଆରମ୍ଭ ହେବ ଟିକା ଉତ୍ପାଦନ
- ଦେଶର ସବୁଠୁ ବଡ଼ ଟିକା ଉତ୍ପାଦନ କାରଖାନା ହେବ

ଦେଶର ସର୍ବବୃହତ୍ ଟିକା ଉତ୍ପାଦନ କାରଖାନା ଓଡ଼ିଶାରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି କାରଖାନା ଦେଶରେ ସର୍ବବୃହତ୍ ଟିକା ଉତ୍ପାଦନ କାରଖାନା ହେବ ବୋଲି କୁହାଯାଉଛି। ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କରେ ଥିବା ସାପିଜେନ୍ ବାୟୋଲୋଜିକ୍ସ ଟିକା କାରଖାନାରୁ ଦିନକୁ ବିଭିନ୍ନ ଟିକାର ୨.୪ କୋଟି ପାନ(ଡୋଜ୍) ଉତ୍ପାଦନ ହେବ। ଆସନ୍ତା ମେ' ମାସ ମଧ୍ୟରେ ଏଠାରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛି।

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ଏହି କାରଖାନା ପରିଦର୍ଶନ କରି ଆସନ୍ତା ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ସମସ୍ତ ସହାୟତା ଯୋଗାଇ ଦେବାକୁ ସବୁ ସରକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କାରଖାନାର ସବ୍ ୟୁନିଟ୍ ଗୁଡ଼ିକୁ ସେ ପରିଦର୍ଶନ କରି ମ୍ୟାନେଜମେଣ୍ଟ ଓ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଭାରତ ବାୟୋଟେକ୍ ପାର୍କର ଡ. କ୍ରିଷ୍ଣା ଏଲ୍ଲାଙ୍କ ନେତୃତ୍ୱରେ ୧୫୦୦ କୋଟି ଟଙ୍କା ନିବେଶରେ ଏହି କାରଖାନା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସର୍ବାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାରଖାନା ୧୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶାର ସ୍ଥାନୀୟ ଲୋକ ନିଯୁକ୍ତ ହୋଇଛନ୍ତି। କଲେରା, ମ୍ୟାଲେରିଆ ଭଳି ରୋଗ ପାଇଁ ଏହି କାରଖାନା ୧୫ରୁ ଅଧିକ ବିଭିନ୍ନ ଟିକା ଉତ୍ପାଦନ କରିବାକୁ ଯୋଜନା ରଖିଛି।

ଭୁବନେଶ୍ୱରରେ ଉତ୍ପାଦିତ ବିଭିନ୍ନ ଟିକା ବିଶ୍ୱର ଅନେକ ସ୍ଥାନକୁ ଯୋଗାଇ ଦିଆଯିବ। ଏଥିଯୋଗୁ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାର ନାମ ସୁଦୃଢ଼ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶାର ମନ୍ତ୍ର 'ପ୍ରତ୍ୟେକ ଜୀବନ ମୂଲ୍ୟବାନ୍'କୁ ଅଧାର କରି ଏହି ପ୍ରକଳ୍ପ ପରିକଳ୍ପନା ହୋଇଛି। ଏଠାରୁ ଉତ୍ପାଦିତ ଟିକା ବିଶ୍ୱରେ ଲକ୍ଷାଧିକ ଲୋକଙ୍କ ଜୀବନକୁ ସୁରକ୍ଷିତ କରିବ। ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟ୍ ଦ୍ୱାରା ନିକଟରେ ଅନୁମୋଦିତ ବାୟୋଟେକ୍ନୋଲୋଜି ନୀତି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଛନ୍ତି। ଏହି ବୃହତ୍ ଉତ୍ପାଦନ କାରଖାନା ସହିତ ଆହୁରି ଅନେକ କମ୍ପ୍ଲିମେଣ୍ଟାରୀ ବାୟୋଟେକ୍ନୋଲୋଜି ଉତ୍ପାଦ ସମ୍ବନ୍ଧୀୟ କମ୍ପାନୀ ଓଡ଼ିଶା ବାୟୋଟେକ୍ ପାର୍କକୁ ଆକର୍ଷିତ ହେବେ। ଏଥିସହିତ ଏ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ଆସିବା ସହ ନିଯୁକ୍ତି ସୃଷ୍ଟି ହେବ ବୋଲି ପାଣ୍ଡିଆନ୍ ଆଶା ପ୍ରକାଶ କରିଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ସହ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର, ଇଡ୍‌କୋ ଏମ୍‌ଡି ଭୂପିନ୍ଦର ପୁନିଆଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଦିନରେ ଖରା ତାତି, ରାତିରେ କୁହୁଡ଼ି

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପପୂର୍ଣ୍ଣ ଉଷ୍ମ ବାୟୁ ପ୍ରବେଶ ଜାରି ରହିଛି। ଫଳରେ ରାଜ୍ୟରେ ତାତି ବଢ଼ିବାରେ ଲାଗିଛି। ରବିବାର ୩୫ ଡିଗ୍ରୀ ଟପିଥିଲା ପାରଦ। ଭବାନୀପାଟଣାରେ ୩୫.୪ ଡିଗ୍ରୀ ଏବଂ ଟିଟିଲାଗଡ, ବୌଦ୍ଧ ଓ ପାରାଳାଖେମୁଣ୍ଡିରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଆଗାମୀ ୨ଦିନରେ ରାଜ୍ୟରେ ରାତ୍ରି ତାପମାତ୍ରାରେ ଆହୁରି ୨ ଡିଗ୍ରୀ ଯାଏ ବୃଦ୍ଧି ହେବ। ଏଥିସହ ରାତିରୁ ସକାଳ ମଧ୍ୟରେ ଆଗାମୀ ୬ରୁ ୭ଦିନ ଯାଏ ଘନକୁହୁଡି ପ୍ରଭାବ ରହିବ। ଏହି ସମୟରେ ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଜାତୀୟରାଜପଥରେ ଯାତାୟାତ କରୁଥିବା ଯାନବାହନଗୁଡ଼ିକ ଚଳାଚଳରେ ବାଧା ଉପୁଜିବା ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

ସୋମବାର ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖାଯାଇପାରେ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ତାରିଖରେ ମଧ୍ୟ ଉପକୂଳ ଓଡ଼ିଶା ସମେତ ଅନ୍ୟାନ୍ୟ ଜିଲାରେ କୁହୁଡ଼ି ପ୍ରଭାବ ରହିବ। ଏନେଇ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ, ପୁରୀ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, ବଲାଙ୍ଗୀର, ସମ୍ବଲପୁର ଆଦି ଜିଲା ରହିଛି। ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବାକୁ ଥିବାବେଳେ ୨୪ ଓ ୨୫ରେ କିଛି ସ୍ଥାନରେ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଜ୍ଞାନ ଆହରଣ ପାଇଁ ବାହାର ରାଜ୍ୟକୁ ଯିବେ ଚାଷୀ



ମତ୍ସ୍ୟ-ପ୍ରାଣୀ ସମାବେଶର ରବିବାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୁବନେଶ୍ୱର, ୧୮।୨ (ଅସମାପିକା ସାହୁ)

**ସରିଲା ମତ୍ସ୍ୟ-ପ୍ରାଣୀ ସମାବେଶ**

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସଭାପତିତ୍ୱ କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ରାଜ୍ୟର ୯୨ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାବେଳେ ସେମାନଙ୍କ ଆୟବୃଦ୍ଧି ନିମନ୍ତେ କୃଷି ସହିତ ମାଛଚାଷ ଓ ପ୍ରାଣିପାଳନ ଏକ ସର୍ବୋତ୍କୃଷ୍ଟ ମାଧ୍ୟମ। ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଓ ଦକ୍ଷ କରାଇବା ପାଇଁ ଅଧିକରୁ ଅଧିକ କୃଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏଥିସହ ଜ୍ଞାନ ଆହରଣ ପାଇଁ ସେମାନଙ୍କୁ ବାହାର ରାଜ୍ୟକୁ ପରିଭ୍ରମଣରେ ପଠାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମାବେଶରେ ପ୍ରଥମଥର ପାଇଁ ଆୟୋଜିତ 'ଆସ୍କ ଦି ମିନିଷ୍ଟର' କାର୍ଯ୍ୟକ୍ରମରେ ଚାଷୀମାନେ ମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଥିଲେ। ମନ୍ତ୍ରୀ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗୋପାଳନ ଓ ପ୍ରାଣିପାଳନ ଆୟବୃଦ୍ଧି ଓ ରୋଜଗାର ସୃଷ୍ଟିର ଏକ ବଳିଷ୍ଠ ମାଧ୍ୟମ। ରାଜ୍ୟରେ ମାଛଚାଷ, ଗୋପାଳନ ଓ ପ୍ରାଣିପାଳନର ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ପ୍ରଥମଥର ପାଇଁ ରାଜ୍ୟସ୍ତରରେ ଆୟୋଜିତ ଏହି ସମାବେଶ ରାଜ୍ୟର ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ କହିଲେ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଫଳରେ ରାଜ୍ୟର କୋଣ ଅନୁକୋଣରେ ମାଛଚାଷ ଓ ପ୍ରାଣିପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏହାଦ୍ୱାରା ଗାଁଗହଳିର ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ସହଜରେ ମିଳିପାରୁଛି। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦୁ ରାୟ ପ୍ରମୁଖ ମତ୍ସ୍ୟ ଓ ପ୍ରାଣିସମ୍ପଦର ଅଭିବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ରାଜ୍ୟର ଚାମ୍ପିୟନ୍ ଚାଷୀଙ୍କ ସମେତ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିଥିବା ଉଦ୍ୟୋଗୀଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରଦର୍ଶନରେ ସର୍ବୋତ୍କୃଷ୍ଟ ଷ୍ଟଲ ନିମନ୍ତେ ସରକାରୀ ବିଭାଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବେସରକାରୀ ବିଭାଗରେ ପଶୁପତି ଆଗ୍ରୋଭେଟ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଷ୍ଟାର୍ଟଅପ୍ ବିଭାଗରେ ଗୌମୟ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍ ଓ ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ଥିଙ୍କ୍‌ର ଇନୋଭେଟିଭ୍ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ହରିୟାଣାର ଯୁବରାଜ ମୁରା ବଫାଲୋକୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁରର ମହିଳା ଚାଷୀ ଅନିତା ଓରାମ୍ ସ୍ୱାଗତ ଭାଷଣ ଓ ପୁରୀର ମହିଳା ଚାଷୀ ତନ୍ମୟୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଭାରତୀୟ ମହିଳା...

ପ୍ରକାର କଳ୍ପନାଜଳ୍ପନା ଏଡାଇ ଦୁଇଥର ବ୍ରୋଞ୍ଜ ବିଜେତା ଥାଇଲାଣ୍ଡକୁ ପରାସ୍ତ କରି ଟାଇଟଲ ଜିତିବାରେ ସଫଳ ହୋଇଛି। ଏପ୍ରିଲ ୨୮ରୁ ମେ' ୫ ପର୍ଯ୍ୟନ୍ତ ଚାଇନାର ଚେଙ୍ଗଡୁଠାରେ ଉବର କପ୍ ଖେଳାଯିବ। ଭାରତୀୟ ମହିଳା ଦଳର ଏହି ସଫଳତା ଦଳର ମନୋବଳ ବୃଦ୍ଧିରେ ସହାୟକ ହେବ। ଏହି ଚାମ୍ପିୟନଶିପ୍‌ରେ ଭାରତ ଅତୀତରେ କେବଳ ଦୁଇ ପଦକ ହାସଲ କରିପାରିଥିଲା। ପୁରୁଷ ଦଳ ୨୦୧୬ ଓ ୨୦୨୦ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ରବିବାର ମହିଳା ଦଳର ଏହି ସଫଳତା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ପୂର୍ବତନ କୋଚ୍ ବିମଲ କୁମାର କହିଛନ୍ତି। ଏଥିପାଇଁ ସେ ଯୁବ ଖେଳାଳିଙ୍କୁ ଶ୍ରେୟ ଦେଇଛନ୍ତି। ଭାରତ ଥୋମାସ କପ୍ ଜିତିବାବେଳେ ସମାନ ଅନୁଭବ ହୋଇଥିଲା। ଯଦିଓ ପ୍ରତିଯୋଗିତାରେ ଅଧିକାଂଶ ଦଳ ଭଳି ଥାଇଲାଣ୍ଡ ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ନ ଥିଲା ତେବେ ଏହି ଦଳରେ ବହୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ରହିଥିଲେ। ବିଶ୍ୱର ୧୩ ନମ୍ବର ରାଚାନକ ଇଣ୍ଟାନନ ଏବଂ ୧୬ର୍‍ୟାଙ୍କିଙ୍ଗପ୍ରାପ୍ତ ପର୍ନପାୱି ଚୋଚୁଓଙ୍ଗଙ୍କ ବିନା ଥାଇଲାଣ୍ଡ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲା। ୪ ମାସ ଇଞ୍ଜୁରୀ ରହିବା ପରେ ପ୍ରତିଯୋଗିତାକୁ ଫେରିଥିବା ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଦଳ ପାଇଁ ଭଲ ଆରମ୍ଭ କରିଥିଲେ। ସେ ପ୍ରଥମ ସିଙ୍ଗଲ୍ସରେ ବିଶ୍ୱର ୧୭ ନମ୍ବର ସୁପାନିଦା କେଟ୍‌ଥଙ୍ଗଙ୍କୁ ୨୧-୧୨, ୨୧-୧୨ରେ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ବିଶ୍ୱର ୨୩ ନମ୍ବର ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ପ୍ରତିଯୋଗିତାରେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ବିଶ୍ୱର ୧୦ନମ୍ବର ଯୋଡ଼ି ଜଙ୍ଗକୋଲଫାନ୍ କିଟିଥାରାକୁଲ ଓ ରାୱିଣ୍ଡା ପ୍ରା ଜଙ୍ଗଜାଇଙ୍କୁ ୨୧-୧୬, ୧୮-୨୧, ୨୧-୧୬ରେ ପରାସ୍ତ କରି ଦଳରୁ ସ୍ଥିତିକୁ ସୁଦୃଢ଼ କରିଥିଲେ। ତେବେ ଶନିବାର ପୂର୍ବତନ ବିଶ୍ୱ ଚାମ୍ପିୟନ ଜାପାନର ନୋଜୋମି ଓକୁହାରାଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିବା ଅସ୍ମିତା ଛଲିଆ ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ୧୮ନମ୍ବର ର୍‍ୟାଙ୍କିଙ୍ଗ ତଥା ଅଭିଜ୍ଞ ବୁସାନାନ ଅଙ୍ଗବାମ୍‌ରଙ୍ଗଫାନ୍‌ଙ୍କଠାରୁ ୧୧-୨୧, ୧୪-୨୧ରେ ପରାଜିତ ହୋଇଯାଇଥିଲେ। ପରେ ସିନିୟର ଜାତୀୟ ଚାମ୍ପିୟନ ଯୁବ ଯୋଡ଼ି ଶ୍ରୁତି ମିଶ୍ର ଓ ପ୍ରିୟା କୋନ୍‌ଜେଙ୍ଗବାମ୍ ବିଶ୍ୱର ୧୩ ନମ୍ବର ଯୋଡ଼ି ବେନ୍ୟାପା ଏମ୍‌ଦସାର୍ଦ ଓ ନୁତାକର୍ନ ଏମ୍‌ସାର୍ଦଙ୍କଠାରୁ ୧୧-୨୧, ୯-୨୧ରେ ସ୍ୱାଭାବିକ ହାରିଯାଇଥିଲେ। ଏହି ପରାଜୟ ଦ୍ୱାରା ମୁକାବିଲା ୨-୨ ସ୍ତରକୁ ଚାଲି ଆସିଥିଲା। ଶେଷରେ ଅନମୋଲ ପୁଣି ସଙ୍କଟ ମୋଚକ ଭାବେ ଉଭା ହୋଇ ତୃତୀୟ ସିଙ୍ଗଲ୍ସରେ ବିଶ୍ୱର ୪୫ ନମ୍ବର ଖେଳାଳି ପର୍ନପିଚା ଚୋକିଓଙ୍ଗଙ୍କୁ ୨୧-୧୪, ୨୧-୯ରେ ପରାସ୍ତ କରି ଭାରତକୁ ବିଜୟୀ କରାଇଥିଲେ।

### ପିଓକେରେ ଚାଇନା...

ସୁଗମ କରିବା ଉଦ୍ଦେଶ୍ୟରେ ଏଲ୍‌ଓସି ଏବଂ ଅନ୍ତର୍ଜାତୀୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଟେଲିକମ୍ ଟାୱାରଗୁଡ଼ିକୁ ରଣନୈତିକ ଦୃଷ୍ଟିରୁ ସ୍ଥାପନ କରାଯିବା ଜାତିସଂଘ ଅଧୀନ ଇଣ୍ଟରନ୍ୟାଶନାଲ ଟେଲିକମ୍ୟୁନିକେଶନ୍ ୟୁନିୟନ୍ (ଆଇଟିୟୁ) ସମ୍ବିଧାନର ଅନୁଚ୍ଛେଦ ୪୫ର ଉଲ୍ଲଂଘନ। ଆଇଟିୟୁ ସମ୍ବିଧାନର ଅନୁଚ୍ଛେଦ ୪୫ ଅନୁସାରେ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ଏଭଳି ସିଗ୍‌ନାଲ ବିସ୍ତାର ରୋକିବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଆତଙ୍କବାଦୀ କାର୍ଯ୍ୟରେ ଏହାର ବ୍ୟବହାର ରୋକିବା ଉପରେ ଆଇଟିୟୁ ଅଧୀନସ୍ଥ ରେଡିଓକମ୍ୟୁନିକେଶନ୍ ବ୍ୟୁରୋ ପୁଣି ଗୁରୁତ୍ୱାରୋପ କରିଛି। କେନ୍ଦ୍ର ସରକାର ମଧ୍ୟ ଏହି ପ୍ରସଙ୍ଗରେ ଗମ୍ଭୀରତା ସହ ନେଇଛନ୍ତି। ପୂର୍ବରୁ ମଧ୍ୟ ୧୯୯୯ ଓ ୨୦୨୦ରେ ପାକିସ୍ତାନୀ ଏଜେଣ୍ଟମାନେ ଏଭଳି କାର୍ଯ୍ୟ ପାଇଁ ଉଦ୍ୟମ ଚଳାଇଥିଲେ, ଯାହାକୁ ଭାରତୀୟ ସେନା ପଣ୍ଡ କରିଦେଇଥିଲା। ବର୍ତ୍ତମାନ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହଯୋଗରେ ପିଓକେ ଆତଙ୍କବାଦୀଙ୍କ ଉଦ୍ୟମ ମଧ୍ୟ ଅନୁରୂପ ଭାବେ ପଣ୍ଡ ହେବ ବୋଲି ସେନା ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ପଶୁବଳିରେ ମା' କୁଳବନ୍ଧ ପୀଠ ରକ୍ତରଞ୍ଜିତ

**ଜିଲାର ପ୍ରସିଦ୍ଧ କୁଳବନ୍ଧ ଯାତ୍ରା ଅନୁଷ୍ଠିତ**

- ସନ୍ତାନ ଆଶାରେ ମାନସିକଧାରୀଙ୍କ ଭିଡ଼
- ୨୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ରାୟଗଡ଼ା,୧୮।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଦୈବୀ ପୀଠ ହେଉଛି କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ହାତୀଖମ୍ଭ ଗ୍ରାମର କୁଳବନ୍ଧ ପୀଠ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଘ ମାସ ଶେଷ ରବିବାର ହୋଇଥିବାରୁ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ କୁଳବନ୍ଧ ଯାତ୍ରା । ମଣିଷ ଯେତେ ଆଧୁନିକତାକୁ ଗତି କରିଥିଲେ ମଧ୍ୟ ଆଜି ବି ଏହି ପୀଠରେ ପାଉପକ୍ଷୀଙ୍କୁ ବଳି ଦିଆଯାଉଛି। ରବିବାର ଶତାଧିକ ପଶୁପକ୍ଷୀଙ୍କ ବଳିରେ ରକ୍ତରଞ୍ଜିତ ହୋଇଛି ଯାତ୍ରାପୀଠ । ମୁଖ୍ୟତଃ ସନ୍ତାନସନ୍ତତି ମାନସିକଧାରୀଙ୍କ ପାଇଁ ଏହି ପୀଠ କେଉଁ ଅନାଦି କାଳରୁ ବେଶ୍ ପ୍ରସିଦ୍ଧି ଲାଭ କରିଛି।



ହାତୀଖମ୍ଭ ଗ୍ରାମର କୁଳବନ୍ଧ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଏଠି ମାନସିକ ବ୍ରତ ରଖିଲେ ନିଶ୍ଚିତ ଭାବେ କୁଳ ଉଦ୍ଧାର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ଯାତ୍ରାରେ ପାଖାପାଖି ୨୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୁଳବନ୍ଧ ଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଟି ନକ୍ସଲପ୍ରବଣ ହୋଇଥିବା ଯୋଗୁ ବ୍ୟାପକ ସିଆରପିଏଫ୍ ଯବାନ ମୁତୟନ ହୋଇଥିଲେ ।

ରାୟଗଡ଼ା ଜିଲା ସମେତ ଗଜପତି, ଗଞ୍ଜାମ, କୋରାପୁଟ, କଳାହାଣ୍ଡି ଓ କନ୍ଧମାଳ ଜିଲା ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଯେଉଁ ଭକ୍ତଙ୍କର ବଳି ପକାଇବେ ନାହିଁ, ସେହି ଦମ୍ପତି ପାରା ଉଡ଼ାଇଥାନ୍ତି । ପୂର୍ବରୁ ମନ୍ଦିର ମୁଖ୍ୟ ପୂଜକଙ୍କ ଦ୍ୱାରା ନରବଳି ଏବଂ ଏହାପରେ ପୋଢ଼ ବଳି ଦିଆଯାଉଥିଲା । ହେଲେ ଏବେ ମୁଖ୍ୟତଃ ଛେଳି ଏବଂ କୁକୁଡ଼ା ବଳି ସବୁଠାରୁ ଅଧିକ ପରିମାଣରେ ପଡ଼ିଥାଏ । ଅନ୍ୟ ଦେବୀପୀଠମାନଙ୍କରେ ୫ରୁ ୧୧ ଦିନ ପର୍ଯ୍ୟନ୍ତ ପର୍ବ ପାଳନ ହେଉଥିବା ବେଳେ ଏଠି କିନ୍ତୁ ଭିନ୍ନ ପରମ୍ପରା ଦେଖିବାକୁ ମିଳେ । ସକାଳ ୮ଟାରେ ଯାତ୍ରା ଆରମ୍ଭ ହୋଇ ଦିନ ୩ଟା ମଧ୍ୟରେ ଶେଷ ହୋଇଯାଇଥାଏ । ମୁଖ୍ୟ ପୂଜକ ଦୁଇଟି ପାରା ନେଇ ନିକଟସ୍ଥ ପୋଖରୀର ମଧ୍ୟ ଭାଗରେ ମା'ଙ୍କ ତନ୍ତ୍ର ସାଧନା କରିବା ପରେ ତାହାକୁ ଉଡ଼ାଇ ଦେଇଥାନ୍ତି। ପାରା ଉଡ଼ିବାର ମାତ୍ର ଏକ ଘଣ୍ଟା ମଧ୍ୟରେ ଲୋକାରଣ୍ୟ ହୋଇଥିବା ପୀଠ ପରିସର ଜନଶୂନ୍ୟ ହୋଇ ଯାଇଥାଏ । ସୂର୍ଯ୍ୟାସ୍ତ ବେଳେ ପୂଜକ ମହାଦୀପ ଜାଳି ମା'ଙ୍କ ନିକଟରେ ଛାଗ ବଳି ଅର୍ପଣ କରି ମନ୍ଦିର ଦ୍ୱାର ବନ୍ଦ କରିଦେଇଥାନ୍ତି । ବର୍ଷର ଅନ୍ୟ ସମୟରେ ପୂଜକ ଏବଂ ତାଙ୍କ ବଂଶଧରଙ୍କ ବ୍ୟତୀତ ଅନ୍ୟ କେହି ବ୍ୟକ୍ତି ମନ୍ଦିରକୁ ଯାଆନ୍ତି ନାହିଁ । ଏହା ହେଉଛି କୁଳ ଉଦ୍ଧାରକାରିଣୀ ମା' କୁଳବନ୍ଧଙ୍କ ନିଆରା ପରମ୍ପରା ।

## ସଂକ୍ଷେପରେ

### ନିମ୍ନମାନର କାର୍ଯ୍ୟ ଖବର ପ୍ରକାଶ ପରେ ଖବରଦାତାଙ୍କୁ ଧମକ

ଟିକିରି,୧୮।୨ (ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଦିଶାରିଗୁଡାଠାରୁ ଖଜୁରୀଗୁଡା ଦେଇ ଦଶମନ୍ତପୁରକୁ ସଂଯୋଗ କରୁଥିବା ଆର.ଡି ରାସ୍ତାରେ ନିମ୍ନମାନର କାମ ହୋଇଥିବା ନେଇ ପୁକେଶ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ କରାଯାଇଥିଲା। ଏହି ଖବର ପ୍ରସାରଣ ପରେ ଠିକା ସଂସ୍ଥା ପକ୍ଷରୁ ଜଣେ ଖବରଦାତା କର୍ଣ୍ଣ କନ୍ଦପାନଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଟିକିରି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଟିକିରି ଥାନାରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ବାରମ୍ବାର ଖବରଦାତାଙ୍କୁ ଏପରି ଦୁର୍ବ୍ୟବହାର , ହତ୍ୟା ଧମକ, ଅଶ୍ଳୀଳ ଭାଷାରେ ଗାଳି, କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ତୀବ୍ର ବିରୋଧ କରାଯାଉଛି। ଖବରଦାତାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଆଇନଜୀବୀ ଦାବ କରିଛନ୍ତି।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଟିକିରି,୧୮।୨ (ପ୍ରଫୁଲ କୁମାର ବେହେରା)



କାଶୀପୁର ବ୍ଲକ ପୋଡ଼ାପାଡ଼ି ଗ୍ରାମ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସୁକଲ ପାଲଙ୍କ ୬୫ ବର୍ଷ ବୟସରେ ରବିବାର ସକାଳେ ତାଙ୍କ ଘର ପୁହୁଣ୍ଡି ଗ୍ରାମରେ ମୃତ୍ୟୁ ଘଟିଛି। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ମହିଳା ଥିଲେ। ସେ କିଛିଦିନ ହେଲା ଅସୁସ୍ଥ ହୋଇ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ସେ ନିଜ ଘରକୁ ଫେରିବାକୁ ଚାହିଁଥିଲେ। ରବିବାର ଭୋର ୩ଟାରେ ସେ ନିଜ ଘର ପୁହୁଣ୍ଡିରେ ପହଞ୍ଚିବା ପରେ ସକାଳ ୧୦ଟାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି।

### ୧୫୭ କିଲୋ ଗଞ୍ଜେଇ ଜବତ

ନନ୍ଦପୁର, ୧୮।୨(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ବ୍ଲକ ସଦର ମହକୁମା ପଞ୍ଚାୟତର ନଳାଟୁଆଁ ଗ୍ରାମ ରାସ୍ତା ପାର୍ଶ୍ୱ ବୁଦାମୂଳରୁ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ୬ ବସ୍ତା ଗଞ୍ଜେଇ ରବିବାର ଜବତ କରିଛି। ଅନ୍ଧାର ଓ ଜଙ୍ଗଲିଆ ପରିବେଶ ଯୋଗୁ ପୋଲିସକୁ ଦେଖି ଚାଲାଣକାରୀମାନେ ଖସି ପଳାଇଥିବା ଏସ୍‌ଡିପିଓ ସମ୍ବିତ ମାଝୀ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ୬ଗୋଟି ବସ୍ତାରୁ ୧୫୭ କିଲୋ ଗଞ୍ଜେଇ ମିଳିଥିଲା। କେସ ନଂ. ୨୬/୨୪ରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଏସଆଇ ଦିପ୍ତିମୟୀ ଧାରୁଆ କରୁଥିବା ମାଝୀ କହିଛନ୍ତି।

# ଅଳିଆଗଦାରୁ ନବଜାତଙ୍କ ମୃତଦେହ ଜବତ

ରାୟଗଡ଼ା,୧୮।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ନୂତନ ବସଷ୍ଟାଣ୍ଡ ସମ୍ମୁଖ ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଅଳିଆଗଦାରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ ହୋଇଛି। ଶିଶୁ ମୃତଦେହ ସହିତ ସରକାରୀ ଚିକିତ୍ସାଳୟର ମେଡ଼ିକାଲ ସ୍ଲିପ୍ ମଧ୍ୟ ହସ୍ତଗତ ହୋଇଛି। ବସଷ୍ଟାଣ୍ଡର ବିପରୀତ ଦିଗରେ ନବଜାତ ଶିଶୁପୁତ୍ରର ମୃତଦେହ ପଡ଼ିଥିବା ସଫେଇ କର୍ମଚାରୀ ଦେଖି କଂଗ୍ରେସ ନେତା ଭବାନୀ ଶଙ୍କର ଜେନାଙ୍କୁ ସୂଚନା ଦେଇଥିଲେ। ଭବାନୀ ସେଠାରେ ପହଞ୍ଚିବା ପରେ ଏ ନେଇ ପୋଲିସ ଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଜବତ ହୋଇଥିବା ମେଡିକାଲ ସ୍ଲିପ୍‌ରେ କାଶୀପୁର ବ୍ଲକ ଡଙ୍ଗାସିଲ ଅନ୍ତର୍ଗତ ଭାମନିପୁଟ ଗ୍ରାମର ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କ ନାମ ଉଲ୍ଲେଖ ରହିଛି। ପୋଲିସ ମୃତଦେହ ଜବତ କରି ପୋତି ଦେଇଥିବା ଜଣାପଡ଼ିଛି ।

ଘଟଣାରୁ ପ୍ରକାଶ ଯେ, ଦୋରାଗୁଡ଼ା ଥାନା ଅନ୍ତର୍ଗତ ଭାମନିପୁଟ ଗ୍ରାମର ରମେଶ ମାଝିଙ୍କ ସ୍ତ୍ରୀ ରାଶି ମାଝି ଶୁକ୍ରବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ତେବେ ପୁତ୍ର ଜନ୍ମ ହେବା ପରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରବର୍ଗ ରାଶିଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ରାଶି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ତେବେ ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଯିବାରୁ ମେଡ଼ିକାଲ କର୍ତ୍ତୃପକ୍ଷ ମୃତ ଶିଶୁପୁତ୍ରକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଦେଇଥିଲେ। ହେଲେ ପରିବାରବର୍ଗ ମୃତଦେହକୁ ପୋତିବା ବଦଳରେ ଅଖା ବସ୍ତାରେ ବାନ୍ଧି ରାସ୍ତା କଡ଼ରେ ଫୋପାଡ଼ି ଦେଇଥିଲେ ।



ଅଖାବସ୍ତା ମଧ୍ୟରେ ଥିବା ମୃତଦେହକୁ ଲୋକେ ଦେଖୁଛନ୍ତି।

# ଦକ୍ଷିଣ ଓଡ଼ିଶା ଅର୍ଥଶାସ୍ତ୍ର ସଂଘ ପକ୍ଷରୁ ଜାତୀୟ ପାଠଚକ୍ର

ଗୁଣପୁର, ୧୮।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ରବିବାର ଦକ୍ଷିଣ ଓଡ଼ିଶା ଅର୍ଥଶାସ୍ତ୍ର ସଂଘ ପକ୍ଷରୁ ୭ମ ବାର୍ଷିକ ଜାତୀୟ ପାଠଚକ୍ର ଶୀର୍ଷକ 'ପାରିବାରିକ କୃଷି କର୍ମ ଓ ବର୍ଷାଜଳ ଭିତ୍ତିକ କୃଷି'ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ' ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଆଇଇଟି ବଶ୍ୱବିଦ୍ୟାଳୟର ସଭାପତି ଡ଼. ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ବର୍ତ୍ତମାନ ନୂତନ ପୀଢ଼ି ଗବେଷଣା ଓ ଦେଶର ପ୍ରଗତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଉପ ସଭାପତି ତଥା ଆବାହକ ଓ ପାଠଚକ୍ର ସଭାପତି ଡ଼ ଚନ୍ଦ୍ରଧ୍ୱଜ ପଣ୍ଡା ବିଷୟବସ୍ତୁ ସମ୍ପର୍କରେ ଅବଗତ କରିଥିଲେ। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ. ପ୍ରବିନ ଝା ମୁଖ୍ୟବକ୍ତା ଭାବରେ ପାଠଚକ୍ରକୁ ସମ୍ବୋଧିତ କରିଥିଲେ । ସାଧାରଣ ସମ୍ପାଦିକା ସନ୍ଧ୍ୟାରାଣୀ ଦାସ ସମ୍ପାଦକ ବିବରଣୀ ପାଠ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଭାଗବତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠଚକ୍ରକୁ ସମ୍ବୋଧିତ କରିଥିଲେ । ସଂଘ ସଭାପତି ପ୍ରଫେସର ମୃତ୍ୟୁଞ୍ଜୟ ମିଶ୍ର ବିବରଣୀ ପାଠ କରିଥିଲେ । ଏହି ପାଠଚକ୍ରର ଆନୁଷ୍ଠାନିକ ସମ୍ପାଦକ ଡ଼ ସଦାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ସଂଘର କୋଷାଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ରାଜ୍ୟ ଓ ରାଜ୍ୟ ବାହାରରୁ ଅନେକ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ ଭି ଜଗନ୍ନାଥ ରାଓ, ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଏ ବି ଶ୍ରୀନିବାସ ରାଓ, ପରୀକ୍ଷା ନିରୀକ୍ଷକ ପି ବିଜୟ କୁମାରଙ୍କ ସମେତ ସମସ୍ତ ବିଭାଗର ଡିନ, ବିଭାଗର ମୁଖ୍ୟ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ପାଠଚକ୍ରକୁ ଅଧ୍ୟାପିକା ପୂର୍ତ୍ତି ଫିଜା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ନୀଳାଚଳ ଆଚାର୍ଯ୍ୟ, ପ୍ରେମାଂଶୁ ଶେଖର ରଥ ପରିଚାଳନା କରିଥିଲେ।




ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

# ପିକ୍‌ଅପ୍ ଭ୍ୟାନ- ବାଇକ୍ ଧକ୍କା, ଜଣେ ମୃତ

କୋଟପାଡ, ୧୮।୨ (କେ. ରାଜଶେଖର ରାଓ)

କୋରାପୁଟ ଜିଲ୍ଲା କୋଟପାଡଠାରୁ ୩ କି.ମି. ଦୂର ବଣିଆ ଗ୍ରାମ ନିକଟରେ ରବିବାର ଏକ ଧାନ ବୋଝେଇ ପିକଅପ ଭ୍ୟାନ ଓ ଏକ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କେର୍ଲା ଗ୍ରାମର ମିତନ ବିଶୋୟୀ। ଏଥିରେ ଜଣେ ଯୁବକ ଲିପୁନ ବିଶୋୟୀ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି, ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କେର୍ଲା ଗ୍ରାମର ମିତନ ଓ ଲିପୁନ କୌଣସି କାମରେ କୋଟପାଡ଼ ଆସି କାମ ସାରି ବାଇକ୍(ଓଡି୨୪ ଜି-୨୭୭୮)ଯୋଗେ ନିଜ ଗ୍ରାମକୁ ଯାଉଥିଲେ । ବଣିଆ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ଭ୍ୟାନ (ଓଡି ୨୪ଜେ-୧୩୪୨) ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରୁ ଦୁହେଁ ଛିଟିକି ରାସ୍ତା ଉପରେ ପଡିଥିଲେ। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଏନେଇ କୋଟପାଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମବାହିନୀକୁ ଖବର ଦେଇଥିଲା। ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ କୋଟପାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମିତନ ଓ ଲିପୁନଙ୍କୁ ଜୟପୁର ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ମିତନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ବାଇକ୍ ଓ ପିକଅପ ଭ୍ୟାନକୁ ଜବତ ତଦନ୍ତ ଆରମ୍ଭ କରିଥିବା ଏଏସଆଇ ବାସୁଦେବ ମାଝୀ କହିଛନ୍ତି। ତେବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ଭ୍ୟାନ ଚାଳକ ଭ୍ୟାନରୁ ଧାନ ଅନ୍ୟ ଗାଡିରେ ସ୍ଥାନାନ୍ତର କରି ଦେଇଥିବା ଜଣାପଡିଛି।

# ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଗୁଣପୁର,୧୮।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକରେ ଥିବା ନୂଆ ତ୍ରିନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ସରିବା ପରେ ରବିବାରଠାରୁ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏଥିପାଇଁ ସକାଳେ ବଂଶଧାରା ନଦୀରେ ଗଙ୍ଗା ଆବାହନ କରି କଳଶ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମହିଳାଙ୍କ ଦାଣ୍ଡିଆ ନାଚ ଓ ସ୍ୱାମୀ ଆୟାପ୍ପା ଭକ୍ତଙ୍କ ଦ୍ୱାରା ଭଜନ ପରିବେଶଣ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଉମା ଚରଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ଗୁପ୍ତ ସାହୁ, ଗୁଡଲା ଗୋବିନ୍ଦା, କେ. ଧନୁଞ୍ଜୟ, କେ. ବଳରାମ, କେ. ଶ୍ରୀନୁ, ଟି. ନାଗୁ, ଡି. ଓ୍ୱାସୁ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ମନ୍ଦିର ପୂଜକ ସନ୍ତୋଷ ଦାସଙ୍କ ସମେତ ବହୁ ସଦସ୍ୟ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଥିଲେ। ସୋମବାର ସକାଳୁ ରତ୍ନମୁଦ ପଡିବା ପରେ ଦେବତା ପ୍ରବେଶ କରାଯାଇ ମଙ୍ଗଳବାର ଦିନ ସଂସ୍କାର ନୀତି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ଉମା ଶଙ୍କର ଦାସ, ରଞ୍ଜିତ ପାଢି, ଇନ୍ଦ୍ରାକ୍ଷୀ ପ୍ରଶାଦ ଦାସ, ଏସ. ବାବା ପ୍ରଶାଦ, ଧନୁଞ୍ଜୟ ପଣ୍ଡା, ଏଲ. ଶୁରେସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହୋଯାଗ କରିଥିଲେ ।



ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା ଚାଲିଛି।

# ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା

କୋରାପୁଟ ,୧୮।୨ (ଅମିତାଭ ବେହେରା)

**ରିୟଲଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ**

ରିୟଲ୍‌ଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା ନାୟକ ପହଞ୍ଚିଛନ୍ତି। ମାତ୍ର ୮ ବର୍ଷ ବୟସର ଆରାଧ୍ୟାଙ୍କ ଉଚ୍ଚକୋଟୀର ଅଭିନୟ ତାଙ୍କୁ ଏହି ସଫଳତା ଦେଇଛି। ଜିଲା ପାଇଁ ସେ ଗୌରବ ଆଣିଛନ୍ତି। ରବିବାର କୋରାପୁଟ ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ବାପା ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଗୋପାଳ କୃଷ୍ଣ ନାୟକ ଏହି ସୂଚନା ଦେଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରେ ତୃତୀୟ



ଶ୍ରେଣୀରେ ପଢୁଥିବା ଆରାଧ୍ୟା ଉଭୟ ଡ୍ୟାନ୍ସ ଓ ଆକ୍ଟିଂରେ ନିଖୁଣ ନୃତ୍ୟ ଓ ଅଭିନୟ କରି ଦର୍ଶକଙ୍କ ମନ ଜିଣୁଛନ୍ତି। ତାଙ୍କ ଘର କୋରାପୁଟ ଜିଲା କାକିରିଗୁମ୍ମା ହୋଇଥିବାବେଳେ ତାଙ୍କ ବାପା ଚାକିରି କରିଥିବାରୁ ସପରିବାର କୋରାପୁଟରେ ରହୁଛନ୍ତି। ଛୋଟ ବେଳୁ ତାଙ୍କର ଅଭିନୟ ଓ ନୃତ୍ୟ ପ୍ରତି ଦୁର୍ବଳତା ରହିଛି। ନିଜ ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି ଆରାଧ୍ୟା। ଏକ ଘରୋଇ ଟିଭି ଚ୍ୟାନେଲର ରିୟଲ୍‌ଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ଜୟପୁରଠାରେ ହୋଇଥିବା ପ୍ରଥମ ଅଡିଶନ ଓ ପରେ କଟକଠାରେ ହୋଇଥିବା ଅଡିଶନରେ ସେ ସଫଳତା ପାଇବା ପରେ ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏବେ ସେ ଏହି ଶୋ'ର ଫାଇନାଲରେ ପହଞ୍ଚିଛନ୍ତି। ଫାଇନାଲରେ ୯ ଜଣ ପ୍ରତିଯୋଗୀ ଅଛନ୍ତି।

# ମିଲେଟ୍ ମିଶନର ପ୍ରଚାର ପାଇଁ ସୁରେଶ ସମ୍ମାନିତ



ଅତିଥିମାନେ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ମାନପତ୍ର ଦେଉଛନ୍ତି।

ଚନ୍ଦ୍ରପୁର,୧୮।୨(ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତ ସଦର ମହକୁମାରେ ରହୁଥିବା ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ତଥା ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଜୈବିକ କୃଷି, କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ, ତଥା ଓଡିଶା ସରକାରଙ୍କ ମିଲେଟ ମିଶନର ପ୍ରଚାର, ପ୍ରସାର ଏବଂ ଗ୍ରାମାଞ୍ଚଳର ଉନ୍ନୟନ ମୂଳକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ରବିବାର ସମ୍ମାନିତ କରାଯାଇଛି। ବିଭ୍ରାନ୍ତ ଓଡିଶା କନକ୍ଲେଭ- ୨୦୨୪ ତରଫରୁ ମିଶ୍ରଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସର୍ବୋତ୍ତମ ପ୍ରାକୃତିକ କୃଷି ଅଭ୍ୟସ୍ତ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ବିଶିଷ୍ଟ ସ୍ତମ୍ଭକାର ଡ଼ ପ୍ରଭାସ ମିଶ୍ର, ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ବିଶିଷ୍ଟ ଲେଖକ ଆରପି ଗୁପ୍ତା ଏବଂ ଉତ୍କଳ ଚାମ୍ବର ଅଫ କମର୍ସର ସଭାପତି ବ୍ରହ୍ମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ଦାବି

**ବ୍ରାହ୍ମଣ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ରାୟଗଡ଼ା,୧୮।୨(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ବ୍ରାହ୍ମଣ ମହାସଂଘର ୨୧ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ୟୁଜିଏମଆଇଟି କଲେଜ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନକୁ ଜୋର ଦେଇଛି ମହାସଂଘ । ରାୟଗଡ଼ା ଜିଲା ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ମହାସଂଘ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟ ଉପସଭାପତି ରଞ୍ଜନ କୁମାର ରଥ ସଭାକୁ ପରିଚାଳନା କରିଥିଲେ। ରାୟଗଡ ଜିଲା ସଭାପତି ମଦନମୋହନ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶାର ସମସ୍ତ ଜିଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଏବଂ ଶ୍ରୀକାକୁଲମ ଜିଲାରୁ ପ୍ରତିନିଧିମାନେ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ସହ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବାକୁ ନିଜର ମତ ଉପସ୍ଥାପନା କରିଥିଲେ । ସମାଜର ଅଧିକାର ପାଇଁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସମେତ ପୁରୀଠାରେ ବ୍ରାହ୍ମଣ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ସହ ଏଥିରେ ଆବଶ୍ୟକ ପଡୁଥିବା ଅର୍ଥକୁ ପୃଷ୍ଠପୋଷକଙ୍କଠାରୁ ଆଦାୟ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା ।

ଗତ ବୈଠକର ବିବରଣୀକୁ ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ପାଢ଼ୀ ପାଠ କରିଥିଲେ। ସେହିଭଳି ରାଜ୍ୟ କୋଷାଧ୍ୟକ୍ଷ ଆୟବ୍ୟୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ରାୟଗଡ଼ା ସଂଘ ପକ୍ଷରୁ ମଞ୍ଚାସୀନ ଅତିଥି ତଥା ବିଭିନ୍ନ ଜିଲାରୁ ଆସି ଯୋଗ ଦେଇଥିବା ନେତୃମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ମୁଖପତ୍ର 'ବ୍ରହ୍ମସନ୍ଦେଶ'କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏଥିରେ ରାଜ୍ୟ ଉପଦେଷ୍ଟା ସୀମାଞ୍ଚଳ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଜିଲା ସଭାପତି ମଦନମୋହନ ପାଢ଼ୀ, ରାଜ୍ୟ ଉପସଭାପତି ରଞ୍ଜନ ରଥ, ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ପାଢ଼ୀ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ରାଜପ୍ରସାଦ ଦାସ, ରାଜ୍ୟ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ ଆଞ୍ଚଳିକ ସମ୍ପାଦକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଶକ୍ତି ବାହିନୀ ସଭାନେତ୍ରୀ ଶୁଭ୍ରା ପଣ୍ଡା ମଞ୍ଚାସୀନ ଥିଲେ। ରାଜ୍ୟର ୨୭ଟି ଜିଲାର କର୍ମକର୍ତ୍ତା ଏହି ବୈଠକରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ ତ୍ରିପାଠୀ, ଅରୁଣ ପାଣିଗ୍ରାହୀ,ରାଜକିଶୋର ପଣ୍ଡା,ଜଗନ୍ନାଥ ସାହୁ, ଅଜୟ ରଥ, ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।




ଓଡ଼ିଶା ବ୍ରାହ୍ମଣ ମହାସଂଘର ମୁଖପତ୍ର 'ବ୍ରହ୍ମସନ୍ଦେଶ' ଉନ୍ମୋଚନ କରାଯାଉଛି।

# ୨୬ରେ ବୋରିଗୁମ୍ମା ବନ୍ଦ

**ଏନ୍ଏସି ଘୋଷଣା ଦାବି ଜୋର ଧରିଲା**

- ଏନ୍ଏସି ପାଇଁ ରହିଛି ସମସ୍ତ ଭିତ୍ତିଭୂମି
- ଅଞ୍ଚଳବାସୀ ଯାଇ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଥିଲେ
- ସରକାର ରାଜସ୍ୱ ନେଇ ଜିଲାକୁ ଅବହେଳା କରୁଛନ୍ତି


ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦବାହିନୀପତି ସୂଚନା ଦେଉଛନ୍ତି।

ଜୟପୁର, ୧୮।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାକୁ ରାଜ୍ୟ ସରକାର ଅବହେଳା କରୁଛନ୍ତି ବୋଲି ରବିବାର ଜୟପୁର ପାରାବେଡାସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାର ଉପରେ ବର୍ଷିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ୨୦୧୬ରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବୋରିଗୁମ୍ମା ପଞ୍ଚାୟତକୁ ଏନଏସି ଘୋଷଣା କରିବାକୁ ସେ ଦାବି କରି ଆସୁଥିବା ପ୍ରକାଶ କରିଛନ୍ତି। ବୋରିଗୁମ୍ମା ଏନଏସି ହେବା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାତ୍ର ରାଜ୍ୟ ସରକାର ପାତରଅନ୍ତର କରୁଛନ୍ତି । ବିଧାନସଭାରେ ଏନେଇ ବାରମ୍ବାର ପ୍ରଶ୍ନ ଓ ଦାବି କରିବା ସହ ରାଜ୍ୟ ସରକାଙ୍କୁ ଚିଠି କରାଯାଇଛି । ଅଥଚ ରାଜ୍ୟ ସରକାର ବୋରିଗୁମ୍ମାକୁ ଏନଏସି ଘୋଷଣା କରୁନାହାନ୍ତି। ଅନ୍ୟପକ୍ଷରେ ବୋରିଗୁମ୍ମା ଅଞ୍ଚଳବାସୀ ଭୁବନେଶ୍ୱର ଯାଇ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି କରିଥିଲେ। ମନ୍ତ୍ରୀ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ସେ ପ୍ରତିଶ୍ରୁତି ଏଯାଏ ପାଳନ ହେଲାନାହିଁ ବୋଲି ପ୍ରକାଶ କରି ବାହିନୀପତି କହିଛନ୍ତି ଯେ, ଯଦି ଆସନ୍ତା ୨୫ ତାରିଖ ସୁଦ୍ଧା ବୋରିଗୁମ୍ମାକୁ ଏନଏସି ଘୋଷଣା କରା ନ ଯାଏ ଆଗାମୀ ୨୬ ତାରିଖରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବୋରିଗୁମ୍ମା ବନ୍ଦ କରାଯିବ । ୧୨ ଘଣ୍ଟିଆ ଚକ, ଅଖ ଦୋକାନ, ବଜାର ସବୁ ବନ୍ଦ ରହିବ ବୋଲି ବାହିନୀପତି ଚେତାବନୀ ଦେଇଛନ୍ତି। ଗତ ୪ ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନ ମଣ୍ଡଳୀର ଶେରଗଡକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା କରିଛନ୍ତି । ମାତ୍ର ସବୁଠାରୁ ବଡ ପଞ୍ଚାୟତ ବୋରିଗୁମ୍ମାକୁ କାହିଁକି ସରକାର ଏନଏସି ଘୋଷଣା କରୁନାହାନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବୋରିଗୁମ୍ମାରେ ଭୋଟର ସଂଖ୍ୟା ୧୪ ହଜାରରୁ ଉର୍ଦ୍ଧ୍ୱ ରହିଛି। ଏଠାରେ କଲେଜ, ହାଇସ୍କୁଲ, ବ୍ୟାଙ୍କ ସହ ଅନ୍ୟାନ୍ୟ ସମସ୍ତ ମାନଦଣ୍ଡ ପୂରଣ କରୁଛି। କୋରାପୁଟ ଜିଲାର ଖଣି ଖାଦାନରୁ କୋଟି କୋଟି ଟଙ୍କା ଟିକସ ନେଇ ସରକାର ଜିଲା ପ୍ରତି ଅନ୍ୟାୟ କରୁଛନ୍ତି ବୋଲି ବାହିନୀପତି ଅଭିଯୋଗ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଜୟପୁର ଟାଉନ କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଅଶୋକ ଗନ୍ତାୟତ, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ନୀହାର ବିଶୋୟୀ, ଦେବେନ୍ଦ୍ର ବାହିନୀପତି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଦଶନ୍ତପୁର, ୧୮।୨(ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ବନାସିଲ ଗ୍ରାମରେ ଜଣେ ମହିଳା ରବିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଘନ ଜାନିଙ୍କ ସ୍ତ୍ରୀ ସପତି ଜାନି (୪୫)। ଶନିବାର ସନ୍ଧ୍ୟାରେ ସପତି ମଦ୍ୟପାନ କରିଥିଲେ। ପେଟ ଯନ୍ତ୍ରଣା ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରୀକ୍ଷା ପରେ ସେ ବିଷ ପିଇଥିବା ଜଣାପଡିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ରବିବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ସପତିଙ୍କ ସେଠାରେ ମୃତ୍ୟୁ ହୋଇଛି। ଏନେଇ ସ୍ୱାମୀ ଘନ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଥାନା ଅଧିକାରୀ ନୀଳାଦ୍ରି କଅଁର, ଏଏସ୍ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ କାରଣରୁ ସପତି ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ।

### ଦାମନଯୋଡ଼ି ଅଞ୍ଚଳରେ ଗଞ୍ଜେଇ କାରବାର ଅଭିଯୋଗ

ଦାମନଯୋଡି,୧୮।୨(ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ଶିଳ୍ପାଞ୍ଚଳରେ ଅବାଧରେ ଗଞ୍ଜେଇ କାରବାର ଚାଲିଥିବା ଅଭିଯୋଗ ହେଉଛି। ପୋଲିସର କୋହଳ ମନୋଭାବ ହେତୁ କେତେ ଜଣ ବେଧଡକ ଗଞ୍ଜେଇ କାରବାର ଜାରି ରଖିଛନ୍ତି। ଗଞ୍ଜେଇ କିଣିବା ପାଇଁ ଦୂରଦୂରାନ୍ତରୁ ଯୁବକମାନେ ଦାମନଯୋଡିମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ଗଞ୍ଜେଇ କିଲୋ ପ୍ରତି ୧୫ରୁ ୨୦ହଜାର ଟଙ୍କାରେ ବିକ୍ରି ହେଉଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମିଳା ବିଡ଼ିକାଙ୍କୁ ପଚାରିବାରୁ ସେ କହିଲେ, ଚୋରା ଗଞ୍ଜେଇ କାରବାର ପ୍ରତି ପୋଲିସର ନଜର ରହିଛି। ଦାମନଯୋଡ଼ି ଅଞ୍ଚଳରେ ଗଞ୍ଜେଇ ଚୋରା କାରବାରକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

### ୧୫୭ କିଲୋ ଗଞ୍ଜେଇ ଜବତ



ନନ୍ଦପୁର, ୧୮।୨(ଶଙ୍କର ପୂଜାରୀ)

ନନ୍ଦପୁର ପୋଲିସ ବ୍ଲକ ସଦର ମହକୁମା ପଞ୍ଚାୟତର ନଳାଚୁଆଁ ଗ୍ରାମ ରାସ୍ତା ପାର୍ଶ୍ୱ ବୁଦାମୂଳରୁ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ୬ ବସ୍ତା ଗଞ୍ଜେଇ ରବିବାର ଜବତ କରିଛି। ଅନ୍ଧାର ଓ ଜଙ୍ଗଲିଆ ପରିବେଶ ଯୋଗୁ ପୋଲିସକୁ ଦେଖି ଚାଲାଣକାରୀମାନେ ଖସି ପଳାଇଥିବା ଏସ୍ଡିପିଓ ସମ୍ବିତ ମାଝୀ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ୬ଗୋଟି ବସ୍ତାରୁ ୧୫୭ କିଲୋ ଗଞ୍ଜେଇ ମିଳିଥିଲା। କେସ ନଂ. ୨୬/୨୪ରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଏସଆଇ ଦିପ୍ତିମୟୀ ଧାରୁଆ କରୁଥିବା ମାଝୀ କହିଛନ୍ତି।

## ଜଣେ ମୃତ, ଜଣେ ଗୁରୁତର

**ଧାନ ବୋଝେଇ ପିକ୍ଅପ୍ ଭ୍ୟାନ- ବାଇକ୍ ଧକ୍କା**

କୋଟପାଡ, ୧୮।୨
(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡଠାରୁ ୩ କି.ମି. ଦୂର ବଣିଆ ଗ୍ରାମ ନିକଟରେ ରବିବାର ଏକ ଧାନ ବୋଝେଇ ପିକଅପ ଭ୍ୟାନ ଓ ଏକ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କେର୍ଲା ଗ୍ରାମର ମିତନ ବିଶୋୟୀ। ଏଥିରେ ଜଣେ ଯୁବକ ଲିପୁନ ବିଶୋୟୀ ଆହତ ହୋଇଛନ୍ତି।

ଖବରରୁ ଜଣାପଡିଛି, ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କେର୍ଲା ଗ୍ରାମର ମିତନ ଓ ଲିପୁନ କୌଣସି କାମରେ କୋଟପାଡ଼ ଆସି କାମ ସାରି



ବାଇକ୍(ଓଡି୨୪ ଜି-୨୬୭୮)ଯୋଗେ ନିଜ ଗ୍ରାମକୁ ଯାଉଥିଲେ । ବଣିଆ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ଭ୍ୟାନ (ଓଡି ୨୪ଜେ-୧୩୪୨) ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ରୁ ଦୁହେଁ ଛିଟିକି ରାସ୍ତା ଉପରେ ପଡିଥିଲେ। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଏନେଇ କୋଟପାଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମବାହିନୀକୁ ଖବର ଦେଇଥିଲା। ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ କୋଟପାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମିତନ ଓ ଲିପୁନଙ୍କୁ ଜୟପୁର ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ମିତନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ବାଇକ୍ ଓ ପିକଅପ ଭ୍ୟାନକୁ ଜବତ ତଦନ୍ତ ଆରମ୍ଭ କରିଥିବା ଏଏସଆଇ ବାସୁଦେବ ମାଝୀ କହିଛନ୍ତି। ତେବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ଭ୍ୟାନ ଚାଳକ ଭ୍ୟାନରୁ ଧାନ ଅନ୍ୟ ଗାଡିରେ ସ୍ଥାନାନ୍ତର କରି ଦେଇଥିବା ଜଣାପଡିଛି।

## ମଦ ଚୋରା ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, ୧୮।୨ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ଥାନା ପୋଲିସ ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପଲକାପୁଟ ନୁଆଗୁଡାର ଜଗନ୍ନାଥ ହରିଜନ (୩୭)। ଜଗନ୍ନାଥ ମଦ ଚାଲାଣ କରୁଥିବା ସୂଚନା ପାଇ ପୋଲିସ ପଲକାପୁଟ ନୁଆଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ନିଳାଦ୍ରୀ ବିହାରି ମିଶ୍ର କହିଛନ୍ତି।

## କାର୍ ଦୁର୍ଘଟଣାଗ୍ରସ୍ତ



ଦାମନଯୋଡି,୧୮।୨ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି-କାକିରିଗୁମ୍ମା ରାସ୍ତାର ଝଡିଗୁଡା ନିକଟରେ ରବିବାର ଅପରାହ୍ନ ୧ଟାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦାମନଯୋଡି ଅଭିମୁଖେ ଆସୁଥିବା କାରର ଚାଳକଙ୍କ ଅନ୍ୟମନସ୍କ ଯୋଗୁ କାରଟି ରାସ୍ତାକଡ କଲଭର୍ଟରେ ପିଟି ହୋଇ ଏପରି ଦୁର୍ଘଟଣା ଘଟିଛି। ଏଥିରେ କାର (ଓଆର ୧୦ ଏଫ ୫୯୬୦) କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକଙ୍କ କିଛି କ୍ଷତି ହୋଇନାହିଁ। ଏକ ଗଛରେ ପିଟି ହୋଇଯାଇ ଦୁର୍ଘଟଣା ଘଟିଥିବା ଜଣାପଡିଛି।

## ଗୁପ୍ତେଶ୍ୱରରେ ମହାଶିବରାତ୍ରି ମେଳା ନେଇ ପ୍ରସ୍ତୁତି ବୈଠକ

ଜୟପୁର,୧୮।୨(ପବନ ପାଣିଗ୍ରାହୀ)

ଗୁପ୍ତେଶ୍ୱର ଶୈବପୀଠଠାରେ ଆଗାମୀ ମହା ଶିବରାତ୍ରି ତଥା ଜାଗର ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଉପଜିଲାପାଳ ପ୍ରଭାତ ପରିଡାଙ୍କ ଅଧ୍ୟକ୍ଷତାରେ ପୌରପାଳିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଯାନବାହନ ନିୟନ୍ତ୍ରଣ ପାଇଁ ବୈପାରିଗୁଡ଼ା ପୋଲିସ, ଜୟପୁର ସଦର ପୋଲିସ ଓ ଓଡ୍ରାଫଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲା ଖାଉଟି ଓ ଯୋଗାଣ ଅଧିକାରୀଙ୍କ ଦ୍ୱାରା ୨ଟି ଷ୍ଟଲ ହେବ। ଯାତାୟାତ ଲାଗି ୨୦ଟି ବସ୍ କୋରାପୁଟ ଓ ଜୟପୁରଠାରୁ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବ। ପିଇବା ପାଣି ଓ ଶୌଚାଳୟ ମରାମତି ନିମନ୍ତେ କାର୍ଯ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ବୈପାରିଗୁଡା ଆରଡବ୍ଲ୍ୟୁଏସଏସକୁ ବ୍ଲିଚିଂ ପାଉଡର ପକାଇବା ସହ ପରିବେଶ ସଫା ରଖିବା ନେଇ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ୪୦ ଜଣ ସଫେଇ କର୍ମଚାରୀ ଯୋଗାଇ ଦେବାକୁ ଜୟପୁର ପୌରପାଳିକାକୁ ଅନୁରୋଧ କରାଯାଇଥିଲା। ଗତ ବର୍ଷ ଭଳି ଚଳିତ ବର୍ଷ ୨ଟି ଷ୍ଟଲ୍ ରହିବ। ଗୋଟିଏ ଷ୍ଟଲ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବ ଏବଂ ଅନ୍ୟଟି ଆମ୍ବୁଲାନ୍ସ ରଖିବା ନେଇ ବ୍ୟବହୃତ ହେବ। ଶିବରାତ୍ରି ଦିନ ଅଗ୍ନିଶମ ଗାଡି ଗୋଟିଏ ମନ୍ଦିର ପାଖରେ ଓ ଅନ୍ୟଟି ପାର୍କିଂ ପାଖରେ ରହିବ। ଏହି ବର୍ଷ ସନ୍ଧ୍ୟା ୭.୩୦ରେ ମନ୍ଦିର ଫାଟକ ବନ୍ଦ ହେବ ଏବଂ ପରେ ରାତି ୧୨ଟାରେ ହରିହର ଭେଟ ହୋଇ ମହାଦୀପ ଉଠିବ ବୋଲି ନିଷ୍ପତ୍ତି ହୋଇଛି। କୋରାପୁଟ ସଂସ୍କୃତି ବିଭାଗ ସାଂସ୍କୃତିକ କାର୍ଯ୍ୟକ୍ରମ କରିବେ। ତିନି ଦିନ ଧରି ପ୍ରତି ସନ୍ଧ୍ୟାରେ ଆଦିବାସୀ ନୃତ୍ୟ ସହ ଭଜନ, ଓଡିଶୀ ନୃତ୍ୟ ଓ ଲୋକ କଳା ନୃତ୍ୟ ଆୟୋଜନ କରାଯିବ। ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଉପଜିଲାପାଳ ପରିଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ଶବର, ତହସିଲଦାର ଡ.ମୋନାଲିସା ଆଚାର୍ଯ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ବୈପାରିଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀ, ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି , ସମିତି ସଭ୍ୟ ମୋହନ ଚନ୍ଦ୍ର ମାଛ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

## ଜଗା ଦର୍ଶନ ପାଇଁ ୨୫ ବସ୍ରେ ୯୮୦ ଗଲେ ପୁରୀ


ପୁରୀ ଯିବାକୁ ଦଶହରା ପଡିଆଠାରେ ଏକାଠି ହୋଇଥିବା ଯାତ୍ରୀ।

ଜୟପୁର, ୧୮।୨ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳ ଓ ବ୍ଲକବାସୀ ରବିବାର ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଗସ୍ତ କରିଛନ୍ତି । ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ଦେଖିବା ସହ ଜଗା ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଜୟପୁର ଦଶହରା ପଡିଆଠାରେ ୨୫ଟି ବସ୍ରେ ଯିବା ଲାଗି ବ୍ୟବସ୍ଥା ହୋଇଥିଲା। ଏହାକୁ ମଧ୍ୟାହ୍ନ ୧୨ଟାରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଡିଆ ଭାଙ୍ଗି ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରୁ ୨୦ ଜଣ ଲେଖାଏ ପୁରୀ ଯାତ୍ରା କରିଛନ୍ତି। ଜୟପୁର ସହରରୁ ୧୪ଟି ବସରେ ୫୬୦ଜଣଙ୍କୁ ନିଆଯାଇଛି । ସେମାନଙ୍କ ସହ ୧୬ ଜଣ ନୋଡାଲ ଅଫିସର ଯାଇଛନ୍ତି। ସେହିପରି ଜୟପୁର ବ୍ଲକର ୨୨ଟି ପଞ୍ଚାୟତରୁ ୪୨୦ ଜଣଙ୍କୁ ୧୧ଟି ବସରେ ପୁରୀ ନିଆଯାଇଛି। ୧୧ଟି ବସରେ ୧୧ ଜଣ ନୋଡାଲ ଅଫିସର, ଜଣେ ବ୍ଲକ ନୋଡାଲ ଅଫିସର ଯାଇଛନ୍ତି । ବ୍ଲକ ଓ ପୋରାଞ୍ଚଳରେ ସଂଗ୍ରହ ହୋଇଥିବା ଚାଉଳ, ଗୁଆକୁ ମଧ୍ୟ ଟ୍ରକରେ ପୁରୀ ପଠାଯାଇଛି ।

## ମ୍ୟାନେଜମେଣ୍ଟ ନ ଶୁଣିଲେ ଆନ୍ଦୋଳନ

**ବିଟିଏ ଲାଗୁ କରିବାକୁ କାଗଜ କଳ ଶ୍ରମିକ ସଂଘର ଦାବି**

ଜୟପୁର,୧୮।୨(ପବନ ପାଣିଗ୍ରାହୀ)

ଯାଦବ ଭବନଠାରେ ରବିବାର ଜୟପୁର ସେବା କାଗଜ କଳ ଶ୍ରମିକ ସଂଘମାନଙ୍କ ମିଳିତ ସାଧାରଣ ବୈଠକ ସାଧାରଣ ସମ୍ପାଦକ ସରୋଜ ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ୟୁନିୟନର ପ୍ରତିନିଧି ଓ ଶ୍ରମିକମାନେ ଯୋଗଦେଇଥିଲେ। ସଭାରେ ଏଆଇଟିୟୁସି ସହବନ୍ଧିତ ବିଏସ୍ପିଏମ୍ ୟୁନିୟନ ସଭାପତି ପ୍ରମୋଦ ମହାନ୍ତି ଯୋଗଦେଇ ପ୍ରକୃତ ବିଜ୍ନେସ ଟ୍ରାନ୍ସଫର ଏଗ୍ରିମେଣ୍ଟ (ବିଟିଏ) ପଢି ସମସ୍ତଙ୍କୁ ଶୁଣାଇଥିଲେ। ଶ୍ରମିକମାନଙ୍କ ସମ୍ପର୍କରେ ବିଟିଏରେ ଯାହା ଉଲ୍ଲେଖ ଅଛି ଏବଂ ସେମାନଙ୍କ ଚାକିରି ସର୍ତ୍ତାବଳୀ ଓ ଦରମା ତଥା ଅନ୍ୟ ବିଷୟରେ ଯାହା ଲେଖା ରହିଛି ତାକୁ କାଗଜ କଳ କର୍ତ୍ତୃପକ୍ଷ ଲାଗୁ କରିଲେ ଶ୍ରମିକମାନଙ୍କ ସମସ୍ୟା ରହିବ ନାହିଁ। ଆସନ୍ତା ୨୦।୨।୨୪ରେ ଶ୍ରମିକ ଓ ସଂଘ କର୍ମକର୍ତ୍ତାମାନେ ମିଳିତ ଭାବେ ଶ୍ରମ ବିଭାଗ ଅଧିକାରୀଙ୍କୁ ଭେଟିବେ। ବିଟିଏ ଲାଗୁ କରିବା ପାଇଁ ତୁରନ୍ତ ଶ୍ରମ ବିଭାଗ କାଗଜକଳ ମ୍ୟାନେଜମେଣ୍ଟକୁ ଡକାଇ ପଦକ୍ଷେପ ନେବାକୁ ଦାବି କରିବେ। ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ମଧ୍ୟ ଅବଗତ କରିବେ। ଯଦି ଦାବି ପୂରଣ ନ ହୁଏ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ଆଗାମୀ ଦିନରେ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶିଳ୍ପ ସଚିବ, ଶ୍ରମ ସଚିବ ଓ ବିଭାଗ ମନ୍ତ୍ରୀଙ୍କୁ ଭେଟି ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି। ସଭାରେ ଆଇନ ପରାମର୍ଶଦାତା ଜୟନ୍ତ ସାନ୍ତ୍ରା, ବନମାଳି ପାତ୍ର, ସନ୍ଦୀପ ପଟ୍ଟନାୟକ, ଧ୍ରୁବ ମଲ୍ଲିକ, ପ୍ରମୋଦ ତିୱାରୀ, ମୁରଲୀଧର ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଶ୍ରମିକ ଉପସ୍ଥିତ ଥିଲେ ।

## ପାଚିକା ସହାୟିକାଙ୍କ ଦରମା ୫ ହଜାର କରିବାକୁ ଦାବି

ଜୟପୁର,୧୮।୨(ପବନ ପାଣିଗ୍ରାହୀ)

ରାଜ୍ୟ ସରକାର ପାଚିକା ସହାୟିକାମାନଙ୍କ ମାସିକ ଦରମା ୧୪ଶହ ଟଙ୍କାରୁ ୨ହଜାର ଟଙ୍କା କରିଛନ୍ତି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ନିଖିଳ ଓଡିଶା ପାଚିକା ସହାୟିକା ସଂଘ ରାଜ୍ୟ ଉପ ସଭାପତି ଉତ୍ତମ ମଲ୍ଲିକ ଓ ଏଆଇଟିୟୁସି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି କହିଛନ୍ତି। ସ୍କୁଲମାନଙ୍କରେ ପାଚିକା ସହାୟିକାମାନେ ୬ରୁ ୭ଘଣ୍ଟା କାମ କରିଥାନ୍ତି। ପିଲାମାନଙ୍କ ପାଇଁ ରାନ୍ଧିବା ସହ ସ୍କୁଲରେ ଅନ୍ୟାନ୍ୟ କାମ ଯଥା ଝାଡୁମାରିବା, ପାଣି ଆଣିବା ଆଦି କରିଥାନ୍ତି। ଆଜିର ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଅନ୍ତତଃ ସେମାନଙ୍କର ଦରମା ୫ହଜାର ଟଙ୍କା ଲେଖାଏ କରିବେ ବୋଲି ପାଚିକା ସହାୟିକାମାନେ ଆଶା ରଖିଥିଲେ। ଅନେକ ରାଜ୍ୟ ବୃଦ୍ଧାବୃଦ୍ଧଙ୍କୁ ମାସିକ ପେନସନ ୩ହଜାର ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ଏପରି ସ୍ଥଳେ ପାଚିକା ଓ ସହାୟିକାମାନଙ୍କୁ ସରକାର ଇଏସଆଇ, ଇପିଏଫରେ ଅନ୍ତର୍ଭୁକ୍ତ କରିବା, ସର୍ବନିମ୍ନ ମଜୁରି ଓ ସାମାଜିକ ସୁରକ୍ଷା ସହ ଅବସର ପରେ ମାସିକ ୫ହଜାର ଟଙ୍କା ପେନସନ ଦେବାକୁ ଉପ ସଭାପତି ମଲ୍ଲିକ ଓ ଏଆଇଟିୟୁସି ରାଜ୍ୟ ପରିଷଦ ସଭ୍ୟ ମହାନ୍ତି ଦାବି କରିଛନ୍ତି।

## ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା

**ରିୟଲିଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ**

କୋରାପୁଟ ,୧୮।୨ (ଅମିତାଭ ବେହେରା)

ରିୟଲିଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ଫାଇନାଲରେ କୋରାପୁଟ ଝିଅ ଆରାଧ୍ୟା ନାୟକ ପହଞ୍ଚିଛନ୍ତି। ମାତ୍ର ୮ ବର୍ଷ ବୟସର ଆରାଧ୍ୟାଙ୍କ ଉଚ୍ଚକୋଟିର ଅଭିନୟ ତାଙ୍କୁ ଏହି ସଫଳତା ଦେଇଛି। ଜିଲା ପାଇଁ ସେ ଗୌରବ ଆଣିଛନ୍ତି। ରବିବାର କୋରାପୁଟ ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତାଙ୍କ ବାପା ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଗୋପାଳ କୃଷ୍ଣ ନାୟକ ଏହି ସୂଚନା ଦେଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ଆରାଧ୍ୟା ଉଭୟ ଡ୍ୟାନ୍ସ ଓ ଆକ୍ଟିଂରେ ନିଖୁଣ ନୃତ୍ୟ ଓ ଅଭିନୟ କରି ଦର୍ଶକଙ୍କ ମନ



ଜିଣୁଛନ୍ତି। ତାଙ୍କ ଘର କୋରାପୁଟ ଜିଲା କାକିରିଗୁମ୍ମା ହୋଇଥିବାବେଳେ ତାଙ୍କ ବାପା ଚାକିରି କରିଥିବାରୁ ସପରିବାର କୋରାପୁଟରେ ରହୁଛନ୍ତି। ଛୋଟ ବେଳୁ ତାଙ୍କର ଅଭିନୟ ଓ ନୃତ୍ୟ ପ୍ରତି ଦୁର୍ବଳତା ରହିଛି। ନିଜ ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନରୁ ପକ୍ଷରୁ ପୁରସ୍କୃତ ହୋଇଛନ୍ତି ଆରାଧ୍ୟା। ଏକ ଘରୋଇ ଟିଭି ଚ୍ୟାନେଲର ରିୟଲିଟି ଶୋ ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂର ପ୍ରଥମେ ଜୟପୁରଠାରେ ହୋଇଥିବା ଅଡିଶନ ଓ ପରେ କଟକଠାରେ ହୋଇଥିବା ଅଡଶନରେ ସେ ସଫଳତା ପାଇବା ପରେ ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏବେ ସେ ଏହି ଶୋ'ର ଫାଇନାଲରେ ପହଞ୍ଚିଛନ୍ତି।

## ତୀର୍ଥ କରିବାକୁ ଯାଇ ତୀର୍ଥଯାତ୍ରୀ ନିଖୋଜ

**ଚନ୍ଦ୍ରଭାଗା ବୁଡ ପକାଇବାକୁ ଯାଇଥିଲେ**

ପଟ୍ଟାଙ୍ଗି,୧୮।୨(ଶରତ ଧଳ)

ତୀର୍ଥରେ ବାହାରିଥିବା ଜଣେ ତୀର୍ଥଯାତ୍ରୀ ନିଖୋଜ ହୋଇ ଯାଇଥିବା ନେଇ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ଏନେଇ ନିଖୋଜ ତୀର୍ଥଯାତ୍ରୀ ରୁପଧର ଗୋଲରିଙ୍କ ପୁତୁରା ଥାନାରେ ଅଭିଯୋଗ କରିଛନ୍ତି। ଏପରି ଘଟଣା ଘଟିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରୁ ବାହାରିଥିବା ତୀର୍ଥଯାତ୍ରୀଙ୍କ କ୍ଷେତ୍ରରେ । ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକର ମାଳିପୁଟ, ସିପାଇପୁଟ, ଚମ୍ପାଖେଦା ଓ ସରିଗିଗୁଡା ଗ୍ରାମରୁ ଶତାଧିକ ତୀର୍ଥଯାତ୍ରୀ ତିଳସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ ପକାଇବାକୁ ଦୁଇଟି ବସ୍ରେ ୧୩ ତାରିଖରେ ଯାଇଥିଲେ। ସେମାନଙ୍କ ମଧ୍ୟରେ ସିପାଇପୁଟ ଗ୍ରାମର ରୁପଧର ଥିଲେ। ସେମାନେ ପ୍ରଥମେ ତପ୍ତପାଣି, ତାରାତାରିଣୀ, ନାରାୟଣୀ ଏବଂ



କାଳିଜାଇରେ ପହଞ୍ଚି ବୁଲାବୁଲି ଓ ଠାକୁର ଦର୍ଶନ କରିଥିଲେ। ଦ୍ୱିତୀୟ ଦିନ ଖଣ୍ଡଗିରି, ଉଦୟଗିରି, ଲିଙ୍ଗରାଜ ଓ ଧଉଳି ବୁଲି ସେହିଦିନ ରାତିରେ କୋଣାର୍କରେ ପହଞ୍ଚି ଭୋର ସମୟରେ ଚନ୍ଦ୍ରଭାଗା ଅଭିମୁଖେ ବାହାରିବା ସମୟରେ ରୁପଧର ଶୌଚ ହେବାକୁ ଯାଇ ଦୀର୍ଘ ସମୟ ଧରି ଫେରି ନ ଥିଲେ। ଫଳରେ ସମସ୍ତ ତୀର୍ଥଯାତ୍ରୀ କୋଣାର୍କର ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ଖବର ପାଇ ନ ଥିଲେ । ଶେଷରେ ରୁପଧରଙ୍କ ପୁତୁରା ଓ ତୀର୍ଥଯାତ୍ରୀମାନେ କୋଣାର୍କ ଥାନାରେ ପହଞ୍ଚି ଏସମ୍ପର୍କରେ ଲିଖିତ ଅଭିଯୋଗ କରି ଚନ୍ଦ୍ରଭାଗା ଅଭିମୁଖେ ବାହାରି ଯାଇଥିଲେ। ଅନ୍ୟପକ୍ଷରେ ରୁପଧର ନିଖୋଜ ହେବାର ଚାରିଦିନ ବିତି ଯାଇଥିଲେ ମଧ୍ୟ ତାଙ୍କର କୌଣସି ଖୋଜ ଖବର ମିଳି ନ ଥିବାରୁ ସିପାଇପୁଟ ଗ୍ରାମରେ ବସବାସ କରୁଥିବା ତାଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। କୋଣାର୍କ ପୋଲିସ ନିଖୋଜ ଅଭିଯୋଗ ପାଇବା ପରେ ୪/୨୪ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅନାଥ ରାଜେନ୍ଦ୍ରଙ୍କୁ ଗ୍ରହଣ କଲେ ସୁଇଡେନର ଥୋମାସ ପରିବାର

**ଆଇଡିଏସ୍ ଅନୁଷ୍ଠାନରେ ବଢୁଥିବା ରାଜେନ୍ଦ୍ର ପାଇଲେ ପରିଚୟ**

କୋରାପୁଟ,୧୮।୨(ଅମିତାଭ ବେହେରା)

କୋରାପୁଟର ଅନାଥ ରାଜେନ୍ଦ୍ର ମୁଣ୍ଡାଗୁଡିଆ ପରିଚୟ ପାଇଛନ୍ତି। ତାଙ୍କୁ ସୁଇଡେନର ଥୋମାସ ପରିବାର ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଏଣିକି ସେ ରାଜେନ୍ଦ୍ର ଥୋମାସ ନାମରେ ପରିଚିତ ହେବେ। ନିଜର ୩ଟି ସନ୍ତାନ ଥିବା ସତ୍ତ୍ୱେ ଅନାଥ ରାଜେନ୍ଦ୍ର(୩)ଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି ସୁଇଡେନର କ୍ଲିଫୋର୍ଡ ଲୁକେ ଥୋମାସ। କୋରାପୁଟର ଆଇଡିଏସ ଅନୁଷ୍ଠାନ ଦ୍ୱାରା ଲାଳନପାଳନ ହେଉଥିବା ରାଜେନ୍ଦ୍ରଙ୍କ ଦୁଃଖ କଥା ଶୁଣିବା ପରେ ଥୋମାସ ପରିବାର ସହାୟତାର ହାତ ବଢାଇଥିଲେ। ତାଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ରାଜେନ୍ଦ୍ରଙ୍କୁ ପାଠ ପଢାଇ ସମାଜରେ ଭଲ ମଣିଷ


କ୍ଲିଫୋର୍ଡ ଲୁକେ ଥୋମାସଙ୍କ ପରିବାର ଗହଣରେ ରାଜେନ୍ଦ୍ର।

କରି ଗଢି ତୋଳିବାକୁ ଏହି ଅବସରରେ ପ୍ରତିଶ୍ରୁତି ଦେଇ ଥୋମାସ ପରିବାର ତାଙ୍କୁ ସୁଇଡେନ ନେଇଯାଇଛନ୍ତି। ଉପଜିଲାପାଳ ବେଣୁଧର ଶବରଙ୍କ ଉପସ୍ଥିତିରେ ରାଜେନ୍ଦ୍ରଙ୍କୁ ଥୋମାସ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ରାଜେନ୍ଦ୍ରଙ୍କ ଭଲ ମଣିଷ କରିବେ। ପୂର୍ବରୁ ତାଙ୍କ ବାପା ଅନେକ ଥର ଭାରତ ଆସିଛନ୍ତି, ହେଲେ ପ୍ରଥମ କରି ସେ ସପରିବାର ଭାରତ ଆସିଥିବା କ୍ଲିଫୋର୍ଡ ଲୁକେ ଥୋମାସ କହିଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବେଦନ କରିବା ପରେ ସମସ୍ତ ଆଇନଗତ ଦିଗକୁ ତର୍ଜମା କରି ଜିଲା ପ୍ରଶାସନ ପକ୍ଷରୁ ଅନାଥ ରାଜେନ୍ଦ୍ରଙ୍କୁ ଥୋମାସ ପରିବାରକୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଆଡିଏସ୍ର ପୋଗ୍ରାମ ମ୍ୟାନେଜର ସୋମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଯବାନଙ୍କ ଗଳାକାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୮।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ମାଓବାଦୀମାନେ ବର୍ବର କାଣ୍ଡ ଘଟାଇଛନ୍ତି। ରବିବାର କୁଟୁରୁ ହାଟରୁ ଜଣେ ଯବାନଙ୍କୁ ଉଠାଇ ନେଇ ଗଳାକାଟି ହତ୍ୟା କରିଛନ୍ତି। ମୃତ ଯବାନ ହେଲେ ତିଜାଉ ରାମ ।

ସୂଚନା ଅନୁଯାୟୀ, ଛତିଶଗଡ ବିଜାପୁର ଜିଲା କୁଟୁରୁ ଗ୍ରାମରେ ଥିବା ସିଏଏଫ୍ ୪ର୍ଥ ବାଟାଲିୟନ୍‌ର ଯବାନ ତିଜାଉ ରାମ ହାଟକୁ ଯାଇଥିଲେ । ସେଠାକୁ କେତେକ ମାଓବାଦୀ ଆସି ହଠାତ୍ ତାଙ୍କୁ ଉଠାଇ ନେଇଯାଇ ହାଟଠାରୁ କିଛି ଦୂରରେ ତାଙ୍କ ଗଳା କାଟି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପରେ କୁଟୁରୁ ହାଟ ବନ୍ଦ ହୋଇ ଯାଇଥିଲା। ବ୍ୟବସାୟୀ ଓ ହାଟକୁ ଯାଇଥିବା ଲୋକମାନେ ଉକ୍ତ ସ୍ଥାନରୁ ଭୟରେ ପଳାଇ ଯାଇଥିଲେ। ଖବର ପାଇ ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯବାନଙ୍କ ମୃତଦେହ ଜବତ କରିବା ସହ ସେହି ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରିଥିବା ବିଜାପୁର ଏସ୍‌ପି ସୂଚନା ଦେଇଛନ୍ତି।

# ଆଜୀବନ କାରାଦଣ୍ଡ ଭୋଗୁଥିବା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ମାଲାକନଗିରି, ୧୮।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅତିରିକ୍ତ ଜିଲା ଜଜ୍‌ଙ୍କ ଦ୍ୱାରା ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ ଅଭିଯୁକ୍ତଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅକ୍ଟୋବର ୨୦୧୫ରେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ କାଦଗୁମ୍ମା ଗ୍ରାମର ଗୁରୁ ଅଞ୍ଚଲେ ଓ ଜଗବନ୍ଧୁଙ୍କ ମଧ୍ୟରେ ଜମି ବାଡିକୁ ନେଇ ଶତ୍ରୁତା ଲାଗି ରହିବା ସହ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳରେ ଗୁରୁଙ୍କ ଅକ୍ରମଣରେ ଜଗବନ୍ଧୁଙ୍କର ମୃତ୍ୟୁ ହୋଇଥିବା ବେଳେ ଜଗବନ୍ଧୁଙ୍କ ଲକ୍ଷ୍ମଣ ତାଙ୍କ ବାପାଙ୍କ ବେକ ଓ ଛାତିକୁ ଗୁରୁ ଅଞ୍ଚଲେ ଏକ ଧାରୁଆ ଅସ୍ତ୍ରରେ ଆଘାତ କରି ମାରି ଦେଇଛନ୍ତି ବୋଲି ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଚିତ୍ରକୋଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଗୁରୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାଲକାନଗିରି ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଏହି ମାମଲାର ବିଚାର କରାଯାଇ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହି ମାମଲକୁ ଗୁରୁ ଉଚ୍ଚ ନ୍ୟାୟାଳୟରେ ଅପିଲ କଲାପରେ ଏହାର ବିଚାର କରାଯାଇ ଗୁରୁ ଏହି ହତ୍ୟାରେ ସମ୍ପୃକ୍ତ ନ ଥିବା ଦର୍ଶାଇ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଗୁରୁଙ୍କ ପକ୍ଷରୁ ଆଇନଜୀବୀ କୈଳାସ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ସ୍ୱପ୍ନରେ ଭାବି ନ ଥିଲୁ ମାଲକାନଗିରି ବିକାଶରେ ଆଗେଇବ

ମାଲକାନଗିରି, ୧୮।୨ (ଦୁର୍ଯ୍ୟୋଧନ ପାତ୍ର)

୩୦ ବର୍ଷ ପୂର୍ବେ ମାଲକାନଗିରିକୁ କେବଳ ମାଓବାଦୀ ଜିଲା ବୋଲି ରାଜ୍ୟ ଜାଣିଥିଲା। ଆମେମାନେ ମାଲକାନଗିରି ଜିଲା ଶିକ୍ଷା, ଗମନାଗମନ, ବିଜୁଳି, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସଶକ୍ତୀକରଣ, କୃଷି କ୍ଷେତ୍ର, ଆଚରଣ, ଉଚ୍ଚାରଣ, ବେଶ ପୋଷାକରେ ଏତେ ପରିବର୍ତ୍ତନ ହେବ ବୋଲି ସ୍ୱପ୍ନରେ ବି ଭାବି ନ ଥିଲୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲାକୁ ପ୍ରାଧାନ୍ୟ ଦେଇ ସବୁ ଯୋଜନାର ଶୁଭାରମ୍ଭ କରି ଆମର ପରିଚୟ ସାରା ଦେଶରେ ସୃଷ୍ଟି କରିଛନ୍ତି ବୋଲି ରବିବାର ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସରପଞ୍ଚ ଘାସି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଗୌରୀ ପଡିଆମି, ଜିଲା ପରିଷଦ ସଭ୍ୟା କୁନି ବୁମିଆ, ଖରାପାଲ୍ଲୀ ସରପଞ୍ଚ ବିମଳା ପଡିଆମି, ଗୋରାଖୁଣ୍ଟା ସରପଞ୍ଚ ପଦିଏ କବାସୀ, ପାଣ୍ଡ୍ରିପାଣି ସରପଞ୍ଚ ସାବିତ୍ରୀ କିର୍ସାନୀ, ମାଲକାନଗିରି ବିଡିଓ ପ୍ରଭାତି ଝଡିଆ, ସିନ୍ଧ୍ରିମାଳ ପୂର୍ବତନ ସରପଞ୍ଚ ସମାରୀ କବାସୀ, ବିଜେଡି ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ବ୍ଲକ ସଭାପତି ହେମନ୍ତ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକ, ଜିଲା ଯୁବ ଉପସଭାପତି କଣ୍ଠେଶ୍ୱର ପଲ୍ଲି, ବିଜେଡି ଜୋନ୍ ସଂଯୋଜକ ଗୋପୀ ପାଙ୍ଗି, ସମାଜିକକର୍ମୀ ଦୁର୍ଯ୍ୟୋଧନ ପାତ୍ର, ବିଜେଡି ମିଡିଆ ସେଲର ସଦାନନ୍ଦ ଖରା ପ୍ରମୁଖ ମଞ୍ଚାସୀନଥିଲେ।

ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ମାଲକାନଗିରିବାସୀ କିପରି ଉପକୃତ ହୋଇଛନ୍ତି ଆଗାମୀ ଦିନରେ ଆହୁରି ଅନେକ ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ବୋଲି କହିଥିଲେ। ତେଣୁ ଯୋଜନାର ସୁଫଳ ନେବା ପାଇଁ ସମସ୍ତ ଜନସାଧାରଣ ସଚେତନ ଓ ଯୋଜନା ସମ୍ବନ୍ଧରେ ଅବଗତ ହେବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପଞ୍ଚାୟତସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଶା, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ସତୀଗୁଡା ଓ ସିନ୍ଧ୍ରିମାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି ।

# ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ପଡ଼ିଆ ଟିମ୍ ବିଜୟୀ

ପଡିଆ, ୧୮।୨ (ଭାସ୍କାର ରାଓ)

ଷୋହଳ ବର୍ଷରୁ କମ୍ ବିଦ୍ୟାଳୟ ଛାତ୍ରମାନଙ୍କୁ ନେଇ ମାଲକାନଗିରିରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ପଡିଆ ଛାତ୍ରମାନେ ବିଜୟୀ ହୋଇଛନ୍ତି। ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ୧୬ ବର୍ଷରୁ କମ୍ ଛାତ୍ରଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଗତ ୧୧ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୭ଟି ବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିଲେ। ପ୍ରଥମ ଦିନରେ ପଡିଆ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଖେଳା ହୋଇଥିଲା । ରବିବାର କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ପଡିଆ ବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ପଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରମାନେ ୬ ଉଇକେଟରେ ବିଜୟୀ ହୋଇଛନ୍ତି । ମ୍ୟାନ ଅଫ ଦି ମ୍ୟାଚ ପଡିଆର ମାଙ୍ଗା ସୋଡି ଓ ମ୍ୟାନ ଅଫ ଦି ସିରିଜ ସନ୍ଦୀପ ସିଂ ହୋଇଛନ୍ତି ।



ଟୁର୍ନାମେଣ୍ଟରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ରମାନେ ।

# ବାଲିମେଳା ନଗର ବଣିକ ସଂଘର ନୂତନ କମିଟି ଗଠନ



ବଣିକ ସଂଘ କର୍ମକର୍ତ୍ତା ।

ବାଲିମେଳା, ୧୮।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି ନଗର ବଣିକ ସଂଘର ନୂତନ କମିଟି ଚୟନ ହୋଇଯାଇଛି। ଶନିବାର ସ୍ଥାନୀୟ ଆୟାପା ମନ୍ଦିର ପ୍ରାଙ୍ଗଣରେ ନଗର ବଣିକ ସଂଘ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଦ୍ୱାରା ଏକ ବୈଠକ କରାଯାଇଥିଲା। ଏହା ପୂର୍ବରୁ ଗତ ୯ ତାରିଖ ଶୁକ୍ରବାର କାର୍ଯ୍ୟକାରିଣୀ ସଦସ୍ୟଙ୍କ ଦ୍ୱାରା ଏକ ବୈଠକ କରାଯାଇ ପୂର୍ବ କମିଟିକୁ ରଦ୍ଦ କରିବା ପାଇଁ ନୋଟିସ ସହ ନୂତନ କମିଟି ଗଠନ ଲାଗି ସ୍ଥିର ହୋଇଥିଲା। ଏଥିସହିତ ନୂତନ କମିଟି ଚୟନରେ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହମତି କ୍ରମେ ସଭାପତି ସଂଜୀବ ଦୋରା, ଉପସଭାପତି ପୁରୁଷୋତ୍ତମ ମୁଦୁଲି, ସମ୍ପାଦକ ଶୁଭାଶିଷ କର, ସହ ସମ୍ପାଦକ ସୁଶାନ୍ତ କୁମାର ରାଉତ, କୋଷାଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ୪ ଜଣଙ୍କୁ ତଦାରଖ ନିମନ୍ତେ ଚୟନ କରାଯାଇଥିଲା। ସେମାନେ ହେଲେ ବିଜୟ କ୍ରିଷ୍ଣା ଦାସ, ଦିଲୀପ ସ୍ୱାଇଁ, ବଦ୍ରୀ ପ୍ରସାଦ ମିଶ୍ର ଓ ରବି ନାରାୟଣ ସାବତ। ସେହିପରି ୭ଜଣିଆ ଉପଦେଷ୍ଟା ମଣ୍ଡଳୀ ଓ ୩୦ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହି ସଭା କାର୍ଯ୍ୟ କରାଯାଇଥିଲା। ଆଗାମୀ ଦିନରେ ବାଲିମେଳା ନଗରରେ ଥିବା ସମସ୍ତ କ୍ଷୁଦ୍ର ଓ ବଡ଼ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ନଗର ବଣିକ ସଂଘ ସବୁବେଳେ ସହଯୋଗର ହାତ ବଢାଇ କାର୍ଯ୍ୟ କରିବ ବୋଲି ନୂତନ ଚୟନ କମିଟି ସଦସ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ବହୁତ ଶୀଘ୍ର କମିଟିର ରେଜିଷ୍ଟ୍ରେଶନ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା ।


## ଓଡ଼ିଶା ଲୋକସେବା ଆୟୋଗ, କଟକ

### ପ୍ରେସ୍ ବିଜ୍ଞପ୍ତି

No. 168/S/PSC Dt. 17.02.2024

No. D-: ଏତଦ୍ୱାରା ସମସ୍ତ ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଛି ଯେ:

୧. ଓଡ଼ିଶା ଲୋକସେବା ଆୟୋଗ ସମସ୍ତ ନିଯୁକ୍ତି ଚୟନ ପ୍ରକ୍ରିୟାରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ଯୋଗ୍ୟତାଭିତ୍ତିକ ବ୍ୟବସ୍ଥା ଅନୁସରଣ କରିଥାନ୍ତି।

୨. ସମ୍ପ୍ରତି "Specialist Manager" ପଦବୀ ପାଇଁ ଭୁବନେଶ୍ୱରସ୍ଥିତ OUAT (Conference Hall) ଠାରେ ମୌଖିକ ପରୀକ୍ଷା ଅନୁଷ୍ଠିତ କରିବା ପାଇଁ ଜାଲି ପ୍ରବେଶ ପତ୍ର ପ୍ରଦାନ ବିଷୟ ଆୟୋଗଙ୍କ ନଜରକୁ ଆସିଅଛି। ଏହା ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ଏବଂ ଅମୂଳକ। ପ୍ରକାଶ ଥାଉକି ଏଭଳି କୌଣସି ପଦବୀ ପାଇଁ ବିଜ୍ଞାପନ କିମ୍ବା ପ୍ରବେଶ ପତ୍ର ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ପ୍ରଦାନ କରାଯାଇନାହିଁ। ଏ ପରିପ୍ରେକ୍ଷୀରେ ସମ୍ପୃକ୍ତ ଅସାଧୁ ସଂସ୍ଥା ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପୁଲିସ କର୍ତ୍ତୃପକ୍ଷଙ୍କଠାରେ ଲିଖିତ ଏତଲା ଦାୟର କରାଯାଇଛି।

୩. କେତେକ ଅସାଧୁ ବ୍ୟକ୍ତି/ସଂସ୍ଥା ମଧ୍ୟ ପ୍ରାର୍ଥୀମାନଙ୍କ ସରଳତାର ସୁଯୋଗ ନେଇ ଆୟୋଗଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସେମାନଙ୍କୁ ଯୋଗ୍ୟତା ତାଲିକାରେ ସ୍ଥାନ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେବା ସହ ସେମାନଙ୍କଠାରୁ ବେଆଇନ ଭାବରେ ଅର୍ଥ ଆଦାୟ କରିବା ପାଇଁ ପ୍ରଲୋଭିତ କରୁଛନ୍ତି।

୪. ଏଣୁ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ପରିଚାଳିତ ପ୍ରତ୍ୟେକ ନିଯୁକ୍ତି ଚୟନ ପ୍ରକ୍ରିୟା ଉପରେ ସୁନିଶ୍ଚିତ କରିବା ପାଇଁ ସର୍ବଦା ଓଡ଼ିଶା ଲୋକସେବା ଆୟୋଗଙ୍କ Website: www.opsc.gov.inରେ ପ୍ରଦାନ କରାଯାଉଥିବା ବିଜ୍ଞାପନ, ନୋଟିସ ଏବଂ ତଥ୍ୟକୁ ପ୍ରାଞ୍ଜଳ ଓ ସଠିକ୍ ଭାବରେ ଅନୁସରଣ କରି ସୁନିଶ୍ଚିତ ହୁଅନ୍ତୁ।

୫. ପ୍ରାର୍ଥୀ/ଅଭିଭାବକମାନେ ଏଭଳି ପ୍ରବଞ୍ଚକ ସଂସ୍ଥା/ବ୍ୟକ୍ତି ବିଶେଷଙ୍କ ମିଥ୍ୟା ପ୍ରତିଶ୍ରୁତିରେ ପ୍ରଭାବିତ ନ ହୋଇ ସର୍ବଦା ଓଡ଼ିଶା ଲୋକସେବା ଆୟୋଗଙ୍କ ୱେବସାଇଟ୍ www.opsc.gov.inକୁ ଅନୁସରଣ କରିବା ପାଇଁ ପରାମର୍ଶ ଦିଆଯାଉଅଛି। କୌଣସି ସନ୍ଦେହଜନକ ପରିପ୍ରେକ୍ଷୀରେ ତୁରନ୍ତ ପ୍ରତିକାର ପାଇଁ ଲୋକସେବା ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଓ ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ କରନ୍ତୁ।

ଦୟାକରି ନିମ୍ନଲିଖିତ ନମ୍ବର କିମ୍ବା ଇ-ମେଲରେ ଯୋଗାଯୋଗ କରନ୍ତୁ।

୦୬୭୧-୨୩୦୧୧୦୭, ୦୬୭୧-୨୩୦୪୦୯୦, ଇ-ମେଲ୍: opsc@nic.in

ଆୟୋଗଙ୍କ ଆଦେଶ ଅନୁସାରେ

ସ୍ୱା./- ସଚିବ, ଓଡ଼ିଶା ଲୋକସେବା ଆୟୋଗ, କଟକ

OIPR-12002/11/0146/2324

## ODISHA PUBLIC SERVICE COMMISSION
### CUTTACK
### NOTICE

No. 978/P.S.C. Dt.17.02.2024
(1E-03-2023-24) (DR-II)

No. D-: It is for information of all concerned that, on the basis of written examination held on 04.11.2023 and 05.11.2023 for recruitment to the posts of **Junior Asistant (Group - C)** for the office of Odisha Public Service Commission, pursuant to the Advt. No. 13 of 2023-24, **78 candidates** (as per Roll List enclosed) have been provisionally shortlisted for physical verification of original certificate/documents and Computer Practical Skill Test.

The physical verification of original certificate/ documents and Computer Practical Skill Test will be **held tentatively on 24.02.2024**.

The candidates are advised to visit the website of the Commission at **https://opsc.gov.in** regarding detail programme for verification of original certificate/documents and Computer Practical Skill Test.

It is also made clear that the candidature of these candidates for the recruitment is **purely provisional**. The candidature is liable for rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

OIPR-12002/11/0144/2324 Sd./- Secretary

## OFFICE OF SUPERINTENDING ENGINEER
### NAYAGARH IRRIGATION DIVISION, NAYAGARH
E mail- eenidivn@gmail.com

### NOTICE

No.-A-1508:- It is notified that tender invited for the work, " Restoration to Dahuka right embankment near Champatipur for the year 2023-24" (Sl.No. 07) vide e-procurement Notice No. 07 (NGR) of 2023-24 dated 23.11.2023 is hereby cancelled due to land dispute.

Sd./- Superintending Engineer
Nayagarh Irrigation Division, Nayagarh
OIPR-32303/11/0028/2324

## GRIDCO LIMITED
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
No.CAD-4186

### TENDER NOTICE

**Expression Of Interest (EOI) for prospective Land owners/Aggregators**

GRIDCO Ltd. being the nodal agency for implementing the Renewal Energy Policy-2022 in the state of Odisha, invites Expression of Interest (EOI) for Sourcing of land from prospective Land owners/Aggregators for Lease/Sale of required land to solar power developers for setting up of solar PV projects in Odisha. The complete detail of EOI is available on GRIDCO website **www.greenenergyinvest.odisha.gov.in / www.gridco.co.in.**

Interested Land owners/Aggregators fulfilling the criteria may submit their EOI by 1500 Hrs of 02.04.2024 to RE Nodal Agency, GRIDCO, Janpath, Bhubaneswar-751022.

OIPR-04056/11/0032/2324 Managing Director

## GOVERNMENT COLLEGE OF ENGINEERING, KEONJHAR
## ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର
(An Affiliated College of BPUT, Odisha)
At: Jamunalia, P.O.: Old Town, Dist.: Keonjhar, PIN - 758002 (Odisha)
Web: www.gcekjr.ac.in / Mail Id: principal@gcekjr.ac.in

No. 428 Date: 17.02.2024

### TENDER CALL NOTICE FOR EVENT MANAGEMENT

No. KK-408: Sealed tenders in two bid systems are invited from registered Event Management Firm having valid **GST REGISTRATION** number for arrangement of stage, light, sound and 10 numbers of mini funfair stalls (Pagoda Tent) and to supply different items according to the specification and quantity mentioned in the tender document. Tender document can be downloaded from the official website of the College **(www.gcekjr.ac.in)** and submitted during the due date along with Rs.500/- (Rupees five hundred only) in shape of Demand Draft in favour of Principal, Government College of Engineering, Keonjhar, payable at Keonjhar, towards cost of the tender document. The completed tender document must reach the office of the undersigned on or before **04.03.2024 till 5.00 P.M.** The tender will be opened on **06.03.2024 at 11.00 A.M.**
The annual function will be held **13th, 14th and 15th of March 2024**. The **Student Performance, Star Artis and DJ** performance will be held on first day, second day and third day of the programme respectively.

Sd./- Principal
Government College of Engineering, Keonjhar
OIPR-14088/11/0010/2324

## OFFICE OF THE SUPERINTENDING ENGINEER
### CHHELIGADA HEAD WORKS DIVISION, AT/P.O.: MAHENDRAGADA, VIA; CHANDRAGIRI, DIST.: GAJAPATI, PIN- 761017
e-mail: eechwd@gmail.com

### e-Procurement Notice No. SE-CHWD-08/2023-24

No.A-1531:- Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in.

| | | | |
|---|---|---|---|
| 1 | Type of the work | : | Building works |
| 2 | No. of works | : | 07 |
| 3 | Class of contractor | : | 'D', 'C' & 'B' class contractor |
| 4 | Bid Identification No. | : | e-CHWD-53/2023-24 to e-CHWD- 59/2023-24 |
| 5 | Estimated cost | : | Rs.6.99 lakhs to Rs.23.89 lakhs |
| 6 | Period of completion | : | 4(Four) to 6(Six) calendar months |
| 7 | Date & time of availability of bid documents in the portal | : | 20.02.2024 to 02.03.2024 upto 5.00 P.M. |
| 8 | Last date / time for receipt of bids in the portal | : | 02.03.2024 upto 5.00 P.M. |
| 9 | Date of opening of bid | : | 04.03.2024 at 11.30 A.M., in the e-procurement cell, Office of the Chief Engineer & Basin Manager, RBVN Basin, Berhampur, Dist: Ganjam |
| 10 | Name of the office inviting bid | : | Superintending Engineer, Chheligada Head Works Division, Mahendragada, Dist.: Gajapati |

N.B.: (1) Any addendum / corrigendum / cancellation of tender can be seen in the said website.
(2) Further details can be seen from Government website: http://tenderodisha.gov.in.

Sd./- Superintending Engineer,
Chheligada Head Works Division, Mahendragada (Gajapati)
OIPR-32109/11/0012/2324

## OFFICE OF THE CDM & PHO, SUNDARGARH
### CORRIGENDUM NOTICE

No. E-849:- As per tender call notice No. CDM&PHO/SNG/2023-24/05 dated 03.02.2024 for Selection of Agency for "Operation & Management of Therapeutic Service Center (TSC) at Sundargarh and Rourkela under DMF", the following clauses and points have been amended.

| Page No. | Clause No. | Read as |
|---|---|---|
| 9 | 15 | The Performance Bank Guarantee @5% of Contract Value instead of Rs.10,00,000 (Ten Lakhs) |
| 61 | Tech-3- Bidders Financial Details | The Financial Year may be read as 2020-21, 2021-22 & 2022-23 |

All other terms & conditions remain unchanged.

OIPR-10100/11/0036/2324 Sd./- CDM & PHO, Sundargarh

## ZILLA SWASTHYA SAMITI, ANGUL
### ADVERTISEMENT

No. 439 Date: 16.02.2024

No. E-848: Applications are invited only from the **Contractual Employee currently working under NHM** in the same post of OSH & FW Society in other district, desiring to be posted in Angul district against the vacant position as mentioned below:

| Sl. No. | Name of the Positions | No. of Positions Vacant |
|---|---|---|
| 1 | Junior Hospital Manager | 01 |
| 2 | Block Programme Manager | 01 |
| 3 | Social Worker (DEIC) | 01 |
| 4 | Senior Treatment Supervisor (STS) | 01 |
| 5 | Data Assistant-cum-Accountant, NUHM | 01 |
| 6 | Ayush MO RBSK | 07 (Ayurvedic Male - 01, Homeopathy Male - 01, Ayurvedic Female - 04 & Homeopathy Female - 01) |
| 7 | RBSK Pharmacist | 01 |
| 8 | RBSK ANM/Staff Nurse | 01 |

Interested in-house candidate may log on to **www.Angul.nic.in** for detail terms, conditions & application forms. The filled up application form in all respect should reach the O/o. CDM & PHO, Angul, PIN - 759122, by 29.02.2024 upto (5.00 P.M.) by Regd. Post/Speed Post only. **Application received from any other candidate except the contractual employees currently working under NHM will be rejected**.
The application must be superscribed as "Application for the post of <Name of the Post> & Category of application <In House Candidate>". Application received after due date will not be considered. No personal query will be entertained. Vacancy shown above are provisional and subject to change. Incomplete application in any forms is liable for rejection. The authorities reserve the right to accepting/rejecting any application and modify/cancel the advertisement without assigning any reason thereof.

OIPR-10142/11/0010/2324 Sd./- CDM & PHO cum District Mission Director, Angul

## DIRECTORATE OF MEDICAL EDUCATION & TRAINING, ODISHA
### ULTRASONOGRAPHY TRAINING (7th Batch)

No. 2312 Dt.17 Feb. 2024

No. E-850: Eligible candidates are invited to apply online for Six months training in Ultrasonography in accredited Govt. Medical Colleges of the State along with IGH, Rourkela, PGIMER & CH, Bhubaneswar and RGH, Rourkela. The detail of application, fees, eligibility, etc. is available in the website of DMET, Odisha i.e. **www.dmetodisha.gov.in** under Ultrasonography Training link.

Sd./- Addl. Director of Medical Education & Training, Odisha
OIPR-10016/11/0028/2324

## The Odisha Agro Industries Corporation Ltd.,
(A Govt. of Odisha undertaking)
Regd. H.O.: 95-Satyanagar, Bhubaneswar-751007,
Tel. (0674) 2570687, Email: oaicho@orissaagro.com
No.CAD-4180

### E-PROCUREMENT TENDER

E-procurement tender in conformity with technical specification, term & conditions in tender documents are invited from registered Civil Contractors/firms (Class – 'Special'&'A') for the work "Construction of Mini-Millet Factory at Barmunda, Bhubaneswar amounting to**Rs.11,53,24,772/-** (Rupees Eleven Crore Fifty-Three Lakh Twenty-Four Thousand Seven Hundred Seventy-Two only)". For more details, please visit website **http://tendersodisha.gov.in**.Bid documents will be available in above website from **15.02.2024**at **10.00 A.M to 05.00 PM of 29.02.2024**. The bid shall be opened in the office of the undersigned on **01.03.2024** at **11.30 AM**.The biddermustpossessmatchingclasscompatibleDigitalSignatureCertificate (DSC) to apply for the tender. The undersigned reserves the right to accept/reject any/all application (s) without assigning any reasons thereof.

Sd/-
DY. GENERAL MANAGER (E&I) OIPR-01047/11/0067/2324

## GOVERNMENT OF ODISHA
## OFFICE OF THE CHIEF EXECUTIVE, RPRC, BHUBANESWAR
(E-mail Id: rprcbbsr@gmail.com), Tel.: (0674) 2557925

### INVITATION FOR BIDS THROUGH e-Procurement
### Bid Identification No. RPRC/07/2023-24
### 'e' Procurement Notice No. 07 of 2023-24

No. /RPRC Date: 15.02.2024

No. MM-: The Chief Executive, RPRC, Bhubaneswar on behalf of Governor of Odisha invites Percentage Rate Bids for the works as detailed in table below:

| E-Procurement Officer | Name of Work | Bid Id No. | Tender Cost in (Ex. GST) | EMD in Rs. | Cost of Bid Document in Rs. | Class of Contractor | Period of Completion | Availability of Tender Online for Bidding | | Date of Opening of (Technical Bid) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Executive, RPRC, Bhubaneswar | i) Construction of Gate Complex, fencing of Botanical Garden at RPRC, Bhubaneswar for the financial year 2023-24 | 07 of 2023-24 | Rs.1,06,95,982/- | 1,07,000.00 (Online) | 10000.00 (Online) | State Government B Class and A Class contractors of equivalent Grade/Class registered with Central Government/MES/Railways | 3 (Two Calendar Months) | 17.02.2024 11.00 A.M. | 28.02.24 17.30 P.M. | 29.02.2024 11.30 A.M. |
| | ii) Renovation of Orchidarium at RPRC, Bhubaneswar for the financial year 2023-24 | | Rs.1,36,54,427/- | 1,36,600.00 (Online) | 10000.00 (Online) | State Government B Class and A Class contractors of equivalent Grade/Class registered with Central Government/MES/Railways | 3 (Two Calendar Months) | 17.02.2024 11.00 A.M. | 28.02.24 17.30 P.M. | 29.02.2024 11.30 A.M. |

Further details can be seen from the RPRC, website **www.rprcbbsr.in/e-Wizard System Addendum/Corrigendum/Cancellation** if any required will be published in RPRC website only. Website: **www.rprcbbsr.in**.
For downloading & submission of E-Tender visit our e-portal: **www.e-Wizard System**. Use e-portal **www.e-Wizard System,** vendor needs to register on the portal. After successful registration send a mail to **twhelpdesk9559@gmail.com** with details (For New Bidders). For any other queries regarding registration & online tender submission contact to: Mr. Shivendra Sharma at Mob. No. 9355030613, E-mail: **helpline4tenderwizard@gmail.com. Helpdesk No. 9073677150 / 151 / 152.**

OIPR-08004/11/0014/2324 Sd./- Chief Executive, RPRC, Bhubaneswar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION GANJAM NO.-I, BERHAMPUR
Phone: 0680-2292896, e-mail ID: eemi_gm1@yahoo.co.in

**2nd Corrigendum to Bid Identification No. Online Tender/05/GMID-I/2023-24**

No. 504 Dt.08.02.2024

No. A-:- In partial modification to this office Bid I.D. No.- Online Tender/05/ GMID-I/2023-24 vide Tender Call Notice No.3750 dtd. 26.12.2023, the following modifications are made.

Table No. - 1

| Sl. No. | Details of modification | As per 1st Corrigendum | Modified As |
|---|---|---|---|
| 1. | Last date of availability and receipt of tender online for bidding | 12.02.2024 upto 17.00 Hours | 22.02.2024 upto 17.00 Hours (Sl. No. 01 to 06) |
| 2. | Date and Time of Opening of Tender | 13.02.2024 at 11.00 Hours | 22.02.2024 at 17.10 Hours (Sl. No. 01 to 06) |

Due to unavoidable circumstances the tender for the work Sl. No. 07 namely **"Imp. to Masaniaghai M.I.P. at Balarampur in Hinjili block under MIPSP Scheme"** is hereby cancelled.

**All other terms and conditions remain unchanged.** The bid should be submitted online in the website www.tendersorissa.gov.in by eligible contractor.

Sd./- Superintending Engineer, M.I. Division, Ganjam-I, Berhampur
OIPR-32104/11/0035/2324

## GOVT. OF ODISHA
## DEPARTMENT OF WATER RESOURCES
### O/O THE SUPERINTENDING ENGINEER, PRACHI DIVISION, BHUBANESWAR-12
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472

No.1260 Dt.16.2.24

### e-PROCUREMENT NOTICE NO.SEPRD-27/2023-24

No.A-1528:- Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01 | Nature of work | CAPEX road works |
| 02 | No. of works | 7 Nos. |
| 03 | Bid Identification No. | SEPRD-27/2023-24 |
| 04 | Estimated cost | 50.00 Lakhs to 95.00 Lakhs |
| 05 | Earnest Money deposit | Referred to DTCN |
| 06 | Cost of tender paper | Referred to DTCN |
| 07 | Period of completion | Referred to DTCN |
| 08 | Date & time of availability of bid documents in the portal | From 20.02.2024 (11.00 A.M.) to 06.03.2024 (5.00 P.M.) |
| 09 | Date and time of opening of Technical Bid (Cover-I) | 07.03.2024 at 11.00 A.M. |
| 10 | Name and address of the officer inviting bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, Phone: 0674-2562427, Fax: 0674-2562472 |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in

Sd./- Superintending Engineer, Prachi Division, Bhubaneswar
OIPR-32096/11/0011/2324

## ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ
## ୨ ମୃତ, ୧୨ ଆହତ

ବୋରିଗୁମ୍ମା, ୧୮।୨(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା କାଳିଆଗୁଡ଼ା ନିକଟରେ ଥିବା ବ୍ରିଜରେ ଏକ ବରଯାତ୍ରୀ ଗାଡ଼ି ରବିବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନେ ନାରାୟଣପାଟଣା ଅଞ୍ଚଳର ବୋଲି ଜଣାପଡ଼ିଛି। ବର ମଧ୍ୟ ଆହତ ହୋଇଛନ୍ତି । ଆହତ ବ୍ୟକ୍ତିମାନଙ୍କୁ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଛି। ଗାଡ଼ି ନମ୍ବର୍ ଓଆର ୧୦ଇ-୩୭୦୦।

# ୮୪ କେନ୍ଦ୍ରରେ ୧୮୧୩୨ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

ନବରଙ୍ଗପୁର, ୧୮।୨(ସଦାଶିବ ପ୍ରହରାଜ)

**ନବରଙ୍ଗପୁର ଜିଲା**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭହୋଇ ମାର୍ଚ୍ଚ ୪ ତାରିଖରେ ଶେଷ ହେବ। ପରୀକ୍ଷାର୍ଥୀମାନେ ସକାଳ ସାଢ଼େ ୭ଟାରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ନୋଡାଲ ସେଣ୍ଟରଗୁଡ଼ିକରୁ ପ୍ରଶ୍ନପତ୍ର ସକାଳ ୭.୩୦ରୁ ୮.୩୦ଟା ମଧ୍ୟରେ ପହଞ୍ଚିବ । ପୂର୍ବାହ୍ନ ୯ରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ । ଏ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ବୃତାନ୍ତ ହୋଇଛି। ଜିଲାର ୨୨୮ ହାଇସ୍କୁଲର ୧୮୧୩୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଏ ନେଇ ୮୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୮୧ ପରୀକ୍ଷା କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ଓ ୩ଟି ପରୀକ୍ଷା କେନ୍ଦ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ରହିଛି। ଏଥର ରେଗୁଲାରରେ ୧୭୩୭୦, ଏକ୍ସ ରେଗୁଲାର ୨୧, ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ୭୩୬ ଓ କରେସ୍ପଣ୍ଡେଣ୍ଟ କୋର୍ସ ଛାତ୍ରୀଛାତ୍ର ୫ ଜଣ ପରୀକ୍ଷା ଦେବେ । ପରୀକ୍ଷା ପାଇଁ ୯ଟି ନୋଡାଲ ସେଣ୍ଟର, ୨୩ ଦଳ ପ୍ରଶ୍ନପତ୍ର ପହଞ୍ଚାଇବେ । ବୋର୍ଡ ପକ୍ଷରୁ ୧୬ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି । ଅନ୍ୟ ପରୀକ୍ଷା କେନ୍ଦ୍ରରେ ଅନ୍ୟୁନ ୩ଟି ଲେଖାଏଁ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ରହିଛି । ସିସି କ୍ୟାମେରାଗୁଡିକ ଏଆଇ ବ୍ୟବସ୍ଥା ମଧ୍ୟରେ ରହିଥିବା ଯୋଗୁ ବୋର୍ଡ ପରୀକ୍ଷା କେନ୍ଦ୍ରରେ କ'ଣ ହେଉଛି ଓ ପରୀକ୍ଷା କିଭଳି ପରିଚାଳିତ ହେଉଛି ତାହା ଜାଣିପାରିବେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨ଟି ସ୍କ୍ୱାଡ୍ ଓ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ଗଠନ କରାଯାଇଛି । ତେବେ ପରୀକ୍ଷାର୍ଥୀମାନେ ପ୍ରଥମ ଦିନରେ ଓଡ଼ିଆ (ଏମ୍ଆଇଏଲ) ପରୀକ୍ଷା ଦେବେ ।

# ଚନ୍ଦରମଲ୍ଲୀ ଦେଶିଆ ଭାଷାର କବିତା ସଙ୍କଳନ ଉନ୍ମୋଚନ



ଅତିଥିମାନେ ଚନ୍ଦରମଲ୍ଲୀ ଦେଶିଆ ଭାଷାର କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି ।

ନବରଙ୍ଗପୁର,୧୮।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଚନ୍ଦରମଲ୍ଲୀ ଦେଶିଆ ଭାଷାର କବିତା ସଙ୍କଳନ ଉନ୍ମୋଚନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ଡ. ପରମେଶ୍ୱର ମୁଣ୍ଡ୍, ବିଶିଷ୍ଟ ଅତିଥି ଭାବରେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଉପସ୍ଥିତ ଥିଲେ। 'ଦେଶିଆ' ପତ୍ରିକାର ସମ୍ପାଦକ ରଞ୍ଜନ ମହୁରିଆ ସଭାପତିତ୍ୱ କରିଥିଲେ। ସମୀକ୍ଷକ କେଦାରେଶ୍ୱର ପଟ୍ଟନାୟକ ଓ କବି ସବିତା ସତପଥୀ ପୁସ୍ତକ ସମୀକ୍ଷା କରିଥିଲେ । ପୁସ୍ତକର ମୂଳ ରଚୟିତା ଡ. ବାସନ୍ତୀ ମହାନ୍ତି ଓ ଅନୁବାଦିକା ଜେମାମଣି ବିଷୋୟୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଦେଶିଆ କୁଟୁମ୍ବର ସମ୍ପାଦକ ସବ୍ୟସାଚୀ ବିଷୋୟୀ। ଆଦିତ୍ୟ ଭାରତ, କଟକ ଦ୍ୱାରା ପ୍ରକାଶିତ ଏହି ଦେଶିଆ ଭାଷାର ବହିକୁ ଅତିଥିମାନେ ପ୍ରଶଂସା କରିଥିଲେ। ଶହୀଦ ସ୍ମୃତି ସଂସଦ ତଥା କଂଗ୍ରେସର ନେତା ମୁନା ତ୍ରିପାଠୀ ଯୋଗଦେଇ ଆଗକୁ ଏହିଭଳି ଅନେକ ପୁସ୍ତକ ଦେଶିଆ ଭାଷାରେ ପ୍ରକାଶ କରାଯିବା ଉଚିତ ବୋଲି ମତ ଦେଇଥିଲେ। ଦେଶିଆ ଭାଷାର ସମୃଦ୍ଧିରେ ଚନ୍ଦରମଲ୍ଲୀ ପୁସ୍ତକ ଗୋଟିଏ ପାଦ ଆଗକୁ ବଢ଼ିଛି। ଦେଶିଆ ଭାଷା କୌଣସି ଭାଷାଠାରୁ କମ୍ ନୁହେଁ, ଏହି ଭାଷାର ସମୃଦ୍ଧି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଡ. ମୁଣ୍ଡ୍ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକୁନ୍ତଳା ବିଷୋୟୀ, ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ବିଜୟ କୁମାର ମିଶ୍ର, ଜଗଦୀଶ ତ୍ରିପାଠୀ, ପ୍ରଭାସିନୀ ମହାନ୍ତି, ହାରାବତୀ ଗୋଣ୍ଡ, ଗୋପବନ୍ଧୁ ବିଷୋୟୀ, କିଶୋର ମିଶ୍ର, ଅମ୍ବିକା କଲାର, ଚନ୍ଦ୍ର ଦାସ, ସୁଶୋଭିତ ମେରିଲିନ ଡୁରୁକ, ଜାହ୍ନବୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ସମ୍ପୂର୍ଣ୍ଣ ଦେଶିଆ ଭାଷାରେ ଅନୁଷ୍ଠିତ ହୋଇଥିଲା। ଶେଷରେ ସବ୍ୟସାଚୀ ବିଷୋୟୀ ଧନ୍ୟବାଦ ଦେଇଥିଲେ।

# ମାଓବାଦୀଙ୍କ ଗ୍ରାମରେ ନୂତନ କ୍ୟାମ୍ପ ପ୍ରତିଷ୍ଠା




ନୂତନ କ୍ୟାମ୍ପ ପ୍ରତିଷ୍ଠା ପରେ ଏକାଠି ହୋଇଥିବା ଯବାନମାନେ ।

ମାଲକାନଗିରି, ୧୮।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବସ୍ତର ଡିଭିଜନ ଅଧୀନରେ ଥିବା ମାଓବାଦୀଙ୍କ ବିରୋଧରେ ଅପରେଶନ କରିବା ସହିତ ଏହି ଅଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଓ ସୁରକ୍ଷା ସହ ମାଓବାଦୀଙ୍କ ଗଡ ଧ୍ୱଂସ କରିବା ପାଇଁ ସ୍ଥାନୀୟ ପୋଲିସ ଓ ସୁରକ୍ଷା ବଳ ଅଣ୍ଟା ଭିଡିଛି । ଛତିଶଗଡରେ ସୁକମା ଏବଂ ବିଜାପୁର ଜିଲା ସୀମାନ୍ତରେ ଥିବା ପୁରଭି ଅଞ୍ଚଳ। ଏଠାରେ ଦୁର୍ଦ୍ଦାନ୍ତ ମାଓବାଦୀ କମାଣ୍ଡର ହିଡମା ଏବଂ କମାଣ୍ଡର ବାର୍ସେ ଦେବଙ୍କ ଘର ରହିଛି। ଅଞ୍ଚଳକୁ ମାଓବାଦୀ ମୁକ୍ତ ପାଇଁ ନିଷ୍ପତ୍ତି ନେଇ ସିଆରପିଏଫ, ଏସ୍‌ଟିଏଫ, କୋବ୍ରା, ଡିଆରଜି, ବସ୍ତର ଫାଇଟର ଏବଂ ସ୍ଥାନୀୟ ପୋଲିସ ମିଳିତ ଭାବେ ଏକ ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା କରିଛନ୍ତି । ସୁକୁମା ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୧୨୦ କି.ମି.ଦୂରରେ ଅବସ୍ଥିତ ଏହି ଗାଁ ମାଓବାଦୀ ଗଡ ଭାବେ ପରିଚିତ ଥିବା ବେଳେ ମାଓବାଦୀ ସମସ୍ୟା ଏବଂ ଅନ୍ୟାନ୍ୟ ପରିସ୍ଥିତ ଯୋଗୁ ବିକାଶ କାର୍ଯ୍ୟ ହୋଇନଥିବା ସହ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ତେବେ ଏହି ଅଞ୍ଚଳରେ ମାଓବାଦକୁ ହଟାଇବା ସହ ଗଡ ଭାଙ୍ଗିବାକୁ ଯବାନଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହି ନୂତନ କ୍ୟାମ୍ପ ହେବା ପରେ ରାତିଦିନ ବହୁ ଯବାନ ଦୁଇ ମାଓ କମାଣ୍ଡରଙ୍କ ଘର ସମ୍ମୁଖରେ ପ୍ରହରା ଦେଉଥିବା ସହ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ମଧ୍ୟ ଜୋରଦାର କରିଛନ୍ତି। ଏନେଇ ବସ୍ତର ଆଇଜି ସୁନ୍ଦରରାଜ ପି. କହିଛନ୍ତି, ପୁରଭି ପରି ଏକ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ଶିବିର ସ୍ଥାପନ କରି ହଜାର ହଜାର ଗ୍ରାମବାସୀ ମାଓବାଦୀ ଆତଙ୍କବାଦରୁ ମୁକ୍ତ ହେବେ। ବିକାଶ ଏବଂ ସରକାରୀ ସୁବିଧା ଲୋକଙ୍କୁ ମିଳିବ । ଫଳରେ ଲୋକେ ମାଓବାଦରୁ ମୁହ ଫେରାଇ ପୋଲିସ ଓ ସରକାରଙ୍କୁ ସମର୍ଥନ ଜଣାଇବେ । ଏହାସହ ଦୁଇ କୁଖ୍ୟାତ ମାଓବାଦୀ ମଧ୍ୟ ନିଜ ଗ୍ରାମକୁ ଆସିବା ଅସମ୍ଭବ ହୋଇଥିବା ବେଳେ ସେମାନେ ମଧ୍ୟ ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ବାଧ ହେବେ ବୋଲି ସେ କହିଛନ୍ତି ।

# ନିର୍ବନ୍ଧକୁ ଯିବାବେଳେ ଓଲଟିଲା ପିକ୍‌ଅପ୍

**୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ**

ଉମରକୋଟ ୧୮।୨ (ସନ୍ତୋଷ ଶତପଥୀ)



ଦୁର୍ଘଟଣା ପରେ ଆହତଙ୍କୁ ଉଦ୍ଧାର କରାଯାଉଛି।

ଏକ ପିକଅପ୍ ଭ୍ୟାନରେ ନିର୍ବନ୍ଧ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିବାବେଳେ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗଲଗଲିଆ ଗ୍ରାମ ନିକଟରେ। ଆହତମାନେ ହେଲେ ଝରିଗାଁ ବ୍ଲକ ଏକମ୍ବା ଗ୍ରାମର ପଦ୍ମିନୀ ଗଣ୍ଡ (୬୦), ନିର୍ମଳ ଗଣ୍ଡ(୧୫), ବାସନ୍ତୀ ଗଣ୍ଡ (୩୫), ସୁବର୍ଣ୍ଣ ଗଣ୍ଡ(୪୦), ରଇବାରି ଗଣ୍ଡ (୫୫), ଦୁଖିଲି ଗଣ୍ଡ(୫୮) ଓ ରାମଦାସ ମାଝୀ (୬୨)। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ପଦ୍ମିନୀଙ୍କ ମୁହଁରେ ଆଘାତ ଲାଗିଥିବା ବେଳେ ନିର୍ମଳଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ପଦ୍ମିନୀ ଓ ନିର୍ମଳଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ଏକମ୍ବା ଗ୍ରାମରୁ ଗୋଟିଏ ମିନି ପିକଅପ(ଓଡି୨୪ ଏଚ ୮୮୪୦) ରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଝରିଗାଁ ବ୍ଲକ ମହଣ୍ଡି ଗ୍ରାମକୁ ନିର୍ବନ୍ଧ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଗଲଗଲିଆ ଗ୍ରାମ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଝରିଗାଁ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।ଦୁର୍ଘଟଣା ପରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ଖଣି ଖନନକୁ ବିରୋଧ କରି ମାଓବାଦୀଙ୍କ ପ୍ରେସ୍ ବିଜ୍ଞପ୍ତି

ମାଲକାନଗିରି,୧୮।୨(ଦୁର୍ଯ୍ୟୋଧନ ପାତ୍ର)

ଜୋନାଲ ଡିଭିଜନ ମାଓବାଦୀ ସଙ୍ଗଠନ ସଚିବ ଗଣେଶ ଏକ ପ୍ରେସ ବିଜ୍ଞପ୍ତି ଜାରିକରି ମାଲକାନଗିରି ଜିଲାରେ ଖଣି ଖନନକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଜିଲାର ମହୁପଦର ଏବଂ କମାରପାଲ୍ଲୀରେ ଖଣି ଖନନକୁ ଅନୁମତି ଦିଆଯାଇଥିବା ବେଳେ ଏହି ଅଞ୍ଚଳରେ ଲୋକଙ୍କ ହକକୁ ଛଡାଇ ନିଆଯାଉଥିବା ଏବଂ ଖଣିଜ ପଦାର୍ଥ ଲୁଟ ହେଉଥିବା ଏହି ପ୍ରେସ ବିଜ୍ଞପ୍ତି ଉଲ୍ଲେଖ ରହିଛି । ଖଣି ଯୋଗୁ ଏଠିକାର ଲୋକେ ଭିଟାମାଟି ହରାଇବେ, ଲୋକଙ୍କ ଜମି, ଜଳ ଓ ଜଙ୍ଗଲ ନଷ୍ଟ ହେବା କଥା ଏଥିରେ ଉଲ୍ଲେଖ କରାଯାଇଛି । ତେବେ ସରକାରଙ୍କର ବିକାଶ ମୂଳକ କାର୍ଯ୍ୟକୁ ମାଓବାଦୀ ସଙ୍ଗଠନ ବିରୋଧ କରିଥିବା ବେଳେ ମାଲକାନଗିରି ଜିଲାରେ ଖଣି ଖନନକୁ ବନ୍ଦ କରାନଗଲେ ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଏହି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଆକାଂକ୍ଷା ବ୍ଲକ୍‌କୁ ନେଇ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ରାଜ୍ୟର ସରପଞ୍ଚମାନେ।

ତେନ୍ତୁଲିଖୁଣ୍ଟି,୧୮।୨(ଚିଦାନନ୍ଦ ସାହୁ)

**ଯୋଗଦେଲେ ନବରଙ୍ଗପୁରରୁ ୨ ସରପଞ୍ଚ**

କେନ୍ଦ୍ରୀୟ ନିତି ଆୟୋଗ ବିଭାଗ ସହିତ ଜଡ଼ିତ ପିରାମଲ ଫାଉଣ୍ଡେସନ ସଂସ୍ଥା ପକ୍ଷରୁ ଦେଶର ପ୍ରତ୍ୟେକ ରାଜ୍ୟରୁ ଆକାଂକ୍ଷା ଜିଲା ଅନ୍ତର୍ଗତ ପ୍ରତେକ ବ୍ଲକରୁ ଜଣେ ଲେଖାଏ ସରପଞ୍ଚଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ଥାନରେ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ପିରାମଲ ଫଙ୍କସନ ସ୍କୁଲ ଅଫ ଲିଡରଶିପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବରଙ୍ଗପୁରରୁ ୨ ଜଣ ସରପଞ୍ଚ ଯୋଗଦେଇଥିଲେ । ସେମାନେ ହେଲେ ତେନ୍ତୁଲିଖୁଣ୍ଟି ବ୍ଲକରୁ କିଶୋର ନାୟକ ଓ ଡ଼ାବୁଗାଁରୁ ରାମ କୁମାର ଗଣ୍ଡଙ୍କ ସମେତ କୋରାପୁଟ, କନ୍ଧମାଳ, ଗଜପତି,ମାଲକାନଗିରି, ରାୟଗଡା, ଢେଙ୍କାନାଳ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଭଳି ସମସ୍ତ ଆକାଂକ୍ଷା ବ୍ଲକର ମୋଟ ୨୧ ଜଣ ସରପଞ୍ଚ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରତ୍ୟେକ ୱାର୍ଡରେ ଲୋକଙ୍କ ମନରେ ସଚେତନତା ଜାଗ୍ରତ ହେଲେ ଅଞ୍ଚଳର ଉନ୍ନତି ହୋଇପାରିବ ଏବଂ ଅବହେଳିତ ଅଞ୍ଚଳରେ ନିୟମିତ ସୁଶାସନ ବ୍ୟବସ୍ଥାରେ ସୁଦୃଢ଼ କରାଯାଇପାରିବ । ସେ ନେଇ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଜିଲା ଏବଂ ରାଜ୍ୟ ପିରାମଲ ଫାଉଣ୍ଡେସନ କର୍ମକର୍ତ୍ତାଙ୍କ ପକ୍ଷରୁ ସରପଞ୍ଚମାନଙ୍କୁ ନେବା ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା।

# ମହାପଞ୍ଚମୁଖୀ ହନୁମାନଙ୍କ ପ୍ରାଣପ୍ରତିଷ୍ଠା

ନବରଙ୍ଗପୁର,୧୮।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ସର୍ବ ପୁରାତନ ହନୁମାନ ମନ୍ଦିରରେ ଅଷ୍ଟଧାତୁରେ ନିର୍ମିତ ମହା ପଞ୍ଚମୁଖୀ ବିଗ୍ରହ ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ବିଗ୍ରହ ସଂସ୍କାର, ଯଜ୍ଞ ଆରମ୍ଭ, ବିଗ୍ରହ ସ୍ଥାପନ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ବାଲାଜୀ ରେଡ୍ଡୀ ଓ ପିଆର ଆଲୁମେଲୁ ଯୋଗ ଦେଇଥିଲେ । ଏହି ଅବସରରେ ଜଗଦଲପୁର ସଙ୍କୀର୍ତ୍ତନ ଦଳ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା । ଏହି ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ରାଜ ପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରମୋଦ ତ୍ରିପାଠୀ, ଶ୍ରୀନିବାସ ମିଶ୍ର, ସୁଧାକର ପାଢୀ, ପପୁ ତ୍ରିପାଠୀ, ସୁମିତ ପାଳଙ୍କ ସମେତ ମନ୍ଦିର ପୂଜକ ଚିନୁ ଦାଶ ଓ ଗୋବିନ୍ଦ ଦାଶଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏଥିରେ ସତ୍ୟ ନାରାୟଣ ଖଡଗରାୟ, ଅସୀତ ଦେଓ,ଗୌରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



ମହାପଞ୍ଚମୁଖୀ ବିଗ୍ରହ ସ୍ଥାପନରେ ପୂଜାପାଠ କରାଯାଉଛି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ମାଲକାନଗିରି,୧୮।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସିଆଡିମାଳ ପଞ୍ଚାୟତ ନିକଟସ୍ଥ ଆମ୍ବତୋଟାରେ ନବୋଦୟ ପରିବାରର ପୁରାତନ ସଦସ୍ୟଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ପୁରାତନ ରୋଷେୟା ଧନେଶ୍ୱର ଧର ଯୋଗ ଦେଇଥିବା ବେଳେ ୧୯୮୬ର ପ୍ରଥମ ବ୍ୟାଚ ଛାତ୍ର ଭାଗୀରଥି ବେହେରା, ଭଗବାନ ସାହୁ, ଛାତ୍ରୀ ବିଜୟଲକ୍ଷ୍ମୀ ଚୌଧୁରୀ, କାର୍ତ୍ତିକ ଚନ୍ଦ୍ର ନାୟକ, ନନୀଗୋପାଳ ମଲ୍ଲିକ, ଅଙ୍ଗନ ଖୋସଲା, ଆନନ୍ଦ ମାଡି, ସଦାନନ୍ଦ ଧର ଓ ଲକ୍ଷ୍ମୀଧର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଧୀର କୁମାର ସିକଦାର ପରିଚାଳନା କରିଥିଲେ। ଏହି ଉପଲକ୍ଷେ ନବୋଦୟ ଆଲୁମ୍ନି ଆସୋସିଏଶନ, ମାଲକାନଗିରି(ନାମ୍) ୩ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବାରୁ ନୂତନ ପରିଚାଳନା ପରିଷଦ ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ନୂତନ ପରିଚାଳନା ପରିଷଦ ଗଠନରେ ସଭାପତି ଭାବେ ନନିଗୋପାଳ ମଲ୍ଲିକ, ଉପସଭାପତି ବିଜୟଲକ୍ଷ୍ମୀ ଚୌଧୁରୀ, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ସିକଦାର, ସହ ସମ୍ପାଦକ ସସ୍ମିତା ମାଝି, ଆନନ୍ଦ ମାଡି, ସମୀର ଶବର, ତାପସୀ ଲସ୍କର, କୋଷାଧ୍ୟକ୍ଷ ଅଙ୍ଗଦ ଖୋସଲା, ସଂଗଠନ ସମ୍ପାଦକ କାର୍ତ୍ତିକ ନାୟକ, ଉପଦେଷ୍ଟା ଭାଗୀରଥି ବେହେରା, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଓ ଭଗବାନ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ ।

# ଡମ ସମାଜର ଉନ୍ନତି ନେଇ ଆଲୋଚନା

କୋରାପୁଟ,୧୮।୨(ଅମିତାଭ ବେହେରା)

**୫-ଟି ଅଧ୍ୟକ୍ଷଙ୍କୁ ଡମ ସମାଜର ପତ୍ର**

ସରକାର ଲୋକଙ୍କ ପାଇଁ ଗୋଟିକ ପରେ ଗୋଟିଏ ଲୋକାଭିମୁଖୀ ଯୋଜନା ଘୋଷଣା କରୁଛନ୍ତି । ଏପରି ପରିପ୍ରେକ୍ଷୀରେ କେବିକେ ଜିଲାରେ ଡମ ସମାଜ ପକ୍ଷରୁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ଭାଷାଗତ ଉନ୍ନତି ପାଇଁ ୫-ଟି ଅଧ୍ୟକ୍ଷଙ୍କୁ ଭେଟିବା ପାଇଁ ଅନୁରୋଧ ପତ୍ର ପଠାଯାଇଛି । ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଡମ ସମାଜ ପାଇଁ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ସହ ଅନ୍ୟାନ୍ୟ ଉନ୍ନତି ସମ୍ପର୍କରେ ଆଲୋଚନା କରିବାକୁ ସମାଜ ପକ୍ଷରୁ କୁହାଯାଇଛି। ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, କେବିକେ ଜିଲାରେ ଡମ ସମାଜ ସଙ୍ଗଠିତ ହୋଇ କାମ କରୁଛି । ରାୟଗଡା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି,କନ୍ଧମାଳ, ଗଜପତି ଜିଲା ସମେତ ବିଭିନ୍ନ ଜିଲାରେ ଡମ ସମାଜର ୧୦ ଲକ୍ଷ ଲୋକ ବସବାସ କରନ୍ତି। ପାଲି ପ୍ରାକୃତ ଭାଷାର ମୂଳପିଣ୍ଡ ହେଉଛି ଡମ ଭାଷା ବୋଲି ଏହାର ମୁଖ୍ୟ ପରାମର୍ଶଦାତା ଡ. ଦୟାନିଧି ବାଘ କହିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଡାବୁଗାଁ,୧୮।୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜବାଗୁଡା ଓ ନନ୍ଦପୁରା ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜବାଗୁଡା ପଞ୍ଚାୟତ ସରପଞ୍ଚ ଗୋମତୀ ଭତରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ, ସମିତି ସଭ୍ୟ ପଦ୍ମିନୀ ବିଶୋଇ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଡାକ୍ତର ପ୍ରଦ୍ୟୁମ୍ନ କର, କୃଷି ଅଧିଦର୍ଶକ ନୀଳକଣ୍ଠ ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୀତାଞ୍ଜଳି ବସ୍ତିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଯୋଗାଣ ସହାୟକ ଦୀପକ କୁମାର ମୁଣ୍ଡ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଆଶା କର୍ମୀ, ଅଙ୍ଗନୱାଡିକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଏଥିରେ ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ନନ୍ଦପୁରା ଗ୍ରାମପଞ୍ଚାୟତ ସରପଞ୍ଚ ମଇନା ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଧନସିଂ ଭତରା, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏମ ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଡିଓ ଶରତ ମାଝି, ସମିତି ସଭ୍ୟ ରାଇଧର ବିନ୍ଧାଣି, ନାଏବ ସରପଞ୍ଚ ରାଜୁ ପୂଜାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ, ଗ୍ରାମ ରୋଜଗାର ସେବକ ସୌମ୍ୟକାନ୍ତ ଚୌଧୁରୀ ଓ ବଳଦେବ ଚାଲାଣ, ଯୋଗାଣ ସହାୟକ ଧନିରାମ ମାଳୀ, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଜଗଗୁଡା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି ।

# ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ

**୧୯ରୁ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କଲମ ଛାଡ଼ ଆନ୍ଦୋଳନ**

ନବରଙ୍ଗପୁର,୧୮।୨(ସଦାଶିବ ପ୍ରହରାଜ)



ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ଦାବିପତ୍ର ଦିଆଯାଉଛି।

ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ନବରଙ୍ଗପୁର ଜିଲା ଶାଖା ଏବଂ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ବିଭିନ୍ନ ଦାବି ନେଇ ଆସନ୍ତା ୧୯ ତାରିଖରୁ କଲମଛାଡ଼ ଆନ୍ଦୋଳନ କରିବେ। ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ନ ପାଇଲା ପର୍ଯ୍ୟନ୍ତ ସଂଘର ସମସ୍ତ ସଦସ୍ୟା ସଦସ୍ୟ କଲମଛାଡ଼ ଆନ୍ଦୋଳନ କରିବେ। ଏ ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ନବରଙ୍ଗପୁର ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି ।

ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ଓ.ଡି.ଆର.ଏସ ରୁଲ ୧୯୮୩ରେ ସଂଶୋଧନ, କ୍ୟାଡର ପୁନର୍ବିନ୍ୟାସ ଭଳି ବିଭିନ୍ନ ଦାବି ନେଇ ବାରମ୍ବାର ସରକାରଙ୍କ ପାଖରେ ଜଣାଇବା ସତ୍ତ୍ୱେ କୌଣସି ପ୍ରକାରେ ସୁଫଳ ମିଳିଲାନି। ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଡାକରାରେ ନବରଙ୍ଗପୁର ଜିଲା ଶାଖା ତରଫରୁ ଆସନ୍ତା ୧୯ରୁ ଜିଲାର ୧୦ଟି ତହସିଲର ସମସ୍ତ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ସହଘ ପକ୍ଷରୁ କୁହାଯାଇଛି।



ମସ୍କୋସ୍ଥିତ ଫେଡେରାଲ ସିକ୍ୟୁରିଟି ସର୍ଭିସ୍ ଅଫିସ୍ ସମ୍ମୁଖରେ ଏଲେକ୍ସି ନାଭାଲ୍‌ନିଙ୍କୁ ପୁଷ୍ପ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ ମହିଳା।

# ନାଭାଲ୍‌ନିଙ୍କ ମୃତଦେହ ଦେଉନାହାନ୍ତି

**ମସ୍କୋ,୧୮।୨**

ରୁଷିଆର ଆର୍କଟିକ୍ ପେନାଲ କଲୋନି ଜେଲ୍‌ରେ ଶୁକ୍ରବାର ବିରୋଧୀ ନେତା ଏଲେକ୍ସି ନାଭାଲ୍‌ନିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବହୁ ଲୋକ ନାଭାଲ୍‌ନିଙ୍କ ଫଟୋ ତଳେ କ୍ୟାଣ୍ଡେଲ ଜାଳି ପୁଷ୍ପ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଏହି ୪୭ ବର୍ଷୀୟ ରାଜନୈତିକ ବନ୍ଦୀଙ୍କ ଆକସ୍ମିକ ବିୟୋଗକୁ ଦେଶବାସୀ ଗ୍ରହଣ କରି ନ ପାରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨୦୦ରୁ ଅଧିକ ରୁଷିଆର ଦ୍ୱିତୀୟ ବୃହତ୍ ସହର

## ବିକ୍ଷୋଭ ବେଳେ ୪୦୦ରୁ ଊର୍ଦ୍ଧ୍ୱ ଗିରଫ

ସେଣ୍ଟ ପିଟର୍ସବର୍ଗରେ ଗିରଫ ହୋଇଛନ୍ତି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଉ ୬ ବର୍ଷ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମାର୍ଚ୍ଚ ୧୫ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏହାର ଠିକ୍ ମାସକ ପୂର୍ବରୁ ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ନାଭାଲ୍‌ନିଙ୍କ ମୃତ୍ୟୁ ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଛି। ରୁଷୀୟ କର୍ତ୍ତୃପକ୍ଷ ନାଭାଲ୍‌ନିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରି ନ ପାରନ୍ତି ବୋଲି କୁହାଯାଉଛି। ନାଭାଲ୍‌ନିଙ୍କ ଟିମ୍ କହିଛି, ଏହି ରାଜନେତାଙ୍କୁ ହତ୍ୟା କରାଯାଇଛି। ଅଧିକାରୀମାନେ ଜାଣିଶୁଣି ତାଙ୍କ ମୃତଦେହ ଦେଉନାହାନ୍ତି। ନାଭାଲ୍‌ନିଙ୍କ ମା' ଲ୍ୟୁଡ୍‌ମିଲା ନାଭାଲ୍‌ନୟା ଏବଂ ଓକିଲମାନେ ତାଙ୍କ ମୃତଦେହ ହସ୍ତାନ୍ତର ପାଇଁ ଗୁହାରି କରୁଥିବାବେଳେ ବିଭିନ୍ନ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ବିରୋଧାଭାସୀ ତଥ୍ୟ ମିଳୁଛି। ନାଭାଲ୍‌ନିଙ୍କ ସ୍ତ୍ରୀ ୟୁଲିଆ ନାଭାଲ୍‌ନୟାଙ୍କୁ ନାଟକୀୟ ଭାବେ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସରେ କହିଛନ୍ତି, ମୃତ୍ୟୁ ଖବର ଯଦି ସତ ତେବେ ଏଥିପାଇଁ ଦାୟୀ କିଏ। ପୁଟିନ୍ ଏବଂ ତାଙ୍କ ପାଖ ଲୋକମାନେ ଏହାର ଉତ୍ତର ଦିଅନ୍ତୁ। ନାଭାଲ୍‌ନିଙ୍କ ୬୯ ବର୍ଷୀୟା ମା' ଲୁଡ୍‌ମିଲା କହିଛନ୍ତି, ସେମାନେ ମୋ ପୁଅର ମୃତଦେହ ଦେଉନାହାନ୍ତି।

# ପରିବା କିଣିବାକୁ ଯାଇଥିବା ସିଏଏଫ୍ କମାଣ୍ଡରଙ୍କୁ ହତ୍ୟାକଲେ ମାଓବାଦୀ

**ବିଜାପୁର,୧୮।୨:** ଛତିଶଗଡ଼ ସଶସ୍ତ୍ର ବଳ (ସିଏଏଫ୍)ର ଜଣେ କମାଣ୍ଡରଙ୍କୁ ରବିବାର ସକାଳେ ମାଓବାଦୀମାନେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ବିଜାପୁର ଜିଲା ଦରଭା ଡିଭିଜନ ଅନ୍ତର୍ଗତ ଏକ ପୋଲିସ କ୍ୟାମ୍ପଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ଘଟିଛି। କମାଣ୍ଡର ତେଜୁରାମ ଭୁରିଆ କେତେଜଣ ଷ୍ଟାଫ୍‌ଙ୍କ ସହ ପରିବା କିଣିବାକୁ ଯାଉଥିବାବେଳେ ମାଓବାଦୀମାନଙ୍କର ଏକ ଟିମ୍ ଅତର୍କିତ ଆକ୍ରମଣ କରିଥିଲେ। ଅତିରିକ୍ତ ଫୋର୍ସ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ପଳାଇଥିଲେ। ତେଜୁରାମ ଜଣେ ଅଭିଜ୍ଞ ଅଫିସର ଏବଂ ସେ ବସ୍ତର ଅଞ୍ଚଳର ବିଭିନ୍ନ ଭାଗରେ ମାଓବାଦୀ ନିରୋଧୀ ଅଭିଯାନରେ ସାମିଲ ହୋଇଥିଲେ। ଆକ୍ରମଣକାରୀଙ୍କୁ ଧରିବା ଲାଗି ସିଏଏଫ୍ ଏବଂ ଜିଲା ରିଜର୍ଭ ଗାର୍ଡ (ଡିଆରଜି) ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

# ବିକଶିତ ଭାରତ ପାଇଁ ସଙ୍କଳ୍ପବଦ୍ଧ: ମୋଦି

**ନୂଆଦିଲ୍ଲୀ,୧୮।୨(ପି.ଟି.)**



୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶ ଏବେ ବଡ଼ ସ୍ୱପ୍ନ ଦେଖିବା ସହ ବଡ଼ ସଂକଳ୍ପ ନେଇଛି। ଏଥିପାଇଁ ଆଗାମୀ ୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ଭାଜପା ଜାତୀୟ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିକଶିତ ଭାରତ ପାଇଁ ଆମକୁ ବଡ଼ ଲମ୍ଫ ଦେବାର ଅଛି। ଏଥିପାଇଁ ଭାରତକୁ ବଡ଼ ସଂଖ୍ୟାରେ ଜିତାଇ କ୍ଷମତାକୁ ଆଣିବା ପ୍ରଥମ ଅନିବାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଦଳକୁ କ୍ଷମତାକୁ ଆଣିବା ସୁନିଶ୍ଚିତ କରିବାକୁ ହେଲେ ନୂଆ ଭୋଟରମାନଙ୍କ ପାଖକୁ ଯାଇ ସେମାନଙ୍କ ଆତ୍ମବିଶ୍ୱାସ ଜିତିବାକୁ ହେବ। ଏଥିପାଇଁ ଭାଜପା କ୍ୟାଡରମାନେ ଆଗାମୀ ୧୦୦ ଦିନ ନୂଆ ଜୋଶ୍ ଓ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଦେଶର କୋଟି କୋଟି ମହିଳା, ଗରିବ ଓ ଯୁବବର୍ଗଙ୍କ ସ୍ୱପ୍ନ ହେଉଛି ମୋଦିଙ୍କ ସ୍ୱପ୍ନ। ଆମେ ଦେଶକୁ ବଡ଼ ଦୁର୍ନୀତି ଏବଂ ଆତଙ୍କବାଦୀ ଆକ୍ରମଣରୁ ମୁକ୍ତ କରିବା ସହ ଗରିବ ଓ ମଧ୍ୟବିତ୍ତଙ୍କ ଜୀବନ ଧାରଣ ମାନରେ ଉନ୍ନତି ଲାଗି ଉଦ୍ୟମ କରିଛୁ। କ୍ଷମତା ଉପଭୋଗ କରିବାକୁ ନୁହେଁ, ଦେଶ ପାଇଁ କାମ କରିବାକୁ ତୃତୀୟ ପାଳି କ୍ଷମତାକୁ ଆସିବାକୁ ଚାହୁଁଥିବା ମୋଦି କହିଛନ୍ତି। ବିଗତ ୧୦ ବର୍ଷର ନିଷ୍କଳଙ୍କ ଶାସନ କାଳ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ସାଧାରଣ କଥା ନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାଜପାର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସଂସଦୀୟ ବୋର୍ଡକୁ ଅଧିକ କ୍ଷମତା ଦେବା ଲାଗି ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇଛି। ଫଳରେ ଦଳ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଏବଂ ଜରୁରୀ ସ୍ଥିତିରେ ଏହାକୁ ବଢ଼ାଇବା ନେଇ ବୋର୍ଡ ନିଷ୍ପତ୍ତି ନେଇପାରିବ। ଦଳର ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଏହି ପ୍ରସ୍ତାବ ଆଣିଥିଲେ। ଅନ୍ତତଃ ୫୦ ପ୍ରତିଶତ ରାଜ୍ୟରେ ଭାଜପା ସାଂଗଠନିକ ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ସାଂଗଠନିକ ଭୋଟ ଜରିଆରେ ହୋଇଥାଏ। ଦଳର ଜାତୀୟ ସମ୍ମିଳନୀରେ ଅଯୋଧ୍ୟା ରାମମନ୍ଦିର ଉପରେ ଏକ ସଂକଳ୍ପ ରବିବାର ଗୃହୀତ ହୋଇଛି। ଆଗାମୀ ୧,୦୦୦ ବର୍ଷ ପାଇଁ ଭାରତରେ 'ରାମ ରାଜ୍ୟ' ପ୍ରତିଷ୍ଠା କରାଇବାରେ ଏହା ଅଗ୍ରଦୂତ ହେବ ବୋଲି ସଂକଳ୍ପରେ କୁହାଯାଇଛି।

## ଭାଜପା ଜାତୀୟ ପରିଷଦରେ ରାମମନ୍ଦିର ଉପରେ ସଂକଳ୍ପ ଗୃହୀତ

## ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ଯାଏ ବଢ଼ିଲା



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳକୁ ଆସନ୍ତା ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଗତ ଜାନୁଆରୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଥିବାବେଳେ ଭାଜପା ଜାତୀୟ ପରିଷଦ ବୈଠକର ଦ୍ୱିତୀୟ ଦିନରେ ତାହାକୁ ଅନୁମୋଦନ କରାଯାଇଛି। ଏଥିସହିତ ତାଙ୍କୁ ସ୍ୱାଧୀନ ଭାବେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଇଛି, ଯାହା ଦଳର ସଂସଦୀୟ ବୋର୍ଡ ବୈଠକରେ ଅନୁମୋଦନ କରାଯିବ। ଭାଜପା ଅଧ୍ୟକ୍ଷ ଥିବା ଅମିତ୍ ଶାହ ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା। ୨୦୨୦ରୁ ସେ ଦଳର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ୩୭୦ରୁ ଅଧିକ ଆସନ ଜିତିବା ସହ ଏନ୍‌ଡିଏ ୪୦୦ ଆସନ ଅତିକ୍ରମ କରିବ। ଏଥିପାଇଁ ଦଳୀୟ କର୍ମୀମାନଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି ଶନିବାର ନଡ୍ଡା କହିଥିଲେ।

# ମଧ୍ୟପ୍ରଦେଶ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା

**ଭୋପାଳ,୧୮।୨**

୨୦୨୦ ମାର୍ଚ୍ଚରେ ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ ତାଙ୍କର ୨୨ ଅନୁଗତ ବିଧାୟକ ଭାଜପାରେ ସାମିଲ ହେବାରୁ କମଲ ନାଥଙ୍କ ସରକାର ଭାଙ୍ଗିଯାଇଥିଲା। ୪ ବର୍ଷ ପରେ କଂଗ୍ରେସରେ ଆଉ ଏକ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ବରିଷ୍ଠ ନେତା କମଲ ନାଥ ଓ ତାଙ୍କ ପୁଅ ତଥା ମଧ୍ୟପ୍ରଦେଶରୁ ଦଳର ଏକମାତ୍ର ଏମ୍‌ପି ନକୁଲ ନାଥ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ରବିବାର ନାଥଙ୍କର ଅନୁଗତ କେତେଜଣ ବିଧାୟକ ଦିଲ୍ଲୀରେ ପହଞ୍ଚିଛନ୍ତି। ଛିନ୍ଦୱାରାରୁ ୩ ଜଣ ଏବଂ ଅନ୍ୟ ଅଞ୍ଚଳରୁ ଅନ୍ୟ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀରେ ପହଞ୍ଚିଥିବା କମଲ ନାଥଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ବିଧାୟକମାନେ ଫୋନ୍ ଉଠାଉନାହାନ୍ତି। କମଲ ନାଥଙ୍କ ଅନ୍ୟତମ ଘନିଷ୍ଠ ତଥା ପୂର୍ବତନ ମନ୍ତ୍ରୀ ଲଖନ ଘଙ୍ଗୋରିଆ ଦିଲ୍ଲୀରେ ତାଙ୍କ କ୍ୟାମ୍ପ୍‌ରେ ସାମିଲ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଗତ ନଭେମ୍ବରରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ହାରିଯିବା ପରେ କମଲ ନାଥଙ୍କୁ ଦଳର ରାଜ୍ୟ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ କଂଗ୍ରେସର ୬୬ ବିଧାୟକ ରହିଛନ୍ତି। ଦଳବଦଳ ଆଇନରୁ ବର୍ତ୍ତିବା ଲାଗି କମଲ ନାଥ ଗୋଷ୍ଠୀ ୨୩ ବିଧାୟକଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଥିବା କୁହାଯାଉଛି।

ଅନ୍ୟପକ୍ଷରେ କମଲନାଥଙ୍କୁ ବୁଝାଶୁଝା କରି ଭୋପାଳ ଫେରାଇ ଆଣିବା ପାଇଁ ଦଳର କେନ୍ଦ୍ରୀୟ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ରାଜ୍ୟ କଂଗ୍ରେସ ପକ୍ଷରୁ ଉଦ୍ୟମ ଜାରି ରହିଛି। ରାଜ୍ୟ କଂଗ୍ରେସ ନେତୃବୃନ୍ଦ ୬୬ ବିଧାୟକଙ୍କ ସହ ଜଣ ଜଣ କରି କଥା ହୋଇଛନ୍ତି ଏବଂ ଆସନ୍ତା ୨୨ ତାରିଖରେ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଧ୍ୟପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ଯେପରି ଦଳରେ କିଛି ଅଘଟଣ ନ ଘଟେ, ସେଥିପାଇଁ ଉଦ୍ୟମ ହେଉଛି।

## ଦିଲ୍ଲୀରେ କମଲ ନାଥଙ୍କ ଅନୁଗତ ବିଧାୟକ



# ଜୈନ ସନ୍ଥ ବିଦ୍ୟାସାଗର ମହାରାଜଙ୍କ ମହାପ୍ରୟାଣ



**ନୂଆଦିଲ୍ଲୀ,୧୮।୨:** ଖ୍ୟାତନାମା ଜୈନ ସନ୍ଥ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କର ରବିବାର ମହାପ୍ରୟାଣ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ମୃତ୍ୟୁ ଆସନ୍ନ ଜାଣି ମହାରାଜ ଛତିଶଗଡ଼ର ରାଜନନ୍ଦଗାଁଓ ଜିଲା ଚନ୍ଦ୍ରଗିରି ତୀର୍ଥରେ 'ସମାଧି' ନେଇଥିଲେ। ଆତ୍ମାର ପବିତ୍ରକରଣ ପାଇଁ ସ୍ୱେଚ୍ଛାକୃତ ଭାବେ ମୃତ୍ୟୁ ପର୍ଯ୍ୟନ୍ତ ଅନାହାରରେ ବସିରହିବାକୁ ଜୈନ ଧର୍ମୀୟ ପ୍ରଥାରେ ସମାଧି କୁହାଯାଏ। ମହାରାଜ ୬ ମାସ ହେଲା ଡୋଙ୍ଗରଗଡ଼ସ୍ଥିତ ତୀର୍ଥରେ ରହୁଥିଲାବେଳେ କିଛିଦିନ ହେଲା ଅସୁସ୍ଥ ଥିଲେ। ୩ ଦିନ ହେଲା ସେ ସମାଧିସ୍ଥ ହୋଇଥିଲେ। ଚନ୍ଦ୍ରଗିରି ତୀର୍ଥରେ ତାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ। ଗତବର୍ଷ ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋଙ୍ଗରଗଡ଼ ଯାଇ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜଙ୍କ ଆଶୀର୍ବାଦ ନେଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିଛନ୍ତି। ମହାରାଜଙ୍କ ଦେହାବସାନ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମୁଜାଫରନଗରରେ ଦଙ୍ଗା ସୃଷ୍ଟି ଉଦ୍ୟମ

**ନୂଆଦିଲ୍ଲୀ,୧୮।୨**

ଟାଇମ୍ ବମ୍ ତିଆରି ପାଇଁ ଟଙ୍କା ଦେଇଥିବା ଉତ୍ତରପ୍ରଦେଶର ଜଣେ ମହିଳାଙ୍କୁ ଶନିବାର ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଛି। କାଚ ବୋତଲରେ ଲୁହା ଗୁଲି ରଖି ବୋମା ତିଆରି ପାଇଁ ମହିଳା ଜଣକ ଜାଭେଦଙ୍କୁ କହିଥିଲେ। ସେ ବୋମା ନେଇ ମହିଳାଙ୍କୁ ଦେବାକୁ ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ମହିଳା ଜଣକ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ ଏବଂ ବୋମା ହସ୍ତାନ୍ତର କରିବା ପରେ ଆଉ ୪୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଜାଭେଦ ଜେରା ବେଳେ କହିଛନ୍ତି। କାଚ ବୋତଲରେ ମାରାତ୍ମକ ଗନ୍‌ପାଉଡର, ଲୁହା ଗୁଳି, ତୁଳା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହାର କରାଯାଇ ବୋମା ତିଆରି କରାଯାଇଥିଲା। ବାଣ ପ୍ରସ୍ତୁତକାରୀ ଦାଦାଙ୍କଠାରୁ ଜାଭେଦ ବୋମା ତିଆରି କୌଶଳ ଜାଣିବା ସହ ୟୁଟ୍ୟୁବ୍ ଏବଂ ଇଣ୍ଟରନେଟ୍‌ରୁ ଅଧିକ ତଥ୍ୟ ହାସଲ କରିଥିଲେ।

ଗିରଫ ମହିଳାଙ୍କ କହିବା ଅନୁଯାୟୀ ୨୦୧୩ ସାମ୍ପ୍ରଦାୟିକ ଦଙ୍ଗାବେଳେ ତାଙ୍କ ଘରକୁ ଧ୍ୱଂସ କରିଦିଆଯାଇଥିଲା। ସେଭଳି ଏକ ହିଂସାକାଣ୍ଡ ସୃଷ୍ଟି କରିବାକୁ ମହିଳା ଜଣକ ଚାହୁଁଥିଲେ। ସେ ପୂର୍ବରୁ ମଧ୍ୟ ନିଜ ଘରେ ଅନୁରୂପ ବୋମା ରଖିଥିଲେ। ପରେ ସେ ଏହାକୁ ଅନ୍ୟମାନଙ୍କୁ ଦେଇଥିଲେ ବୋଲି କହିଛନ୍ତି।

## ବୋମା ତିଆରି ପାଇଁ ଟଙ୍କା ଦେଇଥିବା ମହିଳା ଗିରଫ



# ଝାଡ଼ଖଣ୍ଡରେ ହେବ ଜାତି ଜନଗଣନା

**ରାଞ୍ଚି,୧୮।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡରେ ଜାତି ଜନଗଣନା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଅନୁମୋଦନ କରିଛନ୍ତି। ବିହାରରେ ଜାତି ଜନଗଣନା ପରେ ଝାଡ଼ଖଣ୍ଡର ବିଭିନ୍ନ ଦଳ ଅନୁରୂପ ସର୍ଭେ ପାଇଁ ଦାବି କରୁଥିଲେ। ବିହାର ଏବଂ ଆନ୍ଧ୍ରପ୍ରଦେଶ ପରେ ଜାତି ଜନଗଣନାରେ ଝାଡ଼ଖଣ୍ଡ ତୃତୀୟ ରାଜ୍ୟ ହେବାକୁ ଯାଉଛି। ଏହି ସର୍ଭେ ଉପରେ ଏକ ଚିଠା ପ୍ରସ୍ତୁତ କରି କ୍ୟାବିନେଟ୍ ଅନୁମୋଦନ ପାଇଁ ପଠାଇବାକୁ ମୁଖ୍ୟମନ୍ତ୍ରୀ କାର୍ମିକ ବିଭାଗକୁ କହିଛନ୍ତି। ଯୋଜନା ଅନୁଯାୟୀ ସବୁ କାମ ଚାଲିଲେ, ଲୋକ ସଭା ନିର୍ବାଚନ ପରେ ପରେ ସର୍ଭେ ଆରମ୍ଭ ହେବ ବୋଲି କୁହାଯାଉଛି।

# ବଳାତ୍କାର ପୀଡ଼ିତାଙ୍କୁ ବିଚାରପତିଙ୍କ ଯୌନ ଉତ୍ପୀଡ଼ନ

**ଅଗରତାଲା,୧୮।୨**

ତ୍ରିପୁରାର ଜଣେ ବଳାତ୍କାର ପୀଡ଼ିତାଙ୍କୁ ବିଚାରପତି ନିଜ ଚାମ୍ବରରେ ବୟାନ ରେକର୍ଡ ପାଇଁ ଡାକି ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଢଳାଇ ଜିଲା ସେସନ୍ସ ଜଜ୍ ଗୌତମ ସର୍କାରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ପ୍ୟାନେଲ ଏହି ସଙ୍ଗିନ ଅଭିଯୋଗର ତଦନ୍ତ ଆରମ୍ଭ କରିଥିବା ରବିବାର ଜଣେ ବରିଷ୍ଠ ଆଇନଜୀବୀ ସୂଚନା ଦେଇଛନ୍ତି।

ବିବାହିତା ମହିଳା ଜଣକ ପୂର୍ବରୁ ବଳାତ୍କାରର ଶିକାର ହୋଇଥିଲେ। ଏହି ମାମଲାରେ ଗତ ୧୬ ତାରିଖରେ ସେ କମଲପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱତୋଷ ଧରଙ୍କ ନିକଟକୁ ନିଜ ବୟାନ ରେକର୍ଡ କରାଇବାକୁ ଯାଇଥିଲେ। ତାଙ୍କ ସହ ଜଣେ ମହିଳା କନ୍‌ଷ୍ଟେବଲ ମଧ୍ୟ ବିଚାରପତିଙ୍କ ଚାମ୍ବରକୁ ଯାଇଥିଲେ। କିନ୍ତୁ ବିଚାରପତି ମହିଳା କନ୍‌ଷ୍ଟେବଲଙ୍କୁ ଭିତରକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ପୀଡ଼ିତା ବୟାନ ଦେବା ଆରମ୍ଭ କରିବା ମାତ୍ରେ ବିଚାରପତି ତାଙ୍କୁ ଜାବୁଡ଼ି ଧରି ପକାଇଥିଲେ। ପୀଡ଼ିତା ତୁରନ୍ତ ବାହାରକୁ ଆସି ନିଜ ସ୍ୱାମୀ ଓ ଓକିଲମାନଙ୍କୁ ଏହି କଥା ଜଣାଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ମଧ୍ୟ କମଲପୁର ବାର୍ ଆସୋସିଏଶନ୍‌ରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜିଲା ଓ ସେସନ୍ସ ଜଜ୍ ଗୌତମ ସର୍କାର ଏବଂ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅଜିତ୍ ଦାସ କମଲପୁରର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍‌ଙ୍କ ଅଫିସ୍‌କୁ ଯାଇ ତଦନ୍ତ କରିଛନ୍ତି।

# ପଞ୍ଜାବରେ ୨୪ ଯାଏ ଇଣ୍ଟରନେଟ୍ ସେବା ବନ୍ଦ

**ଚଣ୍ଡିଗଡ଼,୧୮।୨**

କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ପଞ୍ଜାବର ପଟିଆଲା ସଙ୍ଗୁର, ଫତେଗଡ଼ ସାହିବ ଆଦି କେତେକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ଅବଧିକୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। କୃଷକମାନଙ୍କ ଦିଲ୍ଲୀ ଚଲୋ ଅଭିଯାନ ପାଇଁ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଥିଲା। ଇଣ୍ଟରନେଟ୍ ସେବା ବନ୍ଦ ରଖିବା ପାଇଁ କେନ୍ଦ୍ର ସରକାର ଟେଲିଗ୍ରାଫ୍ ଆଇନ, ୧୮୮୫ର ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରିଛନ୍ତି।

**ଫୁର୍‌ସତ୍**

# ଷ୍ଟଣ୍ଟ୍ କରିବାରୁ ପୋଲିସ ଦ୍ୱାରା ପୁରସ୍କୃତ

**ପୁନେ**



ପୁନେଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ପିମ୍ପ୍ରି-ଚିଞ୍ଚୱାଡ଼ର ଏକ ରାସ୍ତାରେ ଜଣେ ଯୁବକ ଚଳନ୍ତା କାର ଉପରେ ବସି ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସରେ ଭାଇରାଲ ହେବାରେ ଲାଗିଛି। ପୁନେ ପୋଲିସ ପକ୍ଷରୁ ଏହି ଭିଡିଓଟିକୁ ଶେୟାର କରାଯାଇଛି। ଏଭଳି ଷ୍ଟଣ୍ଟ୍ ନ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେବା ସହ ଏହାର ପରିଣାମ ଭୟଙ୍କର ହୋଇଥିବା ଚେତାଇଛି ପୋଲିସ। ପିମ୍ପ୍ରି-ଚିଞ୍ଚୱାଡର ଏକ ଜନଗହଳି ପୂର୍ଣ୍ଣ ରାସ୍ତାରେ ଚଳନ୍ତା କାରରେ ଷ୍ଟଣ୍ଟବାଜି କରିବାରୁ ସମ୍ପୃକ୍ତ ଯୁବକଙ୍କୁ ପୁରସ୍କାର ଦିଆଯାଇଥିବା ଏହି ପୋଷ୍ଟରେ ସୂଚାଇଛି ପୋଲିସ। ଆଇପିସିର ଧାରା ୨୭୯ ଏବଂ ୩୩୬ ଏବଂ ମୋଟର ଯାନ ଅଧିନିୟମର ଧାରା ୧୮୪, ୧୧୯ ଏବଂ ୧୭୭ ଅନୁଯାୟୀ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ଯୁବକଙ୍କ ଦ୍ୱାରା ଷ୍ଟଣ୍ଟରେ ବ୍ୟବହୃତ କାରକୁ ମଧ୍ୟ ପୁନେ ପୋଲିସ ଜବତ କରିଛି। ସର୍ବସାଧାରଣ ସ୍ଥାନଗୁଡ଼ିକରେ ଏଭଳି ଷ୍ଟଣ୍ଟ୍‌ର ପରିମାଣ ଭୟଙ୍କର ହୋଇଥିବା କହି, ଏଭଳି କାର୍ଯ୍ୟରେ ଲିପ୍ତ ନ ରହିବାକୁ ଜନସାଧାରଣଙ୍କୁ ଚେତାଇଛି ପୋଲିସ। ଏଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପୁନେ ପୋଲିସ ପକ୍ଷରୁ ଏହି ପୋଷ୍ଟରେ ସୂଚନା ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ପୁନେ ପୋଲିସର ଏହି ପୋଷ୍ଟ ବହୁଳ ଭାବେ ଭାଇରାଲ ହେଉଥିବା ସହ ଷ୍ଟଣ୍ଟ୍ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅନେକ ବେଶ୍ ପସନ୍ଦ କରିଛନ୍ତି। ଏଭଳି ଷ୍ଟଣ୍ଟ୍‌କୁ କମେଣ୍ଟ ମାଧ୍ୟମରେ ବିପଜ୍ଜନକ କହିଛନ୍ତି ଅନେକ ଏକ୍ସ ୟୁଜର୍ସ।

# ମୃତ୍ୟୁମୁଖରୁ ବର୍ତ୍ତିଗଲି: ରଶ୍ମିକା

**ମୁମ୍ବାଇ**



ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ତେବେ ରଶ୍ମିକାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ରଶ୍ମିକା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଦର୍ଶାଇଛନ୍ତି। ଯେଉଁ ବିମାନରେ ଅଭିନେତ୍ରୀ ରଶ୍ମିକା ଯାତ୍ରା କରୁଥିଲେ କୌଣସି ଯାନ୍ତ୍ରିକ ତ୍ରୁଟିବଶତଃ ତାହା ଜରୁରୀ ଅବତରଣ କରିଥିଲା। ଏହାକୁ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ବିମାନ ମଧ୍ୟରେ ସେ ତାଙ୍କ ସିଟ୍‌ରେ ବସିଥିବାବେଳେ ତାଙ୍କ ସହ ଅଭିନେତ୍ରୀ ଶ୍ରଦ୍ଧା ଦାସ ମଧ୍ୟ ରହିଥିଲେ। ଭଗବାନଙ୍କ ଦୟାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ରଶ୍ମିକା ଲେଖିଛନ୍ତି। ସୂଚନା ମୁତାବକ, ରଶ୍ମିକା ବିମାନ ଯୋଗେ ମୁମ୍ବାଇରୁ ହାଇଦ୍ରାବାଦ ଯାଉଥିଲେ। କିନ୍ତୁ କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନଟି ୩୦ ମିନିଟ ପରେ ପୁଣି ମୁମ୍ବାଇକୁ ଫେରିଆସି ଜରୁରିକାଳୀନ ଅବତରଣ କରିଥିଲା। ତେବେ ଏହି ଅଘଟଣରେ ବିମାନରେ ଥିବା ପ୍ରତ୍ୟେକ ବ୍ୟକ୍ତି ସୁରକ୍ଷିତ ଭାବେ ମୁମ୍ବାଇ ଫେରିଆସିଥିବା ସେ ସୂଚନା ଦେଇଥିଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପରେ ଏବେ ବଲିଉଡ୍‌ରେ ନିଜ ଜଲ୍‌ୱା ଦେଖାଉଥିବା ରଶ୍ମିକା ଆଗାମୀ ଦିନରେ 'ପୁଷ୍ପା ୨' ଚଳଚ୍ଚିତ୍ରରେ ଅଭିନୟ କରିବେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବାର ସୂଚନା ରହିଛି।

# ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀରେ ୨୦,୬୩୪ କୋଟିର କାରବାର

- ବାର୍ଷିକ ଭିତ୍ତିରେ ୩୭% ବୃଦ୍ଧି
- ବଢୁଛି ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା

ଭୁବନେଶ୍ୱର,୧୮।୨

କ୍ରମାଗତ ଭାବେ ଘରୋଇ ବଜାରରେ ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଚାହିଦା ବୃଦ୍ଧି ପାଉଛି, ଏପରିକି ନିବେଶକମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢୁଥିବାବେଳେ ଚଳିତ ବର୍ଷ ଜାନୁଆରୀରେ ମୋଟ ୨୦,୬୩୪ କୋଟି ଟଙ୍କାର କାରବାର ହୋଇଛି। ବିଶେଷକରି ନିବେଶକମାନଙ୍କୁ ଏହି ସୁବିଧା ବେଶ୍ ଆକୃଷ୍ଟ କରିଛି, ଯାହା ପୂର୍ବ ମାସର କାରବାର ତୁଳନାରେ ଚଳିତ ମାସ ପ୍ରାୟ ୩୭% ବ୍ୟବସାୟ ବୃଦ୍ଧି ଘଟିଥିଲାବେଳେ ମୁଖ୍ୟତ ଋଣ ପାଣ୍ଠି ପାଇଁ ଟିକସ ନିୟମରେ ବିକଳ୍ପ ବିନିଯୋଗ ହୋଇଯାଇଛି। ସେହିଭଳି ବିକଳ୍ପ ଭାବେ ସେମାନଙ୍କ ଆବେଦନ ଯୋଗୁ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜାନୁୟାରୀ ଅବଧି ମଧ୍ୟରେ ଏହାର ମୋଟ ପ୍ରବାହ ୧.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ହାଇବ୍ରିଡ୍ ପାଣ୍ଠି ହେଉଛି ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ଯାହା ସାଧାରଣତଃ ଇକ୍ୱିଟି ଏବଂ ଋଣ ସିକ୍ୟୁରିଟିର ମିଶ୍ରଣରେ ବିନିଯୋଗ କରିଥାଏ ଏବଂ ବେଳେବେଳେ ଅନ୍ୟ ସମ୍ପତ୍ତି ବର୍ଗ(ସୁନା)ରେ ଏହା ସହାୟକ ହୋଇଥାଏ। ସେହିପରି ଋଣ ପାଣ୍ଠି ପାଇଁ ଟିକସ ପରିବର୍ତ୍ତନ ସହ ୨୦୨୩ ଏପ୍ରିଲ୍‌ଠାରୁ ଏହି ବର୍ଗ ନିୟମିତ ପ୍ରବାହକୁ ଆକର୍ଷିତ କରିଆସୁଛି, ଏହା ପୂର୍ବରୁ ୨୦୨୩ ମାର୍ଚ୍ଚରେ ୧୨,୩୭୨ କୋଟି ଟଙ୍କା ନିଟ୍ ପ୍ରତ୍ୟାହାର ଏହି ବର୍ଗରେ କରାଯାଇଥିଲା। ଅପରପକ୍ଷରେ ଆସୋସିଏଶନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଅଫ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ପ୍ରକାଶିତ ହୋଇଥିବା ସଦ୍ୟତମ ସୂଚନା ଅନୁଯାୟୀ, ହାଇବ୍ରିଡ୍ ସ୍କିମ୍‌ଗୁଡିକ ଚଳିତ ବର୍ଷ ଜାନୁଆରୀରେ ୨୦,୬୩୭ କୋଟି ପ୍ରବାହର ସାକ୍ଷୀ ହୋଇଛି, ଯାହା ୨୦୨୩ ଡିସେମ୍ବରରେ ଦେଖାଯାଇଥିବା ୧୫,୦୦୯କୋଟିରୁ ଅଧିକ ବୋଲି କୁହାଯାଉଛି। ଏପରିକି ଦୁଇଟି ବର୍ଗର ହାଇବ୍ରିଡ୍ ପାଣ୍ଠି, ଯାହା ସମୀକ୍ଷା ବୈଠକର ସମାନ ମାସରେ ଅଧିକାଂଶ ପାଣ୍ଠି ଆକର୍ଷିତ କରିଥିଲା, ତାହା ହେଉଛି ଆର୍ବିଟ୍ରେଜ୍ ପାଣ୍ଠି ଏବଂ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି। ୨୦୨୪ଜାନୁଆରୀରେ ହାଇବ୍ରିଡ୍ ପାଣ୍ଠିର ମୋଟ ୨୦,୬୩୭ କୋଟି ଟଙ୍କା ପ୍ରବାହ ମଧ୍ୟରୁ ୧୦,୬୦୮ କୋଟି ଟଙ୍କା ପ୍ରବାହ ହୋଇଥିବାବେଳେ ମଲ୍ଟି-ଆସେଟ୍ ଆବଣ୍ଟନ ପାଣ୍ଠି ପାଇଁ ଏହା ୭,୦୮୦କୋଟି ଟଙ୍କା ଥିଲା। ଅଧିକନ୍ତୁ ହାଇବ୍ରିଡ୍ ବର୍ଗରେ ଆବଣ୍ଟନର ପ୍ରାୟ ୫୦ରୁ ୭୦% ବିଗତ ମାସଗୁଡିକର ଆର୍ବିଟ୍ ପାଣ୍ଠି ଆଡକୁ ଯାଉଛି ବୋଲି ସୂଚନାରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏ ନେଇ ଆନନ୍ଦ ରାଠୀ ଧନ ସମ୍ପତ୍ତି ଲିମିଟେଡର ଡେପୁଟି ସିଇଓ ଫେରୋଜ ଅଜିଜ କହିଛନ୍ତି, ବର୍ତ୍ତମାନ ଆର୍ବିଟ୍ରେଶନ୍ ପାଣ୍ଠି ପ୍ରାୟ ୮% ବିସ୍ତାରରେ ରହିଛି।





ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ ଧମାଲ ଲକ୍ଷପତି ଲକି ଡ୍ର ବିଜେତା କାର୍ଯ୍ୟକ୍ରମ ଭବାନୀପାଟଣାର ଲାଲବାହାଦୁର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ତଥା ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ଏହି ଅବସରରେ ଲକି ଡ୍ରର ବିଜେତା (କାର୍ ବିଜେତା) କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେରଙ୍କ ଅନୁପସ୍ଥିତିରେ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ବିଜେତାଙ୍କ କାର୍ ଚାବି ହସ୍ତାନ୍ତର କରାଯାଉଛି।

# ଆଜିଠାରୁ ୨ ଦିନିଆ ଗ୍ଲୋବାଲ ସମ୍ମିଟ

ଭୁବନେଶ୍ୱର,୧୮।୨

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ସ୍କିଲ୍‌ଡ ଇନ୍ ଓଡ଼ିଶା) ଏବଂ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ୨ ଦିନିଆ ଗ୍ଲୋବାଲ ସମ୍ମିଟ ସୋମବାରଠାରୁ ଭୁବନେଶ୍ୱରର ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି। ଏହି ୨ ଦିନିଆ ସମ୍ମିଳନୀରେ ୧୦୦ରୁ ଅଧିକ ବିଶିଷ୍ଟ ଶିଳ୍ପ ଉଦ୍ୟୋଗପତିଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧିମଣ୍ଡଳୀ ଏବଂ ୧୦ରୁ ଅଧିକ ଦଳଗତ ଆଲୋଚନା ଭଳି କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୧୯ ଏବଂ ୨୦ ତାରିଖରେ ଏହି ୨ ଦିନିଆ ଗ୍ଲୋବାଲ ସମ୍ମିଟ ଭୁବନେଶ୍ୱରଠାରେ ଆୟୋଜିତ ହେଉଛି।

# ଏନ୍‌ଏସ୍‌ଡିସି ସହ ରିଲାଏନ୍ସ ଫାଉଣ୍ଡେଶନର ସହଭାଗିତା

ଭୁବନେଶ୍ୱର,୧୮।୨ (ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ସାମାଜିକ ସଂସ୍ଥା ରିଲାଏନ୍ସ ଫାଉଣ୍ଡେଶନ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ବିଶେଷକରି ୫ଲକ୍ଷ ଭାରତୀୟ ଯୁବତୀଯୁବକଙ୍କ ପାଇଁ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ବିକାଶ ଉପରେ ଆଧାରିତ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଉକ୍ତ ପାଠ୍ୟକ୍ରମ ବିକାଶ ଏବଂ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ସହିତ ଏଡ୍‌ଟେକ, ସାଇବର ସୁରକ୍ଷା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ପରିବେଶ ସ୍ଥାୟିତ୍ୱ, ନୀତି ବିଶ୍ଳେଷଣ ଭଳି ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିବ ବୋଲି ଉକ୍ତ ସହଭାଗିତାରେ ଗୁରୁତ୍ୱ ପ୍ରଦାନ କରାଯିବ। ଏପରିକି ରିଲାଏନ୍ସ ଫାଉଣ୍ଡେଶନର ଡିଜିଟାଲ ଫରୱାର୍ଡ ଆପ୍ରୋଚ୍ ଭବିଷ୍ୟତର ନୂଆ କ୍ୟାରିୟର ପାଇଁ ଆଗ୍ରହୀ ଯୁବବର୍ଗଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦକ୍ଷତା, ପୁନଃଦକ୍ଷତା (ରି-ସ୍କିଲିଂ) ଓ କୌଶଳ ଉନ୍ନତିରେ ମନ୍ତ୍ର ଆପଣାଇ ଭାରତ ବର୍ତ୍ତମାନ ଆଦୌ ଅଟକିବ ନାହିଁ, ପୁନଃଦକ୍ଷତା ବିକାଶ ପରିବ୍ୟବସ୍ଥାରେ ବିଭିନ୍ନ ଡିଜିଟାଲ୍ ସେବାକୁ ବ୍ୟବହାର କରି ପ୍ରତ୍ୟେକ ଯୁବତୀଯୁବକଙ୍କ ପାଇଁ ଯେକୌଣସି ସମୟ ଓ ସ୍ଥାନରେ ନିଜର ଦକ୍ଷତା ବିକାଶ ପାଇଁ ସୁବିଧା ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯାଉଛି। ସେହିଭଳି ରିଲାଏନ୍ସ ଫାଉଣ୍ଡେଶନର ସିଇଓ ଜଗନ୍ନାଥ କୁମାର କହିଛନ୍ତି, ବିଶ୍ୱର ସବୁଠାରୁ ଅଧିକ ଯୁବ ଜନସଂଖ୍ୟା ଭାରତରେ ରହିଛି ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବାକୁ ଆମେ ପ୍ରୟାସ କରୁଛୁ।





# ଭିତ୍ତିଭୂମି ସୁଦୃଢ଼କୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୧୮।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିଠାରେ ଏକ ଅତ୍ୟାଧୁନିକ ବିଦ୍ୟୁତ୍ ଟ୍ରାନ୍ସଫରମର ସ୍ଥାପନ କରାଯାଇଛି। ଏପରିକି ଖଣ୍ଡଗିରିଠାରେ ଥିବା ୮ଏମ୍‌ଭିଏ ପୁରୁଣା ଟ୍ରାନ୍ସଫରମର୍‌କୁ ବଦଳାଇ ଏକ ଅତ୍ୟାଧୁନିକ ୨୫ଏମ୍‌ଭିଏ ଟ୍ରାନ୍ସଫରମର ଜରିଆରେ ଉପରୋକ୍ତ ଅଞ୍ଚଳ ବିଦ୍ୟୁତ୍ ଭିତ୍ତିଭୂମିରେ ସୁଦୃଢ଼ କରାଯାଇଛି। ବିଶେଷକରି ଆଗାମୀ ଦିନରେ ଖଣ୍ଡଗିରି ଅଞ୍ଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ସହ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବା ଲାଗି କମ୍ପାନୀ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛି। ସେହିଭଳି ସହରାଞ୍ଚଳରେ ବର୍ଷକୁ ବର୍ଷ ଲୋଡ୍‌ରେ ହେଉଥିବା ବୃଦ୍ଧି ଚାହିଦା ପୂରଣ କରିବା ପାଇଁ ପୂର୍ବରୁ ଥିବା ପିଏସ୍‌ଏସ୍‌ରେ ବିଦ୍ୟୁତ୍ ଟ୍ରାନ୍ସଫରମର ସହ ସୁଇଚ୍ ଗିୟରର ଦକ୍ଷତା ବୃଦ୍ଧି କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଲୋଡ୍‌ରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଦକ୍ଷତାରେ ଏହି ଉନ୍ନତି ଅଣାଯାଇଛି। ସେହିପରି କମ୍ପାନୀର ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ପ୍ରଥମ ଏହି ରୂପାନ୍ତରିତ ବିଦ୍ୟୁତ୍ ସବ୍‌ଷ୍ଟେଶନ (ପିଏସ୍‌ଏସ୍) ଏକ ବଡ଼ ସଫଳତା ଭାବେ ଉଭା ହୋଇଛି, ଯାହା ଭୋଲ୍‌ଟେଜ୍ ନିୟନ୍ତ୍ରଣ ଓ ସୁରକ୍ଷା ପଦକ୍ଷେପରେ ଉନ୍ନତ ପ୍ରଯୁକ୍ତିର ସମନ୍ୱୟକୁ ଦର୍ଶାଉଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ କାର୍ଯ୍ୟକାରୀ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହା ଖଣ୍ଡଗିରି ଅଞ୍ଚଳ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବା ପାଇଁ ଥିବା ଆମର ସମର୍ପଣ ଭାବକୁ ଦର୍ଶାଉଛି। ଏହି ଉନ୍ନତି ସହ ଆମେ ବର୍ତ୍ତମାନର ଚାହିଦାକୁ ପୂରଣ କରୁଥିବା ବେଳେ ଭବିଷ୍ୟତରେ ସମ୍ପୃକ୍ତ ଅଞ୍ଚଳର ଅଭିବୃଦ୍ଧି ଓ ବିକାଶ ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛୁ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅକ୍ଷୟ ଶକ୍ତି କ୍ରୟ କରିବ ନେକ୍ସଟ୍ରା

ଭୁବନେଶ୍ୱର,୧୮।୨

ଭାରତର ଅଗ୍ରଣୀ ଡାଟା ସେଣ୍ଟର କମ୍ପାନୀ ନେକ୍ସଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅକ୍ଷୟ ଶକ୍ତି ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏପରିକି ଅତିରିକ୍ତ ୧୪୦,୨୦୮ ମେଗାୱାଟ ଅକ୍ଷୟ ଶକ୍ତି କ୍ରୟ କରିବାକୁ କମ୍ପାନୀ ଏକ ଦ୍ୱିପାକ୍ଷିକ ରାଜିନାମା ବା ଚୁକ୍ତିନାମା (ପାୱାର୍-ହୁଇଲିଂ ଏଗ୍ରିମେଣ୍ଟ) ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ସହିତ ହୋଇଛି। ନେକ୍ସଟ୍ରା ଡାଟା ଲିମିଟେଡ (ଏୟାରଟେଲ ଦ୍ୱାରା ନେକ୍ସଟ୍ରା)ର ସିଇଓ ଆଶିଷ ଆରୋରା କହିଛନ୍ତି, ଉଭୟ ସଂସ୍ଥା ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ସହଭାଗିତା ବ୍ରାଣ୍ଡର ନେତୃତ୍ୱ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଭାରତର ସବୁଜ ଡାଟା କେନ୍ଦ୍ର ସ୍ଥାନ ଏବଂ ୨୦୩୧ସୁଦ୍ଧା ନେଟ୍ ଜିରୋ ନିର୍ଗମନ ହାସଲ କରିବାକୁ ଆମର ପ୍ରତିବଦ୍ଧତା ପୂରଣ କରିବା ପାଇଁ ଆମେ ଅତିରିକ୍ତ ସ୍ୱଚ୍ଛ ଶକ୍ତି ଯୋଗାଣ ଓ ଅକ୍ଷୟ ଶକ୍ତି ଅଂଶକୁ ପ୍ରାୟ ୭୦% ବୃଦ୍ଧି କରିବୁ। ଅପରପକ୍ଷରେ ଏୟାରଟେଲ ଦ୍ୱାରା ପରିଚାଳିତ ନେକ୍ସଟ୍ରା ଅତିରିକ୍ତ ଅକ୍ଷୟ ଶକ୍ତି କ୍ରୟ କରିବାକୁ ଯାଉଛି, ଉପରୋକ୍ତ ଚୁକ୍ତିନାମା ଅନୁଯାୟୀ ଆମ୍ପ୍ଲିନ୍ ଏବଂ ଆମ୍ପ୍ଲସ୍ ଏନର୍ଜି ଯଥାକ୍ରମେ ୪୮ ଏମଡବ୍ଲ୍ୟୁଡିସି(MWdc) ଏବଂ ୨୪.୩ ମେଗାୱାଟର କ୍ୟାପ୍ଟିଭ୍ ସୋଲାର ଏବଂ ପବନ ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ସେହିଭଳି କମ୍ପାନୀର ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ତାମିଲନାଡୁଠାରେ ନେକ୍ସଟ୍ରାର ଡାଟା ସେଣ୍ଟର ଅବସ୍ଥିତ ଥିଲାବେଳେ ୨୫ ବର୍ଷର ଚୁକ୍ତିନାମା କମ୍ପାନୀର ନେଟ-ଶୂନ ଲକ୍ଷ୍ୟ ହାସଲ କରିବାକୁ ନେକ୍ସଟ୍ରାର ପ୍ରତିବଦ୍ଧତା ସହିତ ମେଳ ଖାଉଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲର ସହଯୋଗୀ ସଂସ୍ଥା ନେକ୍ସଟ୍ରା ଡାଟା ଲିମିଟେଡ (ଏନ୍‌ଡିଏଲ) ଭାବେ କାର୍ଯ୍ୟ କରୁଛି।

# ବ୍ଲୁହ୍ୱିଲ୍‌ସର ଭୁବନେଶ୍ୱର ଫ୍ରାଞ୍ଚାଇଜ୍ ଲଞ୍ଚ

ଭୁବନେଶ୍ୱର,୧୮।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀସ୍ଥିତ ବ୍ଲୁହ୍ୱିଲ୍‌ସ କମ୍ପାନୀ ଦ୍ୱାରା ଜେଏମ୍‌ଡି ଓଡ଼ିଶା(ଓପିସି) ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ନୂତନ ଫ୍ରାଞ୍ଚାଇଜ ମଡେଲର ଲଞ୍ଚ୍ କରାଯାଇଛି। ୨ ଚକିଆ ସ୍କୁଟର, ୩ ଚକିଆ ଅଟୋରିକ୍ସା ଏବଂ ୪ ଚକିଆ ଯାନ ବ୍ୟବହାର କରି ଲଜିଷ୍ଟିକ୍ ସେବା ପ୍ରଦାନ କରାଯିବ। ଇଲେକ୍ଟ୍ରିକ୍ ଯାନ ମାଧ୍ୟମରେ ଇ- ବାଣିଜ୍ୟ ଖାଦ୍ୟ ବିତରଣ କମ୍ପାନୀଗୁଡ଼ିକୁ ସେବା ଯୋଗାଇବ। ରବିବାର କଳିଙ୍ଗନଗର କେ-୭ରେ କମ୍ପାନୀର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲୁ ହ୍ୱିଲ୍‌ସ କମ୍ପାନୀର ଫାଉଣ୍ଡେଶନ୍ ହେଡ୍ ସୁଶାନ୍ତ ମୁଖାର୍ଜୀ ସୂଚନା ଦେଇଛନ୍ତି। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗମାନେ ମଧ୍ୟ ସ୍ୱାବଲମ୍ବୀ ହେବା ପାଇଁ ଏହି ସେବା ନେଇପାରିବେ। ସର୍ବଭାରତୀୟ ସ୍ତରରେ କମ୍ପାନୀ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪୮ଟି କମ୍ପାନୀକୁ ଏହି ସେବା ପ୍ରଦାନ କରାଯାଉଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଇ-ଯାନ ମାଧ୍ୟମରେ ଏହି ସେବା ପ୍ରଦାନ କରାଯାଉଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଭେଜ କୁମାର ମେଦିନୀରାୟ କହିଛନ୍ତି। ତେବେ ୨୦୨୫ ସୁଦ୍ଧା ୧ ହଜାର ଯାନ ବିତରଣ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା କମ୍ପାନୀର ନିର୍ଦ୍ଦେଶକ ଦୀପକ ଆରୁଖେ ଓ ପ୍ରବୀଣ କୁମାର ମେଦିନୀରାୟ କହିଛନ୍ତି। ଆଗାମୀ ଦିନରେ ଗଞ୍ଜାମ, କଟକ ଏବଂ ଅନ୍ୟାନ୍ୟ ସହରରେ ଏହିସେବା ଲଞ୍ଚ୍ କରାଯିବ ବୋଲି ଜୋନାଲ ହେଡ୍ ବିମଲ କୁମାର କହିଛନ୍ତି।




# Classified Everyday
0674-2580101, 2549949





REAL ESTATE

SALE

Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact- 9861467987/ 9861336178. D-2567

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

Plot sale near AIIMS Hospital,Bhubaneswarand duplex sale @57,00,000/-. 9777433701. D-75915

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

New Cancer Hospital ନାଇକର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129. D-75914



CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913





Ground floor of Carpet Area 2000sqft. for Office or Bank in Cuttack Road in front of ESPLANADE MALL, Bomikhal (Rasulgarh). Please Contact- 9937044577. D-2547

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Relax, Refresh your body, mind by expert therapist. Contact: 9938843929. D-76103

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Newly open SPA positively health benefits with relax and refresh with good therapist. 8328803811. D-76101

Newly open SPA positively health benefits with expert therapist. 9040286886. D-75199

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

AFFIDAVIT

I Golap Mishra, W/o Late Birabadal Mishra of Charchika, Banki, Cuttack, at present village- Kotadwar samil Sunadeipur, Banki, Cuttack, by this affidavit no. 779/7.8.2023 states that my name has been wrongly mentioned as Manjubala Mishra in my deceased husband's service record. Myself Golap Mishra and Manjubala Mishra, W/o Birabadal Mishra is one and same person. Hence this affidavit for all purpose. D-2569

# ଶାସକ ଦଳରେ କନ୍ଦଳ, ଫାଇଦା ଆଶାରେ ବିରୋଧୀ

**ଅସ୍ତରଙ୍ଗ,୧୮।୨(ପ୍ରଦୀପ୍ତ ଦୀକ୍ଷିତ)**

## କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ



ସୁରେନ୍ଦ୍ର ସେଠୀ



ତୁଷାରକାନ୍ତି ବେହେରା



ପ୍ରଫୁଲ୍ଲ ବେହେରା

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ୧୫, କାକଟପୁର ବ୍ଲକର ୧୬, ଗୋପ ବ୍ଲକର ୧୪ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ନେଇ ଗଠିତ। ଏହି ଆସନରୁ ୨୦୧୯ ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ଛାଡ଼ି ବିଜୁ ଜନତା ଦଳ (ବିଜେଡି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତୁଷାରକାନ୍ତି ବେହେରା ବିଧାୟକ ଭାବେ ନିର୍ବାଚିତ ହୋଇ ଏବେ ମନ୍ତ୍ରୀ ଅଛନ୍ତି। ସେପଟେ ଗତ ବିଧାନସଭା ନିର୍ବାଚନବେଳେ ହାତପାଆନ୍ତାରୁ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ନିର୍ବାଚନମଣ୍ଡଳୀରେ ସମାନ୍ତରାଳ ଭାବେ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କୁ ନେଇ ତାଙ୍କ ସାଙ୍ଗଠନିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତାଙ୍କ ନେତୃତ୍ୱ ଗତ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗ ଓ କାକଟପୁର ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିଥିଲା। ବର୍ତ୍ତମାନ ବିଭିନ୍ନ ସଭାସମିତିରେ ମନ୍ତ୍ରୀ ଓ ପୂର୍ବତନ ବିଧାୟକ ଏବଂ ଉଭୟଙ୍କ ସମର୍ଥକମାନେ ମୁହାଁମୁହିଁ ହେବା ସାଧାରଣ ଭୋଟରଙ୍କୁ ପ୍ରଭାବିତ କରୁଛି। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଏବେ ଚରମସୀମାରେ ପହଞ୍ଚିଥିବାରୁ ଏହା ବିରୋଧୀଙ୍କୁ ସୁହାଇବ ବୋଲି ଆଲୋଚନା ହେଲାଣି।

ବିଜେଡିରେ ବିଭାଜନ ରୋକିବା ପାଇଁ ଇତିହାସର ପୁନରାବୃତ୍ତି ହେବାର ସମ୍ଭାବନା ଦେଖାଦେଇଛି। ୨୦୦୯ରେ କାକଟପୁର ସଂରକ୍ଷିତ ଆସନ ହେବା ପରଠୁ ଗତ ତିନିଗୋଟି ବିଧାନସଭା ନିର୍ବାଚନରେ ବିଜେଡି ତା'ର ପ୍ରାର୍ଥୀ ବଦଳାଇ ସୁଫଳ ପାଇଛି ଏବଂ ପ୍ରତି ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ି ଚାଲିଛି। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରବି ମଲ୍ଲିକ ୧୬ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଥିବା ବେଳେ ୨୦୧୪ରେ ସୁରେନ୍ଦ୍ର ସେଠୀ ୪୧ ହଜାରରୁ ଅଧିକ ଭୋଟ ଏବଂ ୨୦୧୯ରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ୪୬ ହଜାରରୁ ବେଶି ଭୋଟରେ ଜିତିଥିଲେ। ଏଠାରେ ଦଳ ଗୋଷ୍ଠୀ କନ୍ଦଳକୁ ପ୍ରଶମିତ କରି ତା'ର ବିଜୟଧାରାକୁ ଅବ୍ୟାହତ ରଖିବା ପାଇଁ ପୂର୍ବ ନିର୍ବାଚନଗୁଡ଼ିକ ଭଳି ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ନୂଆ ପ୍ରାର୍ଥୀ ଦେବାର ସମ୍ଭାବନା ଥିବା ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି। ଇତିମଧ୍ୟରେ ନୂଆ ପ୍ରାର୍ଥୀ ଭାବେ ଚର୍ଚ୍ଚାର ଆଗରେ ଯୁବ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରାଙ୍କ ନାମ ଆଲୋଚନା ହେଉଛି। ପ୍ରଫୁଲ୍ଲ ତୃଣମୂଳସ୍ତରରୁ ରାଜନୈତିକ ଜୀବନ ଆରମ୍ଭ କରି ତାଙ୍କ ପତ୍ନୀଙ୍କୁ ଥରେ ଅସ୍ତରଙ୍ଗ ସମିତି ସଭ୍ୟା କରାଇଥିବା ବେଳେ ନିଜେ ମଧ୍ୟ ସରପଞ୍ଚ ଭାବେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟକରି ଅସ୍ତରଙ୍ଗ ସମେତ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ ଦକ୍ଷତା ବଢ଼ାଇ ଚାଲିଛନ୍ତି। ୨୦୧୨ ମସିହାରେ ସେ ଅସ୍ତରଙ୍ଗ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଥିଲେ। ଏଥିସହ ୨୦ ବର୍ଷ ଧରି ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରିଆସୁଥିବା ପ୍ରଫୁଲ୍ଲ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଜୀବିକା ଓ ମିଶନଶକ୍ତିର ସ୍ୱୀକୃତିପ୍ରାପ୍ତ ତାଲିମଦାତା ଭାବେ ପୁରୀ ଜିଲା ସମେତ ବିଭିନ୍ନ ଜିଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ମିଶନଶକ୍ତି ସଭାନେତ୍ରୀ, ସମ୍ପାଦିକା, ଏମ୍.ବି.କେ, ସି.ଆର୍.ପି.ଙ୍କ ସହ ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀ, ଏ.ଏନ୍.ଏମ୍ ଓ ଆଶା କର୍ମୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବିଜେଡି କର୍ମୀ ଭାବେ ସେ ସବୁ ଗୋଷ୍ଠୀଙ୍କୁ ସାଥିରେ ନେଇ ଦଳକୁ ଠିକ୍ ଜାଗାରେ ପହଞ୍ଚାଇ ପାରିବେ ବୋଲି ନିର୍ବାଚନମଣ୍ଡଳୀ ସାରା ଚର୍ଚ୍ଚା ହେଉଛି। ବିଜେଡି ଶୀର୍ଷ ନେତୃତ୍ୱ ନୂଆ ପ୍ରାର୍ଥୀ ଦେଇ କାକଟପୁରରେ ବାରମ୍ବାର କରୁଥିବା ପରୀକ୍ଷଣ ୨୦୨୪ରେ ଲାଗୁ କଲେ ପ୍ରଫୁଲ୍ଲଙ୍କୁ ଟିକେଟ ମିଳିପାରେ ବୋଲି କୁହାଯାଉଛି। କିନ୍ତୁ ମନ୍ତ୍ରୀ ତୁଷାରକାନ୍ତି ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ସମର୍ଥକମାନେ ନିଜ ନେତା ଦଳୀୟ ଟିକେଟ ପାଇବେ ବୋଲି କହୁଛନ୍ତି। ତେବେ ନିକଟରେ ମନ୍ତ୍ରୀ ତୁଷାରକାନ୍ତି ନିଜ ନିର୍ବାଚନମଣ୍ଡଳୀରେ ହେଉଥିବା ଏକ ଦଳୀୟ କାର୍ଯ୍ୟକ୍ରମକୁ ବିନା ନିମନ୍ତ୍ରଣରେ ଯିବା ବେଳେ ସ୍ଥାନୀୟ ନେତାଙ୍କ ବିରୋଧର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଉଛି ବୋଲି ଲୋକେ କଥାବାର୍ତ୍ତା ହେଉଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡି ଦଳୀୟ ଟିକେଟ କାହାକୁ ଦେଉଛି, ତାହା ଉପରେ କାକଟପୁର ରାଜନୀତି ନିର୍ଭର କରୁଛି।

ସେପଟେ ଅପେକ୍ଷାକୃତ ଦୁର୍ବଳ ସ୍ଥିତିରେ ଥିବା ବିରୋଧୀ ଭାଜପା ଓ କଂଗ୍ରେସ ଶାସକ ବିଜେଡିର ଅନ୍ତଃ କନ୍ଦଳରୁ ଫାଇଦା ନେବା ଆଶାରେ ଅନାଇ ବସିଛନ୍ତି। କେତେକେ କହୁଛନ୍ତି, ବିଜେଡି ଟିକେଟ ଆଶାୟୀ ଥିବା ନେତା ଦଳରୁ ନିରାଶ ହେଲେ ବିରୋଧୀ ଶିବିରକୁ ଡେଇଁପାରନ୍ତି। ସେତେବେଳେ ନିର୍ବାଚନମଣ୍ଡଳୀ ସମୀକରଣ ବଦଳିବାର ସମ୍ଭାବନା ରହିଛି।

# ବିଧାୟକଙ୍କ ବିରୋଧରେ ଗର୍ଜିଲେ କର୍ମୀ



କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ରବିବାର ଅନୁଷ୍ଠିତ ଏକତା ସମାବେଶ।

**ବାଲିକୁଦା,୧୮।୨(ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ନୂଆଗାଁସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଏକତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ବିଜେଡି ଯୁବନେତା ସଞ୍ଜୀବ ଏସ୍. ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଅନେକ ଶହ ବିଜେଡି କର୍ମୀ ଯୋଗଦେଇଥିଲେ। ଏହି ସମାବେଶରେ ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ୫ ବର୍ଷ କାର୍ଯ୍ୟକ୍ରମକୁ ବିଜେଡି କର୍ମୀମାନେ ବିରୋଧ କରିଥିଲେ।

ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶରେ କଟକର ଗାନ୍ଧିବାଦୀ ନେତା ସୁରଜ ସୂର୍ଯ୍ୟବଂଶୀ, ଏରସମା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସୁମନ୍ତ ବାରିକ ଓ ଜ୍ଞାନରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଆସନ୍ତା ନିର୍ବାଚନରେ ତାଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତ ଓ ଏରସମା ବ୍ଲକର ୨୫ ପଞ୍ଚାୟତର ଦଳୀୟ କର୍ମୀମାନେ ଯୋଗ ଦେଇ ବିଧାୟକ ଦାସଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଅନ୍ୟପକ୍ଷରେ ସମାବେଶରେ ଲାଗି ଥିବା ହୋର୍ଡିଂରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଯୁବନେତା ସଞ୍ଜୀବଙ୍କ ଫଟୋ ଦେଖିବାକୁ ମିଳିଥିଲା। ଏହି ସମାବେଶରେ ତରାସାହି ସରପଞ୍ଚ ରାଜେଶ ବେହେରା, ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ, ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ, ରମେଶ ଚନ୍ଦ୍ର ପାଇଟାଳ, ହେମନ୍ତ କୁମାର ସେଠୀ, ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ସହ ସମସ୍ତ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ପୂର୍ବତନ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏ ସମ୍ପର୍କରେ ବିଧାୟକ ଦାସଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ବିଜେଡିରେ ବିପ୍ଳବ ଜେନା



ଶଙ୍ଖଭବନଠାରେ ବିପ୍ଳବ ଜେନା ଓ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଛନ୍ତି।

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)**

- ଅନୁଗୋଳ ଜିଲାରେ ବିଜେଡି ଅଧିକ ମଜଭୁତ ହେବ: ପ୍ରଣବ
- କୌଣସି ପଦପଦବୀ ଉଦ୍ଦେଶ୍ୟ ନେଇ ଆସି ନାହିଁ: ବିପ୍ଳବ

ଅନୁଗୋଳ ଜିଲା କଂଗ୍ରେସ ସଭାପତି ତଥା ୨୦୧୯ରେ ଅନୁଗୋଳ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବିପ୍ଳବ ଜେନା ରବିବାର ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ବିପ୍ଳବ ଜେନାଙ୍କୁ ଉପଢୌକନ ଦେଇ ପ୍ରଣବ ଓ ରଜନୀକାନ୍ତ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଣବ ପ୍ରକାଶ କହିଛନ୍ତି, ବିପ୍ଳବଙ୍କ ଯୋଗଦାନ ଦ୍ୱାରା ଜିଲାରେ ବିଜେଡି ଆହୁରି ମଜଭୁତ ହେବା ସହ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବିପ୍ଳବ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ବର୍ତ୍ତମାନ ତାଙ୍କ ସହ ଦଳରେ ଯୋଗ ଦେଉଛନ୍ତି, ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି, ଆଦର୍ଶ ଓ ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଦଳକୁ ଆସିନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାକୁ ନିଷ୍ଠାର ସହ ତୁଲାଇବେ । ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ, ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ଜିଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଏବଂ ଅନୁଗୋଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ମହିଳା କଂଗ୍ରେସ ସଭାପତି ତପସ୍ୱିନୀ ବିଶ୍ୱାଳ, ଜିଲା ଯୁବ କଂଗ୍ରେସ ଉପସଭାପତି ବାପୁନ କୁମାର ଦେହୁରୀ, ପୂର୍ବତନ କଂଗ୍ରେସ ଜିଲା କମିଟି ଉପସଭାପତି ବାପୁଜୀ ପ୍ରଧାନ, ଅନୁଗୋଳ ବିଧାନସଭା ଯୁବ କଂଗ୍ରେସ ସଭାପତି ରାକେଶ କୁମାର ସାହୁ, ପୂର୍ବତନ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅନ୍ନଦା ସାହୁ, ଢେଙ୍କାନାଳ ଓ ଅନୁଗୋଳ ଜିଲା ସଭାପତି ସୋସିଆଲ ମିଡିଆ ଆଲୋକ ଦାସ, ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ ସମିତି ଆବାହକ ଅନିଲ ବରାଳ, ବରିଷ୍ଠ କଂଗ୍ରେସ ନେତା ସୁଜନ କୁମାର ପରିଡ଼ା, ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ବୁଲୁ ସାହୁ ପ୍ରମୁଖ ଶତାଧିକ କର୍ମୀ ବିଜେଡିରେ ଏହି ଅବସରରେ ସାମିଲ ହୋଇଛନ୍ତି।

# ୩୩ ସାଙ୍ଗଠନିକ ଜିଲାରେ ପ୍ରଭାରୀ ନିଯୁକ୍ତ କଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର)**

ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ୩୩ ସାଙ୍ଗଠନିକ ଜିଲାରେ ଯୁବ କଂଗ୍ରେସର ରାଜ୍ୟ ପଦାଧିକାରୀଙ୍କୁ ଜିଲା ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଉପସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ମାଲକାନଗିରି ଏବଂ ଅନୁଗୋଳ ଜିଲା, ରୁକ୍ମଣୀ ମଙ୍ଗରାଜଙ୍କୁ ନୂଆପଡ଼ା ଜିଲା, ନାରାୟଣ ବାରିକଙ୍କୁ କଳାହାଣ୍ଡି, ସାଧାରଣ ସମ୍ପାଦକ ନୀହାର ରଞ୍ଜନ ବେହେରାଙ୍କୁ କୋରାପୁଟ ଏବଂ ଗଞ୍ଜାମ, ସୁଦୀପ ସାମଲଙ୍କୁ ରାୟଗଡ଼ା ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ, ଗୋପନ କୁମାର ମାର୍ଥାଙ୍କୁ କଟକ ଓ ପୁରୀ, ଅଭିଜିତ ଜେନାଙ୍କୁ କେନ୍ଦୁଝର ଓ ଭୁବନେଶ୍ୱର, ନଳିନୀକାନ୍ତ ନାୟକଙ୍କୁ ବୌଦ୍ଧ ଏବଂ ସୋନପୁର, କେଦାର ଦଳାଇଙ୍କୁ ନୟାଗଡ଼ ଏବଂ ଖୋର୍ଦ୍ଧା, ଅଭିଷେକ ପଟ୍ଟନାୟକଙ୍କୁ ନବରଙ୍ଗପୁର, ଚିନ୍ମୟ କୁମାର ହୋତାଙ୍କୁ ଗଜପତି, ରାକେଶ କୁମାର ସାହୁଙ୍କୁ ସମ୍ବଲପୁର, ମନ୍ଦାକିନୀ ବଣୁଆଙ୍କୁ କନ୍ଧମାଳ, ଶିବକୁମାର ଅଗ୍ରୱାଲଙ୍କୁ ଢେଙ୍କାନାଳ, ଜ୍ଞାନରଞ୍ଜନ ରାଉତଙ୍କୁ ସୁନ୍ଦରଗଡ଼, ସୁରେଶ କୁମାର ବେହେରାଙ୍କୁ ଝାରସୁଗୁଡ଼ା, ସ୍ମୃତିରଞ୍ଜନ ମନ୍ତ୍ରୀଙ୍କୁ ଦେବଗଡ଼, ବେଣୁପାଣି ଦୁର୍ଗାଙ୍କୁ କେନ୍ଦ୍ରାପଡ଼ା, ଜୟପ୍ରକାଶ ବଦିଙ୍କୁ ବରଗଡ଼, ପ୍ରିୟବ୍ରତ ସାହୁଙ୍କୁ ଭଦ୍ରକ, କାର୍ତ୍ତିକ ଘଡ଼ାଇଙ୍କୁ ଜଗତସିଂହପୁର, ସୁବ୍ରତ କୁମାର ବେହେରାଙ୍କୁ ରାଉରକେଲା, ଅମିତ କୁମାର କୁଅଁରଙ୍କୁ ବାଲେଶ୍ୱର, ସୃଜନିକା ରାଉତଙ୍କୁ ସୋସିଆଲ ମିଡିଆ ସହ ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ସହଯୋଗୀ, ସୁଶ୍ରୀ ସଙ୍ଗିତା ଗୋଛାୟତଙ୍କୁ ସୋସିଆଲ ମିଡିଆ, ରିନା ରୟଙ୍କୁ ସୋସିଆଲ ମିଡିଆ, ରୋଶ୍ନି ଦୀପକଙ୍କୁ ସୋସିଆଲ ମିଡିଆ, ବନିତା ଦାସଙ୍କୁ ସୋସିଆଲ ମିଡିଆ ସହ କାର୍ଯ୍ୟାଳୟ ସହଯୋଗୀ, ଝିଲ୍ଲୀ ପ୍ରଧାନଙ୍କୁ ସୋସିଆଲ ମିଡିଆ, ସୋନୁ ଶ୍ରୀବାସ୍ତବଙ୍କୁ ସୋସିଆଲ ମିଡିଆ ସହ ରାଜ୍ୟ ଯୁବ କଂଗ୍ରେସ ସହଯୋଗୀ, ଏସ୍‌କେ ଜାଭେଦ ଅକତରଙ୍କୁ କଟକ ସହର, ଇମିତିଆଜ ଖାନ୍‌ଙ୍କୁ ବଲାଙ୍ଗୀର, ତପନ କୁମାର କାଣ୍ଡିଙ୍କୁ ଯାଜପୁର ଜିଲା ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ଏହାସହ ୧୧ ଜଣ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି।

# ଆସନ୍ତା ୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସକୁ କ୍ରିୟାଶୀଳ ଓ ମଜଭୁତ କରିବା ପାଇଁ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲା ସଭାପତିଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ ରବିବାର ବୈଠକ କରି ଏହା କହିଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ରଣନୀତି ଓ ରୂପରେଖ ପ୍ରସ୍ତୁତ କରିବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ପ୍ରଗମନ ସମୀକ୍ଷା କରାଯିବା ସହ ଏହା ବୃତ୍ତାନ୍ତ ରୂପରେଖ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଏହାସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ୨୪ ବର୍ଷର କୁଶାସନ ଓ ଜନତାଙ୍କୁ ଧୋକା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶରତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଆଶାୟୀ ପ୍ରାର୍ଥୀଙ୍କ ପ୍ରଗମନ ଜିଲାସ୍ତରରୁ ବୁଥ୍‌ସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ମଜଭୁତ କରିବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବା, ଜିଲାର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରି ତୁରନ୍ତ ସାଙ୍ଗଠନିକ ପଦବୀ ପୂରଣ କରିବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ ସଶକ୍ତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି, ଓ ଅନ୍ୟାୟ ବିରୋଧରେ ଲଢ଼େଇ ପାଇଁ ଜିଲାରେ କାର୍ଯ୍ୟରତ କଂଗ୍ରେସର ଗଣମାଧ୍ୟମ ବିଭାଗକୁ ପ୍ରଭାବୀ ଢଙ୍ଗରେ ଆଗକୁ ନେବା ପାଇଁ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି।

# କଂଗ୍ରେସରେ ଯୋଗଦେଲେ ବିଜେଡି, ଭାଜପା ନେତା

**ଭୁବନେଶ୍ୱର,୧୮।୨(ସୁନିତ୍ ମିଶ୍ର):** କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଜେଡି ଓ ଭାଜପାର ଅନେକ ନେତା ସେମାନଙ୍କ ସମର୍ଥକଙ୍କ ସହିତ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେହିପରି ଦଳ ଛାଡି ଯାଇଥିବା କିଛି ପୁରୁଣା ନେତା ଘରବାହୁଡା ମଧ୍ୟ କରିଛନ୍ତି। ଅନୁଗୋଳ ଜିଲା ପାଲଲହଡା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ମନୋଜ ସାହୁ, ତାଳଚେର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ଯୁବ ବିଜେଡି ସଭାପତି ସୂର୍ଯ୍ୟମଣି ସାହୁ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ଗୋବିନ୍ଦ ନାୟକ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସେହିପରି ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସତ୍ୟଜିତ୍ ପଟ୍ଟନାୟକ(ମିଲନ), ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯେଉଁମାନେ ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ, ସେମାନେ ପୁଣିଥରେ ଘରବାହୁଡା କରିଛନ୍ତି।


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
**'e' Procurement Notice**
**Bid Identification No. SE MID JSD 09/2023-24**
**E-mail: eemijharsuguda@gmail.com**
**No.452// MID // Date 15.02.2024**

No.A-1521:- The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of the work: | Civil construction work |
| 2 | Total No. of works: | 03 (Three) Nos. |
| 3 | Estimated cost: | Rs.48.16 Lakh to Rs.76.73 Lakh |
| | (Detail list of work annexed) | |
| 4 | Class of contractor: | As mentioned against work |
| 5 | Period of completion: | As mentioned against work |
| 6 | Date & time of availability of bid document in the portal: | 19.02.2024 to 28.02.2024 during office hours |
| 7 | Last date / time for receipt of bid in the portal: | 28.02.2024 during office hours |
| 8 | Date / time of opening of technical bid: | 29.02.2024 at 10.00 A.M. at Office of the S.E. MI Divn., Jharsuguda |
| 9 | Name & address of the officer inviting the bid: | Superintending Engineer, M.I. Division, Jharsuguda |
| 10 | Mode fo payment of bid cost & bid security | Online |

Sd./- Superintending Engineer, M.I. Division, Jharsuguda
OIPR-32291/11/0013/2324



**ODISHA PUBLIC SERVICE COMMISSION**
**NOTICE**

No. D-232

No. 961/PSC Dt.17.02.2024
[1E-36-2023/24] DR-II

**4th Corrigendum to Advertisement No. 19 of 2023-24 for Recruitment to the Posts of Assistant Executive Engineer (Civil & Mechanical) under the Department of Water Resources, Govt. of Odisha**

1. An additional 348 Nos. of Posts in the rank of Asst. Executive Engineer (Civil) have been added to existing 580 Nos. of posts against Advt. No. 19 of 2023-24, consequent upon restructuring of the Engineering Service Cadre of the Works Department, as communicated by the Department of Water Resources in their Letter No. 4606/WR, Dt.15.02.2024. The revised vacancy position along with reservation thereof are hereby indicated in the table given below:

| Sl. No. | Category | No. of Vacancies | No. of Post Reserved for PWD |
|---|---|---|---|
| 1 | UR | 486 (162 - W) | (i) Blindness/Low Vision - 11 (03 - W) |
| 2 | SEBC | 116 (39 - W) | (ii) Hearing Impaired - 10 (03 - W) |
| 3 | SC | 190 (63 - W) | (iii) Locomotor Disability/Cerebral Palsy - 08 (03 - W) |
| 4 | ST | 136 (45 - W) | (iv) Autism/Intellectual Disability/Multiple Disability - 08 (02 - W) |
| Total | | 928 (309 - W) | 37 (11 - W) |

Moreover, the vacancy reserved for **Sports Person** category is revised to **09 (03 - W)**

2. The period for submission of online application for the aforesaid advertisement is rescheduled and the live applications shall be available from **19.02.2024 to 26.02.2024.**
(Note: **26.02.2024** is the last date for submission of online application).

All other terms and conditions outlined in advertisement No. 19 of 2023-24 shall remain unchanged.
The concerned candidates are advised to visit the website of the Commission at **www.opsc.gov.in**.

**OIPR-12002/11/0141/2324** Sd./- Secretary



**ODISHA PUBLIC SERVICE COMMISSION**
**NOTICE**

No. 956/PSC Dt.17.02.2024

No. D-231: It is for information of all concerned that the candidate appearing the **OSC Main (Written) Examination - 2022**, pursuant to Advt. No. 17 of 2022-23 scheduled from 25.02.2024 to 03.03.2024 are advised to mention the subject code in their Answer Books as follows:

| Sl. No. | Name of Subjects / Papers | Subject Code |
|---|---|---|
| 1 | Odia Language | 01 |
| 2 | English Language | 02 |
| 3 | Essay | 03 |
| 4 | General Studies, Paper - I | 04 |
| 5 | General Studies, Paper - II | 05 |
| 6 | General Studies, Paper - III | 06 |
| 7 | General Studies, Paper - IV | 07 |

| Sl. No. | Name of Subject / Paper | Subject Code | Sl. No. | Name of Subject / Paper | Subject Code |
|---|---|---|---|---|---|
| | **Optional Paper** | | | **Optional Papers** | |
| 8 | Agriculture, Paper - I | 08 | 44 | Management, Paper - I | 44 |
| 9 | Agriculture, Paper - II | 09 | 45 | Management, Paper - II | 45 |
| 10 | Agricultural Engineering, Paper - I | 10 | 46 | Mathematics, Paper - I | 46 |
| 11 | Agricultural Engineering, Paper - II | 11 | 47 | Mathematics, Paper - II | 47 |
| 12 | Annual Husbandry & Veterinary Science, Paper - I | 12 | 48 | Mechanical Engineering, Paper - I | 48 |
| 13 | Annual Husbandry & Veterinary Science, Paper - II | 13 | 49 | Mechanical Engineering, Paper - II | 49 |
| 14 | Anthropology, Paper - I | 14 | 50 | Medical Science, Paper - I | 50 |
| 15 | Anthropology, Paper - II | 15 | 51 | Medical Science, Paper - II | 51 |
| 16 | Botany, Paper - I | 16 | 52 | Philosophy, Paper - I | 52 |
| 17 | Botany, Paper - II | 17 | 53 | Philosophy, Paper - II | 53 |
| 18 | Chemistry, Paper - I | 18 | 54 | Physics, Paper - I | 54 |
| 19 | Chemistry, Paper - II | 19 | 55 | Physics, Paper - II | 55 |
| 20 | Civil Engineering, Paper - I | 20 | 56 | Political Science & International Relations, Paper - I | 56 |
| 21 | Civil Engineering, Paper - II | 21 | 57 | Political Science & International Relations, Paper - II | 57 |
| 22 | Commerce & Accountancy, Paper - I | 22 | 58 | Psychology, Paper - I | 58 |
| 23 | Commerce & Accountancy, Paper - II | 23 | 59 | Psychology, Paper - II | 59 |
| 24 | Economics, Paper - I | 24 | 60 | Public Administration, Paper - I | 60 |
| 25 | Economics, Paper - II | 25 | 61 | Public Administration, Paper - II | 61 |
| 26 | Education, Paper - I | 26 | 62 | Sociology, Paper - I | 62 |
| 27 | Education, Paper - II | 27 | 63 | Sociology, Paper - II | 63 |
| 28 | Electrical Engineering, Paper - I | 28 | 64 | Statistics, Paper - I | 64 |
| 29 | Electrical Engineering, Paper - II | 29 | 65 | Statistics, Paper - II | 65 |
| 30 | Fishery Science, Paper - I | 30 | 66 | Zoology, Paper - I | 66 |
| 31 | Fishery Science, Paper - II | 31 | 67 | Zoology, Paper - II | 67 |
| 32 | Forestry, Paper - I | 32 | | **Indian Language & Literature Papers** | |
| 33 | Forestry, Paper - II | 33 | 68 | English, Paper - I | 68 |
| 34 | Geography, Paper - I | 34 | 69 | Engilsh, Paper - II | 69 |
| 35 | Geography, Paper - II | 35 | 70 | Hindi, Paper - I | 70 |
| 36 | Geology, Paper - I | 36 | 71 | Hindi, Paper - II | 71 |
| 37 | Geology, Paper - II | 37 | 72 | Odia, Paper - I | 72 |
| 38 | History, Paper - I | 38 | 73 | Odia, Paper - II | 73 |
| 39 | History, Paper - II | 39 | 74 | Persian, Paper - I | 74 |
| 40 | Home Science, Paper - I | 40 | 75 | Persian, Paper - II | 75 |
| 41 | Home Science, Paper - II | 41 | 76 | Sanskrit, Paper - I | 76 |
| 42 | Law, Paper - I | 42 | 77 | Sanskrit, Paper - II | 77 |
| 43 | Law, Paper - II | 43 | | | |

The candidates are advised to visit the wwbsite of the Commission at **www.opsc.gov.in** regularly for further information.

**OIPR-12002/11/0151/2324** Sd./- Secretary

# ଭାରତର ସର୍ବବୃହତ୍ ଟେଷ୍ଟ ବିଜୟ

## ଜୟସ୍ୱାଲଙ୍କ ଦ୍ୱିଶତକ, ଜାଡେଜାଙ୍କୁ ୫ ଉଇକେଟ

### ଭାରତ ୨-୧ରେ ଆଗୁଆ

ରାଜକୋଟ,୧୮।୨(ପି.ଟି.)

ରାଜକୋଟରେ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟକୁ ୪୩୪ ରନ୍‌ରେ ଜିତିବା ସହ ଟେଷ୍ଟ କ୍ରିକେଟରେ ରନ୍ ବ୍ୟବଧାନରେ ସର୍ବବୃହତ୍ ବିଜୟ ରେକର୍ଡ କରିଛି ଭାରତ। ଚତୁର୍ଥ ଦିନରେ ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ବଳରେ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିଲା ଭାରତ। ଇଂଲଣ୍ଡ ୧୨୨ ରନ୍‌ରେ ଅଲଆଉଟ ହେବା ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ପୂର୍ବରୁ ହାଇଦ୍ରାବାଦରେ ଖେଳାଯାଇଥିବା ପ୍ରଥମ ମ୍ୟାଚକୁ ଇଂଲଣ୍ଡ ଜିତିଥିବା ବେଳେ ବିଶାଖାପାଟଣାରେ ପ୍ରତ୍ୟାବର୍ତ୍ତନ କରିଥିଲା ଭାରତ।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୯୬/୨ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ଶୁବମନ୍ ଗିଲ୍ ଓ କୁଲଦୀପ ଯାଦବ ଇଂଲଣ୍ଡ ବୋଲରଙ୍କୁ ସହଜରେ ଖେଳିଥିଲେ। ଦଳୀୟ ସ୍କୋର ୨୪୬ରେ ପହଞ୍ଚିବା ପରେ ୯୧ ରନ୍ ସ୍କୋର କରି ରନ୍‌ଆଉଟ ହୋଇଥିଲେ ଗିଲ୍। ୧୫୧ ବଲ୍ ଖେଳି ସେ ୯ ଚୌକା ଓ ୨ ଛକା ମାରିଥିଲେ। ରିଟାୟର୍ଡ ହର୍ଟ ଥିବା ଜୟସ୍ୱାଲ ଆଉଥରେ ବ୍ୟାଟିଂ କରିବାକୁ ଆସିବା ସହ ଇଂଲଣ୍ଡ ବୋଲରଙ୍କୁ ଧୂଲେଇ କରିଥିଲେ। କ୍ରମାଗତ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିବା ସହ ସେ ୨୧୪ ରନ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଏପରିକି ଭେଟେରାନ୍ ଜେମ୍ସ ଆଣ୍ଡରସନ୍‌ଙ୍କୁ ହ୍ୟାଟ୍ରିକ୍ ଛକା ମାରିଥିଲେ। ପଦାର୍ପଣ କରିଥିବା ସର୍ଫରାଜ ଖାଁ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ବ୍ୟାଟିଂ କରିଥିଲେ। ୭୨ ବଲ୍ ଖେଳି ସେ ୬ ଚୌକା ଓ ୩ ଛକା ସହ ୬୮ ରନ୍ କରି ଅପରାଜିତ ଥିଲେ। ଭାରତ ୪୩୦/୪ରେ ଇନିଂସ ଘୋଷଣା କରିବା ସହ ଇଂଲଣ୍ଡ ସମ୍ମୁଖରେ ୫୫୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୧୨ ଛକା ମାରିବା ସହ ଜୟସ୍ୱାଲ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବା ରେକର୍ଡର ସମକକ୍ଷ ହୋଇଥିଲେ।

ତେବେ ଲୋକାଲ ବୟ ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ୍ ଜାଲରେ ଫସି ଯାଇଥିଲା ଇଂଲଣ୍ଡ। ଜାଡେଜା ୫ ଉଇକେଟ ନେଇଥିବା ବେଳେ ଇଂଲଣ୍ଡ ୧୨୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ୬ ଜଣ ଖେଳାଳି ୨ ଅଙ୍କ ସ୍କୋରରେ ପହଞ୍ଚି ପାରି ନ ଥିବା ବେଳେ ୧୦ ନମ୍ବର ବ୍ୟାଟର ମାର୍କ ଉଡ୍ ସର୍ବାଧିକ ୩୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ ହାର୍ଟଲେ ଓ ବେନ୍ ଫୋକ୍ସ ୧୬ ରନ୍ ଲେଖାଏ ସ୍କୋର କରିଥିଲେ। ଓଲି ପୋପ୍, ଜୋ ରୁଟ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ ଓ ମାର୍କ ଉଡ୍‌ଙ୍କୁ ଆଉଟ୍ କରି ଜାଡେଜା ନିଜର ୫ ଉଇକେଟ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨, ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶତକ ହାସଲ କରିବା ସହ ୫ ଉଇକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୪୫/୧୦।

ଇଂଲଣ୍ଡ ପ୍ରଥମ ଇନିଂସ: ୩୧୯/୧୦।

ଭାରତ ଦ୍ୱିତୀୟ ଇନିଂସ ୪୩୦/୪ (ଯଶସ୍ୱୀ ଜୟସ୍ୱାଲ-୨୧୪*, ଶୁବମନ ଗିଲ୍-୯୧, ସର୍ଫରାଜ ଖାଁ-୬୮*, ଟମ୍ ହାର୍ଟଲେ-୧/୭୮, ରେହାନ ଅହମଦ-୧/୧୦୮, ଜୋ ରୁଟ୍-୧/୧୧୧)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ ୧୨୨/୧୦(ମାର୍କ ଉଡ୍-୩୩, ଟମ୍ ହାର୍ଟଲେ-୧୬, ବେନ୍ ଫୋକ୍ସ-୧୬, ରବୀନ୍ଦ୍ର ଜାଡେଜା-୫/୪୧, କୁଲଦୀପ ଯାଦବ-୨/୧୯, ଯଶପ୍ରୀତ୍ ବୁମରା-୧/୧୮, ରବିଚନ୍ଦ୍ରନ ଅଶ୍ୱିନ-୧/୧୯)।



ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜା।

### ରନ୍ ବ୍ୟବଧାନରେ ଭାରତର ବୃହତ୍ ବିଜୟ

| ଦଳ | ରନ୍ ବ୍ୟବଧାନ | ଭେନ୍ୟୁ | ବର୍ଷ |
|---|---|---|---|
| ଇଂଲଣ୍ଡ | ୪୩୪ | ରାଜକୋଟ | ୨୦୨୪ |
| ନ୍ୟୁଜିଲାଣ୍ଡ | ୩୭୨ | ମୁମ୍ବାଇ | ୨୦୨୧ |
| ଦକ୍ଷିଣ ଆଫ୍ରିକା | ୩୩୭ | ଦିଲ୍ଲୀ | ୨୦୧୫ |
| ନ୍ୟୁଜିଲାଣ୍ଡ | ୩୨୧ | ଇନ୍ଦୋର | ୨୦୧୬ |
| ଅଷ୍ଟ୍ରେଲିଆ | ୩୨୦ | ମୋହାଲି | ୨୦୦୮ |

### ୩୦ ବର୍ଷର ରେକର୍ଡ ଭାଙ୍ଗିଲେ ଜୟସ୍ୱାଲ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଏକାଧିକ ରେକର୍ଡ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ। ଏକ ବିଶ୍ୱରେକର୍ଡର ସମକକ୍ଷ ହେବା ସହ ସେ ୩୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଦ୍ୱିତୀୟ ଇନିଂସରେ ଜୟସ୍ୱାଲ ୨୧୪ ରନ୍‌ର ଇନିଂସ ଖେଳିବା ବେଳେ ଏହି ସବୁ ରେକର୍ଡ କରିଥିଲେ। ୨୩୬ ବଲ୍‌ର ଏହି ଇନିଂସରେ ସେ ୧୪ ଚୌକା ଓ ୧୨ ଛକା ମାରିଥିଲେ। ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ ସେ ପାକିସ୍ତାନର ୱାସିମ ଆକ୍ରମଙ୍କ ବିଶ୍ୱରେକର୍ଡର ସମକକ୍ଷ ହୋଇଥିବା ବେଳେ ୩୦ ବର୍ଷ ତଳର ନଭଜୋତ ସିଂ ସିଦ୍ଧୁଙ୍କ ରେକର୍ଡ ଭାଙ୍ଗିଛନ୍ତି। ଆକ୍ରମ ୧୯୯୬ରେ ଜିମ୍ବାୱେ ବିପକ୍ଷରେ ୨୫୭ ରନ୍‌ର ଇନିଂସ ଖେଳି ସମାନ ୧୨ ଛକା ମାରିଥିଲେ। ତେବେ ଭାରତୀୟ ଖେଳାଳି ନଭଜୋତ ସିଂ ସିଦ୍ଧୁ ଓ ମୟଙ୍କ ଅଗ୍ରୱାଲ ଗୋଟିଏ ଇନିଂସରେ ୮ଛକା ମାରିଥିବା ବେଳେ ଏହାକୁ ଅତିକ୍ରମ କରିଥିଲେ ଜୟସ୍ୱାଲ। ୧୯୯୪ରେ ଶ୍ରୀଲଙ୍କା ବିପକ୍ଷରେ ୧୨୪ ରନ୍‌ର ଇନିଂସରେ ସିଦ୍ଧୁ ୮ ଛକା ମାରିଥିବା ବେଳେ ୨୦୧୯ରେ ମୟଙ୍କ ବାଂଲାଦେଶ ବିପକ୍ଷରେ ୨୪୩ ରନ୍‌ର ଇନିଂସରେ ସମାନ ୮ ଛକା ମାରିଥିଲେ।

# ମୁଣ୍ଡରେ ଆଘାତ ଲାଗି ମୁସ୍ତାଫିଜୁର ହସ୍ପିଟାଲରେ

ଢାକା, ୧୮।୨ (ପି.ଟି.)

ମୁଣ୍ଡରେ ଆଘାତ ଲାଗି ଗୁରୁତର ଆହତ ହେବାପରେ ବାଂଲାଦେଶର ଅଭିଜ୍ଞ ବାମହାତୀ ବୋଲର ମୁସ୍ତାଫିଜୁର ରହମନଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଂଲାଦେଶ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ ପୂର୍ବରୁ ସ୍ଥାନୀୟ ଜହୁର ଅହମଦ ଚୌଧୁରୀ ଷ୍ଟାଡିୟମରେ ଏକ ଟ୍ରେନିଂ ସେସନ ନେବା ବେଳେ ଏହି ଘଟଣା ଘଟିଛି। ଖବର ଅନୁସାରେ ରହମନ ତାଙ୍କ ବୋଲିଂ ମାର୍କକୁ ଫେରୁଥିବା ସମୟରେ ଲିଟନ ଦାସଙ୍କ ବ୍ୟାଟରୁ ଆସିଥିବା ଏକ ବଲ୍ ତାଙ୍କ ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ତୁରନ୍ତ ତାଙ୍କର ଆଶୁ ଚିକିତ୍ସା କରାଯାଇଥିଲା। ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଇମ୍ପେରିଆଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ସିଟି ସ୍କାନ କରାଯାଇଛି। ତାଙ୍କର କୌଣସି ଆଭ୍ୟନ୍ତରୀଣ ଇଞ୍ଜୁରୀ ହୋଇଥିବା ସ୍ପଷ୍ଟ ହୋଇଛି।



ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ

# କିଟ୍, ସମ୍ବଲପୁର ପୁଲ୍ ଟପ୍ପର



ପୁଲ୍ ଡି'ର ଶୀର୍ଷ ସ୍ଥାନ ଅଧିକାର କରିଥିବା କିଟ୍ ଦଳ।

ଭୁବନେଶ୍ୱର,୧୮।୨(ସରୋଜ ଜେନା)

କିଟ୍ ବିଶ୍ୱ ବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ମିଳିତ ଭାବେ ଆୟୋଜନ କରାଯାଉଥିବା ବେଳେ ନିଜ ନିଜ ପୁଲ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି କିଟ୍ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ। ରବିବାର ରେଭେନ୍ସା ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚକୁ ୨ ଉଇକେଟରେ ଜିତି ନେଇଥିଲା କିଟ୍। ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୪୧ ରନ୍ କରିଥିଲା। କିଟ୍ ପକ୍ଷରୁ ପାର୍ଥ ସାରଥୀ ନାୟକ ୪ ଉଇକେଟ ନେଇଥିଲେ। ଜବାବରେ ଏମ୍ ପ୍ରଶାନ୍ତଙ୍କ ୪୪ ରନ୍ ବଳରେ ଗୋଟିଏ ବଲ୍ ବାକି ଥାଇ ୮ ଉଇକେଟ ହରାଇ ବିଜୟୀ ହୋଇଥିଲା କିଟ୍।

# ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି



ଅତିଥିଙ୍କ ସହ ଚାମ୍ପିୟନ ଦଳ।

## ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୧୮।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡୟମରେ ଅନୁଷ୍ଠିତ ମହାଲେଖାକାର ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗକୁ ୯-୩ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଚି ଓଡ଼ିଶା। ଡିଫେଣ୍ଡିଂ ଚାମ୍ପିୟନ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓଡ଼ିଶା। ଦଳ ପକ୍ଷରୁ ଅଧିନାୟକ ଅମଲ ପାଲ(୯,୧୮), ଥିଓଫିଲ କୁଜୁର(୧୩, ୨୯, ୩୯, ୪୪ ଓ ୬୦), ମନୀଷ ଶର୍ମା(୪୯) ଓ ଟିକେଇ କୁଜୁର(୪୭) ମିନିଟରେ ସ୍କୋର କରିଥିଲେ। ପଶ୍ଚିମବଙ୍ଗ ପକ୍ଷରୁ ଜର୍ନେଲ ସିଂହ ବାଥ ଦୁଇଟି ଓ ସୁରିନ୍ଦର ସିଂ ଗୋଟିଏ ଗୋଲ ଦେଇଥିଲେ। ଓଡ଼ିଶା ଦଳର ପରିଚାଳକ ତାପସ ଦାସ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଦଳକୁ ମାର୍ଗଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତୀର୍କୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ମହାଲେଖାକାର ରାଜ କୁମାର,ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ସମ୍ମାନୀୟ ଅତିଥି ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ଅଧ୍ୟକ୍ଷ ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ରାଜ ଅଶୋକ, ଉପ ମହାଲେଖାକାର ତାନ୍ୟା ଅମ୍ବାସ୍ତା, ସଚିନ କ୍ରିଷ୍ଣା କୌଶିକ, ଶୁଭମ ବୈଦ୍ୟ, ସଞ୍ଜୟ କୁମାର, ବିକାଶ କୁମାର,କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା,ଏଜି ରିକ୍ରେସନ କ୍ଲବ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟକୁ ରାଜେଶ ସିଂହ, ସରୋଜ ବାରିକ, ଚିନ୍ମୟ ହୋତା, ସୌଭାଗ୍ୟ ମହାନ୍ତି, ପ୍ରଣବ ପଟ୍ଟନାୟକ ଓ ଚନ୍ଦ୍ରକାନ୍ତ ରଣା ପରିଚାଳନା କରିଥିଲେ ।

## ହଙ୍ଗେରୀକୁ ହରାଇଲା ଭାରତ

ବୁସାନ୍, ୧୮।୨ (ପି.ଟି.)

ମନିକା ବାତ୍ରାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତୀୟ ମହିଳା ଦଳ ଏଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ରବିବାର ଭାରତ ୩-୨ରେ ହଙ୍ଗେରୀକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଦଳର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ଏହାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ପୋଲାଣ୍ଡଠାରୁ ୧-୩ରେ ହାରିଯାଇଛି। ଚାଇନା ବିପକ୍ଷରେ ତାଙ୍କର ଉଭୟ ସିଙ୍ଗଲ୍ସ ମ୍ୟାଚ ହାରିଥିବା ମନିକା ହଙ୍ଗେରୀ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତର ଏହି ୩୬ବର୍ଷୀୟା ଶୀର୍ଷ ର୍ୟାଙ୍କିଂପ୍ରାପ୍ତ ଖେଳାଳି ପ୍ରଥମ ସିଙ୍ଗଲ୍ସରେ ଡୋରା ମାଡାରାସଙ୍କୁ ୮-୧୧, ୧୧-୫, ୧୨-୧୦, ୮-୧୧, ୧୧-୪ରେ ହରାଇ ଦେଇଥିଲେ। ପରେ ଦ୍ୱିତୀୟ ସିଙ୍ଗଲ୍ସରେ ଜର୍ଜିନା ପୋଟା ୧୧-୩, ୧୧-୭, ୯-୧୧, ୯-୧୧, ୧୧-୮ରେ ଶ୍ରୀଜା ଆକୁଲାଙ୍କ ବିପକ୍ଷରେ ବିଜୟ ହାସଲ କରି ମୁକାବିଲାକୁ ବରାବର ସ୍ଥିତିକୁ ଆଣିଥିଲେ। ଶୁକ୍ରବାର ବିଶ୍ୱର ନମ୍ବର ୱାନ ସନ୍ ୟିଙ୍ଗସାଙ୍କ ବିପକ୍ଷରେ ବିଜୟ ହାସଲ କରିଥିବା ଆହିକା ମୁଖାର୍ଜୀ ୭-୧୧, ୧୧-୬, ୧୧-୭, ୧୧-୮ରେ ବର୍ନାଡେଟ୍ ବାଲିଣ୍ଟଙ୍କୁ ପରାସ୍ତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ମାଡାରାସ ଚତୁର୍ଥ ସିଙ୍ଗଲ୍ସରେ ଶ୍ରୀଜାଙ୍କୁ ୧୧-୪, ୧୧-୬, ୫-୧୧, ୧୧-୭ରେ ପରାସ୍ତ କରିବା ଦ୍ୱାରା ମୁକାବିଲା ନିର୍ଣ୍ଣାୟକ ମ୍ୟାଚକୁ ଚାଲିଯାଇଥିଲା।

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

## ରଣଜୀ ଟ୍ରଫି

### ଯଶ୍ ଧୁଲ୍, ଜଣ୍ଟି ସିଦ୍ଧୁଙ୍କ ଶତକ

ଭୁବନେଶ୍ୱର,୧୮।୨
(ସରୋଜ ଜେନା)

ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହେବାର ସୁଯୋଗ ହାତଛଡା କରିଛି ଓଡ଼ିଶା। ପ୍ରଥମ ଇନିଂସରେ ଓଡ଼ିଶା ୪୪୨ ରନ୍ ସ୍କୋର କରିଥିବା ବେଳେ ଦିଲ୍ଲୀ ୪୫୧ ରନ୍‌ରେ ଅଲଆଉଟ ହୋଇ ୯ ରନ୍‌ରେ ଆଗୁଆ ରହିଛି। ଗୋଟିଏ ଦିନର ଖେଳ ବାକି ଥିବା ବେଳେ ଅନ୍ୟୂନ ୩ ପଏଣ୍ଟ ନିଶ୍ଚିତ କରିଛି ଦିଲ୍ଲୀ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୮୭/୨ରୁ ଖେଳ ଆରମ୍ଭ କରିଥିଲା ଦିଲ୍ଲୀ। ପୂର୍ବ ଦିନର ଅପରାଜିତ ବ୍ୟାଟର ଯଶ ଧୂଲ ଶତକ ହାସଲ କରିଥିଲେ। ୧୬୭ ବଲ୍ ଖେଳି ଧୂଲ ୧୪ ଚୌକା ଓ ୧ ଛକା ସହ ୧୧୨ ରନ୍ କରି ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୬୬ ରନ୍‌ରେ ଧୂଲ ପଞ୍ଚମ ଖେଳାଳି ଭାବରେ ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶା ନିକଟରେ ଆଗୁଆ ହେବାର ସୁଯୋଗ ରହିଥିଲେ ମଧ୍ୟ ବୋଲରମାନେ ନିରାଶ କରିଥିଲେ। ଜଣ୍ଟି ସିଦ୍ଧୁଙ୍କ ଲଢୁଆ ଶତକ ଓ ନିମ୍ନକ୍ରମ ବ୍ୟାଟର ଖିତିଜ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ୯ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା ଦିଲ୍ଲୀ। ଉଭୟ ଷଷ୍ଠ ଉଇକେଟରେ ୧୪୭ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୪୧୩ରେ ଜାମଳ ମହାପାତ୍ର ଏହି ଯୋଡି ଭାଙ୍ଗିବା ପରେ ଦିଲ୍ଲୀ ୪୫୧ରେ ସମସ୍ତ ଉଇକେଟ ହରାଇଥିଲା। ଜଣ୍ଟି ସିଦ୍ଧୁ ୨୧୮ ବଲ୍ ଖେଳି ୯ ଚୌକା ଓ ୧ ଛକା ସହ ୧୦୫ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଖିତିଜ ଶର୍ମା ୧୩୦ ବଲ୍ ଖେଳି ୭ ଚୌକା ସହ ୬୪ ରନ୍ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ଜାମଳ ମହାପାତ୍ର ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର ଓ ସୁନୀଲ ରାଉଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ ୪୪୨/୧୦।

ଦିଲ୍ଲୀ ପ୍ରଥମ ଇନିଂସ ୪୫୧/୧୦( ଯଶ ଧୂଲ-୧୧୨, ଜଣ୍ଟି ସିଦ୍ଧୁ-୧୦୫*, ଖିତିଜ ଶର୍ମା-୬୪, ଜାମଳ ମହାପାତ୍ର-୩/୬୩, ବିପ୍ଳବ ସାମନ୍ତରାୟ-୨/୩୪, ଗୋବିନ୍ଦ ପୋଦ୍ଦାର-୨/୬୬, ସୁନୀଲ ରାଉଳ-୨/୧୧୬)।

# ଜଗା ୟୁନାଇଟେଡ ଭୁବନେଶ୍ୱର ଚାମ୍ପିୟନ

## ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

ସୋନପୁର,୧୮।୨
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆୟୋଜକ ସୁବର୍ଣ୍ଣପୁର ରାମଧୂନ କ୍ଲବ ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ମ୍ୟାଚ୍ ଡ୍ର ହେବାରୁ ଟାଇବ୍ରେକର ସହାୟତା ନିଆ ଯାଇଥିଲା। ପେନାଲଟି ସୁଟ୍‌ରେ ଜଗା ୟୁନାଇଟେଡ ଭୁବନେଶ୍ୱର ୪-୨ଗୋଲରେ ସୁବର୍ଣ୍ଣପୁର ରାମଧୂନ କ୍ଲବକୁ ପରାସ୍ତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଦଳର ମୋହନ ମାଝିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୟଜନ ମୁଣ୍ଡା, ଅଭୟ ମୁଣ୍ଡା, ପପନ ବେହେରା, ବଣ୍ଟି ମୁଣ୍ଡା ଓ ଫଗୁ ବିଷୋଇ ପୁରସ୍କୃତ ହୋଇଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ସରୋଜ କର୍ମ, ଜିଲା କ୍ରୀଡା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରଫେସର ନୀଳାମ୍ବର ଶତପଥୀ, ଜିଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ ଯୋଗ ଦେଇଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଧୋନୀ ଅଧିନାୟକ ମନୋନୀତ

## ଆଇପିଏଲ ଅଲ୍ ଟାଇମ୍ ଗ୍ରେଟେଷ୍ଟ ଟିମ୍

ନୂଆଦିଲ୍ଲୀ, ୧୮।୨ (ପି.ଟି.)

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସଫଳତା ପୂର୍ତ୍ତି ପାଳନ ଅବସରରେ ରବିବାର ଏହାର ଅଲ୍‌ଟାଇମ ଗ୍ରେଟେଷ୍ଟ ଟିମ୍ ଘୋଷଣା କରାଯାଇଛି। ଆଇକନିକ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏଥିପାଇଁ ପୂର୍ବତନ କ୍ରିକେଟର ୱାସିମ ଆକ୍ରମ, ମାଥ୍ୟୁ ହେଡେନ, ଟମ୍ ମୁଡି ଓ ଡେଲ୍ ଷ୍ଟେଇନଙ୍କୁ ନେଇ ଏକ ସିଲେକ୍ସନ ପ୍ୟାନେଲ ଗଠନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ପ୍ରାୟ ୭୦ ଜର୍ନାଲିଷ୍ଟ ଭାଗ ନେଇଥିଲେ। ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଡେଭିଡ୍ ୱାର୍ନର ଏବଂ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଦଳର ଓପନର ଭାବେ ମନୋନୀତ କରାଯାଇଛି। 'ୟୁନିଭର୍ସ ବସ୍' ବୋଲି କୁହାଯାଉଥିବା କ୍ରିସ୍ ଗେଲ୍‌ଙ୍କୁ ବ୍ୟାଟିଂ ଅର୍ଡରରେ ତୃତୀୟ ସ୍ଥାନ ମିଳିଛି। ମିଡଲ ଅର୍ଡରରେ ସୁରେଶ ରାଇନା, ଏବି ଡି'ଭିଲର୍ସ, ସୂର୍ଯ୍ୟକୁମାର ଯାଦବ ଓ ଧୋନୀଙ୍କୁ ସ୍ଥାନ ମିଳିଛି। ୧୫ଜଣିଆ ଦଳରେ ୩ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା ଓ କିରନ ପୋଲାର୍ଡଙ୍କୁ ନିଆଯାଇଛି। ସ୍ପିନ ଆଟାକ୍‌ରେ ରଶିଦ ଖାଁ, ସୁନିଲ ନାରିନ ଓ ୟୁଜବେନ୍ଦ୍ର ଚହଲଙ୍କୁ ରଖାଯାଇଥିବା ବେଳେ ଲସିଥ ମାଲିଙ୍ଗା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଫାଷ୍ଟ ବୋଲର ଭାବେ ଦଳରେ ସ୍ଥାନ ମିଳିଛି। ଆଇପିଏଲ ୧୬ ବର୍ଷ ପୂରଣ କରିବାକୁ ଯାଉଛି।

### ଅଲ୍ ଟାଇମ୍ ଗ୍ରେଟ୍ ଆଇପିଏଲ୍ ଦଳ

ଏମ୍‌ଏସ୍ ଧୋନୀ (ଅଧିନାୟକ), ବିରାଟ କୋହଲି, କ୍ରିସ୍ ଗେଲ୍, ଡେଭିଡ ୱାର୍ନର, ସୁରେଶ ରାଇନା, ଏବି ଡି'ଭିଲର୍ସ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ସୁନିଲ ନାରିନ୍, ୟୁଜବେନ୍ଦ୍ର ଚହଲ, ଲସିଥ ମାଲିଙ୍ଗା ଓ ଯଶପ୍ରୀତ ବୁମ୍‌ରା।

# ଅନୁପମାଙ୍କୁ ଜୁ-ଜିଟ୍‌ସୁ ବ୍ଲୁ ବେଲ୍ଟ

ଭୁବନେଶ୍ୱର, ୧୮।୨ (ବିଜୟ ରଣା)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ଓଡ଼ିଶା ଜୁ-ଜିଟ୍‌ସୁ ସଂଘର ପ୍ରଶିକ୍ଷଣ ଶିବିରରେ କୋଚ୍ ଅଶ୍ୱିନ ହୁନ୍ ଷ୍ଟାର ଖେଳାଳି ଅନୁପମା ସ୍ୱାଇଁଙ୍କୁ ବ୍ଲୁ ବେଲ୍ଟ ପ୍ରଦାନ କରିଛନ୍ତି। ଏହି କୃତୀତ୍ୱ ହାସଲ କରିବାରେ ସେ ଓଡ଼ିଶାର ପ୍ରଥମ। ସୂଚନାଯୋଗ୍ୟ, ଅନୁପମା ୧୦ ବର୍ଷ ଧରି ଜୁ-ଜିଟ୍‌ସୁ ଅଭ୍ୟାସ କରି ଆସୁଛନ୍ତି। ଇତିମଧ୍ୟରେ ସେ ୬ ଜାତୀୟ ପ୍ରତିଯୋଗିତାରେ କ୍ରମାଗତ ଚାମ୍ପିୟନ ହୋଇପାରିଛନ୍ତି। ସେ ୩ଟି ଏସୀୟ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହାଛଡ଼ା ସେ ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟର୍ସ ଜୁ-ଜିଟ୍‌ସୁ ପ୍ରତିଯୋଗିତାରେ ବ୍ରୋଞ୍ଜ, ବିଶ୍ୱ ଜୁ-ଜିଟ୍‌ସୁରେ ବ୍ରୋଞ୍ଜ ଓ ଥାଇଲାଣ୍ଡ ଓପନ ଏସୀୟ ର୍ୟାଙ୍କିଂରେ ସ୍ୱର୍ଣ୍ଣ ଲାଭ ସହ ଗତ ଏସିଆନ ଗେମ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ବ୍ଲୁ ବେଲ୍ଟ ହାସଲ କରିଥିବାରୁ ଜୁ-ଜିଟ୍‌ସୁ ସଂଘର କର୍ମକର୍ତ୍ତାଗଣ ଅନୁପମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଶ୍ରୀକାନ୍ତ ଶେଖର, ଅନୁପମା ସ୍ୱାଇଁ, ହରିପ୍ରସାଦ ପଟ୍ଟନାୟକ ଓ ଅଶ୍ୱିନ ହୁନ୍।

# ଶରୀରର ଶୋଧନ ପ୍ରକ୍ରିୟା: ପଞ୍ଚକର୍ମ ଚିକିତ୍ସା



ଡା. ଆଶିଷ ବାନାର୍ଜୀ

"ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା 'ସ୍ନେହନ'। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିତ ପଦାର୍ଥକୁ ତରଳାଇ ପାଣି କରି ଲୋମ କୂପ ମାଧମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି / ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।"



ଆମ ଶରୀରରେ ଥିବା ଦୂଷିତ ପଦାର୍ଥଗୁଡ଼ିକ ରୋଗ ସୃଷ୍ଟି କରେ। ଯେପରି ପାଣି ଯାଉଥିବା ପାଇପରେ ମଇଳା ଜମା ହୋଇଗଲେ ଭଲ ଭାବରେ ପାଣି ଯାଇପାରେ ନାହିଁ ଆଉ ତାହାକୁ ସଫା କରିବାକୁ ପଡ଼ିଥାଏ। ତା'ପରେ ଭଲ ଭାବରେ ପାଣି ଯାଇଥାଏ। ଠିକ୍ ସେହିପରି ଆମର ରସ, ରକ୍ତ, ଧାତୁ ବିଭିନ୍ନ ସ୍ରୋତରେ ଯାଇ କୋଷଗୁଡ଼ିକୁ ପୋଷକ ତତ୍ତ୍ୱ ପହଞ୍ଚାଇ ପାରେନାହିଁ। ଫଳରେ ଦୂଷିତ ପଦାର୍ଥ ଜମି ରହି ସେଠାରେ ବିଷ କ୍ରିୟା ସୃଷ୍ଟି କରେ। ଆଉ ତାହା ଦ୍ୱାରା ରୋଗ ସୃଷ୍ଟି ହୋଇଥାଏ। ଯଦି ଏହାକୁ ଠିକ୍ ଭାବରେ ପରିଷ୍କାର କରା ନ ଯାଏ, ତେବେ ଯେତେ ଔଷଧ ଖାଇଲେ ମଧ୍ୟ ରୋଗ ଠିକ୍ ଭାବରେ ଭଲ ହୋଇ ନ ଥାଏ। ପରବର୍ତ୍ତୀ ସମୟରେ ସଂପୃକ୍ତ ରୋଗ ଜଟିଳ ଆକାର ଧାରଣ କରେ। ଏଥିପାଇଁ ଉକ୍ତ ରୋଗ ଭୋଗୁଥିବା ବ୍ୟକ୍ତି ଯନ୍ତ୍ରଣା ଅନୁଭବ କରେ ଏପରି କି ତାହା ଜୀବନ ନାଶକ ମଧ୍ୟ ହୋଇପାରେ। ତେଣୁ ଏହି ଅବସ୍ଥାରେ ବଳ ବୟସକୁ ବିବେଚନା କରି ସମ୍ପୂର୍ଣ୍ଣ ଶରୀରକୁ ଶୋଧନ କରାଇବା ଦରକାର। ଆଉ ଏଥିପାଇଁ 'ପଞ୍ଚକର୍ମ ଚିକିତ୍ସା'ର ଆବଶ୍ୟକତା ରହିଛି। ଏହାଦ୍ୱାରା ଶରୀରକୁ ଶୋଧନ କରି ରୋଗ ପାଇଁ ଔଷଧ ଖାଇଲେ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିଥାଏ।

ତେବେ ଆପଣମାନଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠିବଣି ଯେ, ଏହି ପଞ୍ଚକର୍ମ କ'ଣ? ସେଗୁଡ଼ିକ ହେଲା– ୧. ବମନ (ବାନ୍ତି), ୨. ବିରେଚନ (ଝାଡ଼ା), ୩. ବସ୍ତି (ମଳ ଦ୍ୱାରା ଦେଇ ଔଷଧ ପ୍ରୟୋଗ), ୪. ନସ୍ୟ (ନାକରେ ଔଷଧ ପ୍ରୟୋଗ) ଏବଂ ୫. ରକ୍ତ ମୋକ୍ଷଣ (ଦୂଷିତ ଜମି ଯାଇଥିବା ରକ୍ତକୁ ବାହାର କରିବା)।

ଏହି ପଞ୍ଚକର୍ମ ଚିକିତ୍ସା କରିବା ପୂର୍ବରୁ ରୋଗୀକୁ ଏଥିନିମନ୍ତେ ପ୍ରସ୍ତୁତ କରାଯାଏ। ଏଥିପାଇଁ ଦୁଇଟି ଉପାୟ ଅବଲମ୍ବନ କରାଯାଏ। ପ୍ରଥମଟି ହେଲା ସ୍ନେହନ। ଏହି ଉପାୟରେ ରୋଗୀର ସମଗ୍ର ଶରୀରକୁ ଔଷଧଯୁକ୍ତ ତେଲ ଦ୍ୱାରା ମାଲିସ କରି ଦୂଷିତ ପଦାର୍ଥକୁ ଏକତ୍ର କରାଯାଏ। ଦ୍ୱିତୀୟ ଉପାୟଟି ହେଉଛି 'ସ୍ୱେଦନ'। ଏଥିରେ ଉଷ୍ମ ଭାଗ ଦେଇ ଜମି ରହିଥିବା ଦୂଷିକ ପଦାର୍ଥକୁ ତରଳାଇ ପାଣି କରି ଲୋମକୂପ ମାଧମରେ ବାହାରକୁ ବାହାର କରାଯାଏ। ଏହି ଦୁଇଟି ଉପାୟ ଅବଲମ୍ବନ କରିବା ପରେ ରୋଗୀର ଜଠରାଗ୍ନି ବୃଦ୍ଧି/ହଜମ ଶକ୍ତି ବଢ଼ାଇବା ପାଇଁ ଔଷଧ ଖାଇବାକୁ ଦିଆଯାଇଥାଏ।

**ବମନ :** ଏହି ପଦ୍ଧତିରେ ବାମନକାରକ ଔଷଧ ପ୍ରୟୋଗ କରି ବାନ୍ତି କରାଯାଇଥାଏ। ଏଥିରେ ଆମାଶୟରେ



ଜମି ରହିଥିବା ଦୂଷିତ ପଦାର୍ଥକୁ ବଳପୂର୍ବକ ବାହାର କରାଯାଏ। ଏହା ମୁଖ୍ୟତଃ କଫଜ ରୋଗ–ଶ୍ୱାସ, କାଶ, ଶ୍ୱାସନଳୀ ଅବରୋଧଜନିତ ରୋଗ (ସିଓପିଡି), ରକ୍ତହୀନତା, ମୋଟାପଣ, ପ୍ଲୀହା ବୃଦ୍ଧି, ଟ୍ୟୁମର, ମଧୁମେହ ବା ଡାଇବେଟିସ୍ ଇତ୍ୟାଦିରେ ପ୍ରୟୋଗ କରାଯାଇଥାଏ। ମାତ୍ର ଗର୍ଭବତୀ, କୋମଳ ପ୍ରବୃତ୍ତି ଓ ଦୁର୍ବଳ ରୋଗୀ ପାଇଁ ନିଷେଧ।

**ବିରେଚନ :** ଏହି ପ୍ରକ୍ରିୟାରେ ଔଷଧ ଦ୍ୱାରା ଶରୀର ଅନ୍ତଳନୀରୁ ଦୂଷିତ ପଦାର୍ଥକୁ ମଳଦ୍ୱାର ଦେଇ ବାହାରକୁ ବାହାର କରାଯାଏ। ଏହା ପୈତ୍ତିକ ରୋଗ ଯଥା– ମୁଣ୍ଡବ୍ୟଥା, ଲିଭର ସମସ୍ୟା, ଅର୍ଶ, ଟ୍ୟୁମର, ରକ୍ତପିତ୍ତ, ରକ୍ତସ୍ରାବ ଇତ୍ୟାଦି ରୋଗ ପାଇଁ ପ୍ରୟୋଗ କରାଯାଏ। ଏଥିରେ ଆମାଶୟ, ଫୁସ୍‌ଫୁସ୍ ଏବଂ ହୃତ୍‌ପିଣ୍ଡ ବା ହାର୍ଟରୁ ମଧ୍ୟ ଦୂଷିତ ପଦାର୍ଥ ବାହାରି ଯାଇଥାଏ।

**ବସ୍ତି :** ଏଥିରେ ଔଷଧ ଦ୍ରବ୍ୟ କ୍ୱାଥ୍ ବା ତୈଳ ଭାବେ ମଳ ଓ ମୂତ୍ର ଦ୍ୱାରରେ ଏନିମା ଦିଆଯାଇ ଶରୀର ମଧ୍ୟକୁ ପ୍ରବେଶ କରାଯାଏ। ଏହା ବାତରୋଗ– ଯଥା ସ୍ନାୟୁଜନିତ ରୋଗ, ସ୍ତ୍ରୀ–ପ୍ରସୂତି ରୋଗ, ଗଣ୍ଠିଜନିତ ସମସ୍ୟା, ବୀର୍ଯ୍ୟ ଦୂଷିତ ହେବା, କମ୍ ହେବା, ଚର୍ମ ରୋଗ, ମସ୍ତିଷ୍କ ବିକାରରେ ପ୍ରୟୋଗ ହୋଇଥାଏ।

**ନସ୍ୟ :** ଏଥିରେ ଔଷଧକୁ ନାକ ଦେଇ ପ୍ରୟୋଗ କରାଯାଏ। ଏହାଦ୍ୱାରା ନାଶା, ଗଳା, କର୍ଣ୍ଣ, ମସ୍ତିଷ୍କ ରୋଗର କାରଣ ସାଜିଥିବା ଦୂଷିତ ପଦାର୍ଥକୁ ବାହାର କରାଯାଏ। ଫଳରେ ଉର୍ଦ୍ଧ୍ୱଯତ୍ରୁ ରୋଗ, ଦନ୍ତ ରୋଗ, ସାଇନୋସାଇଟିସ୍ ଇତ୍ୟାଦି ରୋଗ ଭଲ ହୋଇଥାଏ।

**ରକ୍ତ ମୋକ୍ଷଣ :** ଶରୀରରେ ଜମି ରହିଥିବା ଦୂଷିତ ରକ୍ତକୁ ସିଧାସଳଖ ବାହାର କରିବା ପାଇଁ ଜୋକ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ। ଏହାକୁ ଲିଚ୍ ଥେରାପି ବୋଲି କୁହାଯାଏ। ଏହା ଧମନୀରେ ଅବରୋଧ, ଚର୍ମରୋଗ, ଭେରିକସ୍ ଇତ୍ୟାଦିରେ ଉପଯୋଗ ହୋଇଥାଏ।

ଏହାଦ୍ୱାରା ପୁରାତନ ରୋଗ, ତ୍ରୁଟି ପୂର୍ଣ୍ଣ ଜୀବନଶୈଳୀଜନିତ ରୋଗ, ରକ୍ତଚାପ ବା ବ୍ଲଡପ୍ରେସର, ମଧୁମେହ, ହୃଦ୍‌ରୋଗ, ପୃଥୁଳକାୟ ବ୍ୟକ୍ତି, ଗୃଧସୀ (ସାଇଟିକା), ଆଣ୍ଠୁଗଣ୍ଠି ବାତ, ପକ୍ଷାଘାତ ବା ପାରାଲିସିସ୍, ଚକ୍ଷୁରୋଗ, ଅମ୍ଳ ବା ଏସିଡିଟି, ଯକୃତ ରୋଗ ଇତ୍ୟାଦି ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇପାରେ। ତତ୍ ସଙ୍ଗେ ସଙ୍ଗେ ନୀରୋଗ, ଦୀର୍ଘାୟୁ ଜୀବନ ପ୍ରଦାନ କରେ।

ତେଣୁ ରୋଗୀକୁ ଔଷଧ ପ୍ରୟୋଗ କରିବା ପୂର୍ବରୁ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ଆବଶ୍ୟକ। ଦୁର୍ବଳ ଏବଂ ଶଯ୍ୟାଶାୟୀ ରୋଗୀକୁ ରୋଗ ଉପଶମ ଓ ବଳବର୍ଦ୍ଧକ ଔଷଧ ଦେଇ ଟିକିଏ ସୁସ୍ଥ କରିବା ପରେ ଏହି ପ୍ରକ୍ରିୟା ପ୍ରୟୋଗ କରିବା ଉଚିତ। ଏହାଦ୍ୱାରା ଔଷଧ ଶରୀରରେ ଶୀଘ୍ର ଅବଶୋଷିତ ହୋଇଥାଏ ଏବଂ ରୋଗରୁ ଆରୋଗ୍ୟ ଲାଭ କରାଇବାରେ ଠିକ୍ ଭାବରେ ସହାୟକ ହୋଇଥାଏ। ତେଣୁ ଏଭଳି ଚିକିତ୍ସାକୁ ଆହୁରି ପ୍ରୋତ୍ସାହନ ଦିଆଗଲେ ତାହା ବହୁ ଅସାଧ ରୋଗରୁ ଆରୋଗ୍ୟ ଦେଇପାରିବ।

–ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

# ସଙ୍କଟ ମୋଚକ ରୋବୋ



ଆଜିକାଲି ରୋବୋର ବ୍ୟବହାର ଅନେକ କ୍ଷେତ୍ରରେ ବେଶ୍ ସଫଳତାର ସହ କରାଯାଉଛି। ବିଶେଷଭାବରେ ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କ ପାଇଁ ଏହା ସଙ୍କଟ ମୋଚନ ଭାବରେ କାମ କରିବ। ଏଭଳି ଏକ ହାଇଟେକ୍ ରୋବୋକୁ ନିକଟରେ ଜାପାନର ବିଶେଜ୍ଞମାନେ ପ୍ରସ୍ତୁତ କରିଛନ୍ତି। ଅଧିକାଂଶ ସମୟ ଉଦାସ ରହିବା, ଟେନ୍‌ସନର ସାମ୍ନା କରିବା ଏପରିକି କୌଣସି କାମକୁ କିପରି ତୁଲାଇବେ ତାହାର ବାଟ ନ ପାଇବା ଆଦି ସମସ୍ୟାର ସମାଧାନ ଏହି ନୂଆ ରୋବୋ କରିପାରିବ। ଏହା ସାମ୍ନାରେ ବସି ନିଜ ସମସ୍ୟା ସମ୍ପର୍କରେ ସୂଚନା ଦେଲେ ସେ ସେଗୁଡିକୁ ତନ୍ନ ତନ୍ନ କରି ତର୍ଜମା କରିବ। ତା'ପରେ ଏହାର ସମାଧାନ ଉପାୟ ମଧ୍ୟ ଜଣାଇ ଦେବ। ଏହା ସହ ଆପଣ ଗେମ୍ ମଧ୍ୟ ଖେଳିପାରିବେ। କେବଳ ସେତିକି ନୁହେଁ, ମନପସନ୍ଦର ସଙ୍ଗୀତ ମଧ୍ୟ ଶୁଣିପାରିବେ। ତେବେ ଏଭଳି ରୋବୋ ବଜାରକୁ ଆସିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଭିଟାମିନ୍-ଡି ଅଭାବ ଯୋଗୁ ହୋଇପାରେ ହୃଦ୍‌ଘାତ

ଆମ ଶରୀର ପାଇଁ ଭିଟାମିନ୍ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ଆମକୁ ସବୁବେଳେ ସୁଷମ ଖାଦ୍ୟ ଖାଇବାକୁ ପଡ଼ିଥାଏ। ଯଦି ଖାଦ୍ୟପେୟରେ ଅସନ୍ତୁଳନ ପରିଲକ୍ଷିତ ହେଲା, ତେବେ ତାହାର ପ୍ରଭାବ ଶରୀରରେ ଥିବା ଭିଟାମିନ୍ ସ୍ତର ଉପରେ ପଡ଼ିଥାଏ। ଯଦି ଜଣେ ବ୍ୟକ୍ତିଙ୍କର ଶରୀରରୁ ଭିଟାମିନ୍ 'ଡି' କମିଯାଏ ତେବେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷଭାବରେ ଏହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେବେ ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି। ତାହା ହେଲା ହୃଦ୍‌ଜନିତ ସମସ୍ୟା। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଏ କଥା ଜାଣିପାରିଛନ୍ତି। ହୃଦ୍‌ଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସେମାନେ ଏକଥା ଜାଣିପାରିଥିଲେ। ଅର୍ଥାତ୍ ଏହି ସମୟରେ କେତେକ ହୃଦ୍‌ରୋଗୀଙ୍କ ଶରୀରରେ ଭିଟାମିନ୍ 'ଡି'ର ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଥିଲା। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହି ଭିଟାମିନ୍‌ର ଅଭାବ ହେଲେ ତାହାର ପ୍ରଭାବ ବେଳେବେଳେ ଜିନ୍ ଉପରେ ମଧ୍ୟ ପଡ଼ିଥାଏ। ଏପରିକି ଏଥିଯୋଗୁ ବ୍ଲଡପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଶରୀରରେ ରକ୍ତ ପ୍ରବାହ ଏପଟ ସେପଟ ହେଲେ ତାହା ଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍–ଡି ଯୁକ୍ତ ଖାଦ୍ୟ ଯଥା–କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦି ଖାଇବା ନିହାତି ଆବଶ୍ୟକ। ହୃଦ୍‌ଘାତର ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ସନ୍ତୁଳିତ ଖାଦ୍ୟ ଖାଉଥିଲେ...

ଆମେ ସୁସ୍ଥ ରହିବା ପଛରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଖାଦ୍ୟ ଆମକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ଆହୁରି ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ଖାଦ୍ୟ ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆମ ଶରୀରରେ କ୍ୟାଲୋରି ପରିମାଣକୁ ସନ୍ତୁଳିତ ରହିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ରକ୍ତଦାନ ଦ୍ୱାରା ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏହି ଗବେଷଣାରୁ ଏସବୁ କଥା ଜଣାପଡ଼ିଛି। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ।



## ଜାଣି ରଖନ୍ତୁ...

ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ ହୋଇ କ୍ୟାନ୍ସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯେତେବେଳେ ଶରୀରରେ ଭିଟାମିନ୍–ବି ଯୁକ୍ତ ଉପାଦାନ (ବି–୧, ବି–୨,ବି–୩ ଏବଂ ବି–୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜେ।। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ସ୍ୱଭାବକୁ ପ୍ରଭାବିତ କରେ ସୋସିଆଲ ମିଡିଆ

ଆଜିକାଲି ସୋସିଆଲ ମିଡିଆର ଚାହିଦା କେତେ ତାହା କହିବା ଅନାବଶ୍ୟକ। ତେବେ ଏହା ସହ ଆବଶ୍ୟକତାଠାରୁ ଅଧିକ ସମୟ ଯୋଡି ହୋଇ ରହିବା କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ। ବିଶେଷଭାବରେ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିବାର ଅନେକ ସମ୍ଭାବନା ରହିଛି। କେତେକଙ୍କର ବ୍ୟବହାର ରୁକ୍ଷ ହେବାର ମଧ୍ୟ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସବୁବେଳେ ସୋସିଆଲ ମିଡିଆ ସହ ଜଡିତ ରହିଲେ ତାହାର ପ୍ରଭାବ ମାନସିକତା ଉପରେ ପଡିଥାଏ। ସେମାନେ ଅନ୍ୟ କଥାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାନ୍ତି। ତେଣୁ ଏହାକୁ ସୀମିତ ସମୟ ପାଇଁ ବ୍ୟବହାର କରିବା ସହ ତାହାର ଯେପରି କୌଣସି ଖରାପ ପ୍ରଭାବ ମାନସିକତା ଉପରେ ନ ପଡେ ସେ ନେଇ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ମେଦ ବୃଦ୍ଧି କମାଇବାର ସହଜ ଉପାୟ

ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ ମେଦ ବୃଦ୍ଧି ପାଇଁ ପ୍ରାୟତଃ ଦାୟୀ। ତେବେ ଏହାକୁ କେତେକାଂଶରେ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାଙ୍କର ଓଜନ ବଢ଼ିବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ୟୁନିଭର୍ସିଟି ଅଫ ସିଓଲର ପୁଷ୍ଟିବିଜ୍ଞାନୀମାନେ ମତ ପ୍ରକାଶ କରିଛନ୍ତି। କଲରାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ପ୍ରତିଦିନ କଲରା ଖାଇବା ଆଖି ପାଇଁ ବେଶ୍ ଲାଭଦାୟକ। କେବଳ ଡାଇବେଟିସ ନୁହେଁ ହୃଦ୍‌ଜନିତ ସମସ୍ୟା ପାଇଁ ଏହା ମଧ୍ୟ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ କମ୍ପ୍ୟୁଟର ସାମ୍ନାରେ ଅଧିକ ସମୟ ବସି କାମ କରୁଛନ୍ତି ତେବେ ନିଜର ଦୃଷ୍ଟିଶକ୍ତି ପ୍ରତି ନଜର ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଉଠି ମୁହଁକୁ ଭଲ ଭାବରେ ଧୁଅନ୍ତୁ। ଏକଲୟରେ କମ୍ପ୍ୟୁଟରକୁ ଚାହିଁ ରହନ୍ତୁ ନାହିଁ।

➤ବୟସ ବଢ଼ିବା ସହ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ବୟସ ୫୦ ଟପିଲେ ପ୍ରଥମେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ତେଲ–ମସଲାଯୁକ୍ତ ଖାଦ୍ୟ କମ୍ ଖାଆନ୍ତୁ। ପ୍ରତିଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ।

➤ନିଜ ଡାଏରୀରେ ନିକଟସ୍ଥ ହସପିଟାଲ, ଅଭିଜ୍ଞ ଡାକ୍ତର ଫୋନ୍ ନମ୍ବର ସଂଗ୍ରହ କରି ଟିପି ରଖନ୍ତୁ। ଏପରି କି କେତେକ ଡାକ୍ତରଙ୍କ ସହ ଏଭଳି ସମ୍ପର୍କ ରଖନ୍ତୁ, ଯାହାଦ୍ୱାରା ହଠାତ୍ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବେଳେ ତାଙ୍କର ପରାମର୍ଶ ନେଇପାରିବେ।

➤କୌଣସି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଲେ ସେ ବିଷୟରେ କେବଳ ଡାକ୍ତରଙ୍କ ସହ ହିଁ ପରାମର୍ଶ କରନ୍ତୁ। କାରଣ କେତେକ ବ୍ୟକ୍ତିଙ୍କର ଏ ବିଷୟରେ ଅଭିଜ୍ଞତା ନ ଥାଇ ସେମାନେ ଭୁଲ ପରାମର୍ଶ ଦେଇଥାଆନ୍ତି।

➤ବ୍ୟାୟାମ ଶେଷ ହେବା ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। କିଛି ସମୟ ପରେ ପାଣି ପିଅନ୍ତୁ।

➤ଘରେ ଫାଷ୍ଟ–ଏଡ୍ ବକ୍ସଟିଏ ରଖନ୍ତୁ। କାରଣ ଛୋଟମୋଟ ଦୁର୍ଘଟଣା ସମୟରେ ଏହା କାମରେ ଆସିଥାଏ।



# ଶୁଟ ଆଉଟରେ ଜିତିଲା ଭାରତ

ରାଉରକେଲା,୧୮।୨(ଦିନେଶ ମିଶ୍ର)

ମହିଳା ହକି ପ୍ରୋ ଲିଗ୍ ରାଉରକେଲା ଚରଣର ଅନ୍ତିମ ମ୍ୟାଚ୍‌କୁ ପେନାଲ୍ଟି ଶୁଟଆଉଟରେ ଆମେରିକା ବିପକ୍ଷ ମ୍ୟାଚକୁ ଜିତି ନେଇଛି ଭାରତ। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ଡ୍ର ରହ ଫଳରେ ଶୁଟଆଉଟର ସାହାରା ନିଆଯାଇଥିଲା। ଅଧିନାୟିକା ତଥା ଗୋଲକିପର ସବିତା ପୁନିଆଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଶୁଟ୍‌ଆଉଟକୁ ୨-୧ରେ ଜିତି ନେଇଥିଲା। ନିର୍ଦ୍ଧାରିତ ସମୟରେ ଭାରତ

## ମହିଳା ପ୍ରୋ ଲିଗ୍ ହକି

ପକ୍ଷରୁ ଦୀପିକା(୧୯ ମିନିଟ) ଓ ଆମେରିକା ପକ୍ଷରୁ ସେସା ଆସଲେ(୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁଟଆଉଟରେ ଭାରତ ପକ୍ଷରୁ ମୁମତାଜ ଖାନ ଓ ସୋନିକା ସ୍କୋର କରିଥିବା ବେଳେ ଆମେରିକା ପକ୍ଷରୁ ସେସା ଆସ୍‌ଲେ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସପ୍ତମ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନ ବଜାୟ ରଖିଛି।


ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

## ଜାନସେନ୍‌ଙ୍କ ହ୍ୟାଟ୍ରିକ୍‌ରେ ନେଦରଲାଣ୍ଡ୍ସ ବିଜୟୀ

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ମହିଳା ହକି ପ୍ରୋ ଲିଗ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୧ରେ ପରାସ୍ତ କରିଛି ନେଦରଲାଣ୍ଡ୍ସ। ୟିବି ଜାନ୍‌ସେନ(୨, ୧୩ ଓ ୧୪) ମିନିଟରେ ୩ଟି ଯାକ ଗୋଲ ସ୍କୋର କରିବା ସହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଦ୍ୱିତୀୟ ମିନିଟରେ ୟିବି ପେନାଲ୍ଟି ଷ୍ଟ୍ରୋକରୁ ସ୍କୋର କରିଥିବା ବେଳେ ପରବର୍ତ୍ତୀ ଦୁଇଟି ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୦ତମ ମିନିଟରେ ଷ୍ଟିଫାନି କେରସ ଅଷ୍ଟ୍ରେଲିଆ ପକ୍ଷରୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ୟିବି ଜାନ୍‌ସେନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ଦେହାନ୍ତ

ଜୋହାନ୍ସବର୍ଗ, ୧୮।୨ (ପି.ଟି.)

ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଅଲରାଉଣ୍ଡର ମାଇକ୍ ପ୍ରୋକ୍ଟରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ପକ୍ଷରୁ ରବିବାର ଏନେଇ ଶୋକ ପ୍ରକାଶ କରାଯାଇଛି। ପ୍ରୋକ୍ଟର ଯଦିଓ ଜଣେ ଫାଷ୍ଟ ବୋଲର ସେ ଅଫ୍ ସ୍ପିନ ବୋଲିଂ କରିପାରନ୍ତି। ଏହାଛଡ଼ା ସେ ଜଣେ ମଧ୍ୟ ହାର୍ଡ ହିଟିଂ ବ୍ୟାଟର ଥିଲେ। କହିବାକୁ ଗଲେ ସେ ଖେଳର ସମସ୍ତ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ଏକାଧାରରେ ଜଣେ ଜାତୀୟ ଅଧିନାୟକ, କୋଚ୍, ପ୍ରଶାସକ, ଚୟନକର୍ତ୍ତା, ଭାଷ୍ୟକାର ଓ ଆଇସିସି ମ୍ୟାଚ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହାଛଡା ତାଙ୍କ ଜୀବନର ଶେଷ କିଛି ବର୍ଷ ଅନଗ୍ରସର ପିଲାମାନଙ୍କୁ କୋଚିଂ ଦେଉଥିଲେ। ପ୍ରୋକ୍ଟର ବର୍ଣ୍ଣ ବୈଷମ୍ୟ ଯୁଗ ପରେ ଦକ୍ଷିଣ ଆଫ୍ରିକାର କୋଚ୍ ଦାୟିତ୍ୱରେ ଥିଲେ। ସେ ୪୦୧ ପ୍ରଥମଶ୍ରେଣୀ ଗେମ୍ ଖେଳିଥିଲେ ହେଁ ୧୯୭୦ଦଶକରୁ ୧୯୮୦ ଦଶକ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ଆଇସୋଲେଶନ ପାଇଁ ମାତ୍ର ୭ ଟେଷ୍ଟ ମ୍ୟାଚ ଖେଳି ପାରିଥିଲେ। ପ୍ରୋକ୍ଟରଙ୍କ ନାମରେ କେତେକ ଉଲ୍ଲେଖନୀୟ ରେକର୍ଡ ରହିଛି। ତନ୍ମଧ୍ୟରୁ ସେ ଗୋଟିଏ ମ୍ୟାଚରେ ଦୁଇଥର ହ୍ୟାଟ୍ରିକ ସହ ଏକ ଶତକ ହାସଲ କରିଥିଲେ। ୧୯୭୦-୭୧ରେ ଅନୁଷ୍ଠିତ କୋରି କପ୍‌ରେ ସେ ଲଗାତର ୬ ଶତକ ହାସଲ କରି ବିଶ୍ୱରେକର୍ଡ କରିଥିଲେ। ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼େଇ ବେଳେ କ୍ରୀଡ଼ାରୁ ଦକ୍ଷିଣ ଆଫ୍ରିକାକୁ ବର୍ଜନ ଯୋଗୁ ଯଦିଓ ସେ ଖୁବ୍ କମ୍ ସଂଖ୍ୟକ ଟେଷ୍ଟ ମ୍ୟାଚ ଖେଳିପାରିଛନ୍ତି, ସେ ନାଟାଲ, ଗ୍ଲାସେଷ୍ଟରଶାୟାର ଓ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ଚମତ୍କାର ପ୍ରଦର୍ଶନ କରି ତାଙ୍କ ପ୍ରଶଂସକମାନଙ୍କୁ ରୋମାଞ୍ଚିତ କରିପାରିଥିଲେ।








BOOK YOURS NOW:
FLAGSHIP DEALER: BHUBANESWAR: Konark Harley-Davidson, Ph: 7437000645 AUTHORIZED DEALERS: CUTTACK: JMG Hero, Ph: 9289922178, Sunny Hero, Ph: 9289922697, BALASORE: Neelam Hero, Ph: 9289922519, JEYPORE: Supreme Hero, Ph: 9289922183, ROURKELA: Dua Hero, Ph: 9289922179


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ